ସାପ୍ତାହିକ
Postal Regd. No.: SBP/RN-01/2022-2024
ସ୍ୱୀକାର
The Sweekar स्वीकार
www.sweekarweekly.com
ପ୍ରତିଷ୍ଠାତା ସମ୍ପାଦକ : ✓ ଶରତ ନାରାୟଣ ବେହେରା
RNI No. 66443/94
Vol.26 | Issue - 7 | 13 - 19 February 2022 | Sambalpur | Page-12 | Invitation Price Rs.10

# ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ମୋଦିଙ୍କ ପ୍ରଶଂସା

ନୂଆଦିଲ୍ଲୀ: ଓଡ଼ିଶା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସରକାର ରାଜ୍ୟରେ କେନ୍ଦ୍ର ସରକାରଙ୍କ ସହ କାନ୍ଧକୁ କାନ୍ଧ ମିଳାଇ କାର୍ଯ୍ୟ କରୁଛନ୍ତି । ଉଭୟଙ୍କ ସମନ୍ୱୟରେ ସମସ୍ତ ଆର୍ଥିକ ସଂସ୍କାର କାର୍ଯ୍ୟକାରୀ ହେଉଛି । ରାଜନୀତି ସହ ଏହାର କୌଣସି ସଂପର୍କ ନାହିଁ । ରାଜ୍ୟର ସ୍ୱାର୍ଥ ପାଇଁ ଯାହା ଉଚିତ ପଦକ୍ଷେପ ତାହା ସେ କେନ୍ଦ୍ର ସରକାରଙ୍କ ସହ ମିଶି କରୁଛନ୍ତି ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି ।

ରାଜ୍ୟସଭାରେ ରାଷ୍ଟ୍ରପତିଙ୍କ ଅଭିଭାଷଣ ଉପରେ ଆଗତ ଧନ୍ୟବାଦ ପ୍ରସ୍ତାବର ଉତ୍ତର ଦେଇ ପ୍ରଧାନମନ୍ତ୍ରୀ ମୋଦି ଓଡ଼ିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ପ୍ରଶଂସା କରିଛନ୍ତି । ସେ କହିଛନ୍ତି ରାଜ୍ୟର ପ୍ରଗତି ଘଟିଲେ ଦେଶର ପ୍ରଗତି ହୋଇପାରିବ । ବାବା ସାହେବ ଆମ୍ବେଦକର ସଂଘୀୟ ବ୍ୟବସ୍ଥା ଉପରେ ଦେଶର ସମ୍ବିଧାନ ପ୍ରସ୍ତୁତ ହେବା ସମୟରେ ଏହି କଥା ଉଲ୍ଲେଖ କରିଥିଲେ । ଦେଶରେ ଓ ରାଜ୍ୟରେ ଭିନ୍ନ ଭିନ୍ନ ସରକାର ଥାଇପାରନ୍ତି । କିନ୍ତୁ ରାଜ୍ୟ ତଥା ଦେଶର ଉନ୍ନତି ପାଇଁ ସମସ୍ତଙ୍କୁ ମିଳିମିଶି କାର୍ଯ୍ୟ କରିବାକୁ ପଡ଼ିବ । ଯଦି କିଛି ଭିନ୍ନ ମତ ରହେ ଆଲୋଚନା ମାଧ୍ୟମରେ ସମାଧାନ କରିହେବ ।

ଧନ୍ୟବାଦ ପ୍ରସ୍ତାବ ନେଇ ଆଲୋଚନା ସମୟରେ ମୋଦି ସରକାର ସଂଘୀୟ ବ୍ୟବସ୍ଥାର ସମ୍ମାନ କରୁନାହାନ୍ତି ବୋଲି କେତେକ ବିରୋଧୀ ଦଳର ନେତା ସମାଲୋଚନା କରିଥିଲେ । ବିରୋଧୀ ଦଳ ନେତା ମଲ୍ଲିକାର୍ଜୁନ ଖଡଗେ ଓ ଅନ୍ୟ କେତେକ ନେତା ମୋଦି ସରକାରଙ୍କୁ ଏନେଇ କାଠଗଡାରେ ଛିଡ଼ା କରିବାକୁ ଉଦ୍ୟମ କରିଥିଲେ । ଏପରିକି



ବିଜେଡି ମଧ ସଂଘୀୟ ବ୍ୟବସ୍ଥାର ଉଲ୍ଲଂଘନ ନେଇ କେତେକ ପ୍ରଶ୍ନ ଉଠାଇଥିଲେ । ମୋଦି କହିଥିଲେ, ସଂଘୀୟ ବ୍ୟବସ୍ଥାର ଏ ଜ୍ୱଳନ୍ତ ଉଦାହରଣ ହେଉଛି କରୋନା କାଳରେ କିଭଳି ଦେଶର ସମସ୍ତ ରାଜ୍ୟ ଓ କେନ୍ଦ୍ର ସରକାରମାନେ ଏହି ମହାମାରୀର ମୁକାବିଲା କରିଥିଲେ । ମୁଖ୍ୟମନ୍ତ୍ରୀମାନଙ୍କ ସହ କେନ୍ଦ୍ର ସରକାର ୨୩ ଥର ବୈଠକ କରିଥିଲେ । ରାଜ୍ୟରୁ ଯେଉଁ ପ୍ରସ୍ତାବମାନ ଆସୁଥିଲା ସେ ସବୁକୁ କାର୍ଯ୍ୟକାରୀ କରାଯାଉଥିଲା । ସମସ୍ତ ମତଭେଦକୁ ଭୁଲି ଏହି ମହାମାରୀର ମିଳିତ ଭାବେ ମୁକାବିଲା କରିଥିଲେ । ସେହିଭଳି ଆଉ ଏକ ଉଦାହରଣ ହେଉଛି ଜିଏସ୍‌ଟି ପରିଷଦ । ସମସ୍ତ ରାଜ୍ୟର ଅର୍ଥମନ୍ତ୍ରୀ ଏବଂ କେନ୍ଦ୍ର ଅର୍ଥମନ୍ତ୍ରୀ ମିଳିତ ଭାବେ ଏହି ଟିକସ ବ୍ୟବସ୍ଥା ନେଇ ନିଷ୍ପତି ନେଇଛନ୍ତି । ଏ ପର୍ଯ୍ୟନ୍ତ କୌଣସି ବିବାଦ ସୃଷ୍ଟି ହୋଇନାହିଁ । ସବୁ ନିଷ୍ପତ୍ତି ସର୍ବସମ୍ମତି କ୍ରମେ ନିଆଯାଇଛି ।

ମୋଦି ଦର୍ଶାଇଥିଲେ ତାଙ୍କ ସରକାର ୨୦୧୪ ରେ କ୍ଷମତାକୁ ଆସିବା ପରେ ଖଣିଜ ପଦାର୍ଥର ନିଲାମ ନେଇ ସଂଶୋଧନ କରାଯାଇଥିଲା । ଯାହାଫଳରେ ରାଜ୍ୟମାନଙ୍କୁ ୧୪ ହଜାର କୋଟିରୁ ଖଣିଜ ପଦାର୍ଥର ରାଜସ୍ୱ ୩୫ ହଜାର କୋଟିକୁ ବୃଦ୍ଧି ପାଇଥିଲା । ଏହି ପ୍ରକ୍ରିୟାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଭୂମିକା ଉଲ୍ଲେଖନୀୟ । ଏହାଦ୍ୱାରା ଖଣିଜ ପଦାର୍ଥ ଉତ୍ପାଦନକାରୀ ରାଜ୍ୟମାନଙ୍କୁ ବହୁତ ଲାଭ ହୋଇଥିଲା । ଏହା ସହଯୋଗମୂଳକ ସଂଘୀୟ ବ୍ୟବସ୍ଥାର ଏକ ବଡ଼ ଉଦାହରଣ ଥିଲା । ପ୍ରଧାନମନ୍ତ୍ରୀ କହିଥିଲେ, ତାଙ୍କ ସରକାର ରାଜ୍ୟମାନଙ୍କ ସମସ୍ୟା ସହ ସୁପରିଚିତ । ରାଜ୍ୟମାନଙ୍କର ବିଭିନ୍ନ ଦାବିକୁ ତାଙ୍କ ସରକାର ରାଜନୀତିରେ ପ୍ରେରିତ ନ ହୋଇ ସର୍ବାଧିକ ଗୁରୁତ୍ୱ ଦେଉଛନ୍ତି । ସେ ମଧ ଏହି ପ୍ରସଙ୍ଗରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ଆକାଂକ୍ଷୀ ଜିଲ୍ଲାମାନଙ୍କର ବିକାଶ ନେଇ ରାଜ୍ୟମାନଙ୍କ ସହ ସାମିଲ ହୋଇ କାର୍ଯ୍ୟ କରାଯାଉଥିବା କଥା ଉଲ୍ଲେଖ କରିଥିଲେ । ଓଡ଼ିଶା ସମେତ ବିଭିନ୍ନ ରାଜ୍ୟର ଆକାଂକ୍ଷୀ ଜିଲ୍ଲାମାନେ ଉତ୍ତମ କାର୍ଯ୍ୟ କରୁଛନ୍ତି ବୋଲି ମୋଦି କହିଥିଲେ ।

# ଝାରସୁଗୁଡ଼ା ଡିଏଭି ଛାତ୍ରୀ ପ୍ରେକ୍ଷା ଶର୍ମାଙ୍କ ଜାତୀୟ ରେକର୍ଡ଼

ଝାରସୁଗୁଡ଼ା: ଡିଏଭିରେ ଏକାଦଶ ଶ୍ରେଣୀରେ ଅଧ୍ୟୟନରତା ବାଣିଜ୍ୟ ବିଭାଗର ଛାତ୍ରୀ ପ୍ରେକ୍ଷା ଶର୍ମା ଇନଷ୍ଟିଚ୍ୟୁଟ ଅଫ ଚାର୍ଟର୍ଡ଼ ଆକାଉଣ୍ଟାଣ୍ଟ ଅଫ ଇଣ୍ଡିଆ ଦ୍ୱାରା ସର୍ବଭାରତୀୟ ସ୍ତରରେ ଆୟୋଜିତ ଲେବଲ-୨ ପରୀକ୍ଷାରେ ଦ୍ୱିତୀୟ ରେଙ୍କ ସହ ପଚାଶ ହଜାର ଟଙ୍କା ପୁରସ୍କାର ରାଶି ପ୍ରାପ୍ତ ହେବାର ସୌଭାଗ୍ୟ ଅର୍ଜନ କରିଛନ୍ତି । ଆଇ.ସି.ଏ.ଆଇ. ଦ୍ୱାରା ୧୬ ଜାନୁଆରୀରେ ହୋଇଥିବା ଲେବଲ-୧ ପରୀକ୍ଷାରେ କୃତିତ୍ୱ ହାସଲ କଲା ପରେ ଲେବଲ-୨ ପରୀକ୍ଷାରେ



ଅଂଶଗ୍ରହଣ କରିଥିଲେ । ସର୍ବଭାରତୀୟ ସ୍ତରରେ ଲକ୍ଷ ଲକ୍ଷ ଆଶାୟୀ ଚାର୍ଟର୍ଡ଼ ଆକାଉଣ୍ଟାଣ୍ଟ ଛାତ୍ରଛାତ୍ରୀଙ୍କ ସହ ପ୍ରତିଦ୍ୱନ୍ଦିତା କଲା ପରେ ପ୍ରେକ୍ଷା ଶର୍ମା ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି । ତାଙ୍କର ଏ ପ୍ରକାର ସଫଳତା ପାଇଁ ବିଦ୍ୟାଳୟର ଅଧ୍ୟକ୍ଷ ପ୍ରଶାନ୍ତ କୁମାର ପଣ୍ଡାଙ୍କ ସମେତ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ମେଧାବୀ ପ୍ରେକ୍ଷାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ପ୍ରେକ୍ଷା ଜଣେ ଦକ୍ଷ ସି.ଏ. ହେବା ସହ ବିଦେଶରେ ମଧ ସୁନାମ ବ୍ୟାପ୍ତ କରିବାର ଲକ୍ଷ୍ୟ ରଖିଛନ୍ତି । ସୂଚନାଯୋଗ୍ୟ, ପ୍ରେକ୍ଷା ଶର୍ମା ଗତ ଦଶମ ଶ୍ରେଣୀ ବୋର୍ଡ଼ ପରୀକ୍ଷାରେ ୯୮.୨ ପ୍ରତିଶତ ନମ୍ବର ରଖି ମେଧାବୀ ଛାତ୍ରଛାତ୍ରୀ ତାଲିକାର ଶୀର୍ଷରେ ସ୍ଥାନିତ ହୋଇଥିଲେ । ନିଜ କଠିନ ପରିଶ୍ରମ ଓ ଅଧ୍ୟବସାୟ ସାଙ୍ଗକୁ ପିତାମାତା ଓ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ନିରନ୍ତର ସହଯୋଗ ଓ ଆଶୀର୍ବାଦ ଯୋଗୁଁ ଏ ପ୍ରକାର ଅଭୂତପୂର୍ବ ସଫଳତା ପ୍ରାପ୍ତି ହୋଇଥିବା କଥା ପ୍ରତିକ୍ରିୟାରେ କହିଛନ୍ତି । ଜାତୀୟ ରେକର୍ଡ଼ ଅଧିକାରୀଣୀ ପ୍ରେକ୍ଷା ଶର୍ମା ବେଦାନ୍ତ ଆଲୁମିନା କମ୍ପାନୀରେ କାର୍ଯ୍ୟରତ ବିଭାଗୀୟ ମ୍ୟାନେଜର ଆଲୋକ ଶର୍ମା ଓ ଗୃହିଣୀ ଶିଖା ଶର୍ମାଙ୍କ ଝିଅ ଅଟନ୍ତି ।

# ସମ୍ବଲପୁର ବିଶ୍ୱବିଦ୍ୟାଳୟରେ 'ଇ ଅଫିସ୍' ଉଦ୍‌ଘାଟିତ

ବୁର୍ଲା : ଅନୁଷ୍ଠାନର ପ୍ରଶାସନରେ ଅଧିକ ସ୍ୱଚ୍ଛତା ଏବଂ ଅଧିକ ଦକ୍ଷତା ସୁନିଶ୍ଚିତ କରିବା ବ୍ୟତୀତ ନଥିପତ୍ର, ଫାଇଲ ଗୁଡ଼ିକର ନୋଟିସ ଏବଂ ସ୍ଥାନାନ୍ତର ସମ୍ବନ୍ଧରେ କାର୍ଯ୍ୟାଳୟକୁ କାଗଜମୁକ୍ତ (ପେପର୍‌ଲେସ୍) କରାଯିବା ପରିପ୍ରେକ୍ଷୀରେ ସମ୍ବଲପୁର ବିଶ୍ୱବିଦ୍ୟାଳୟ ଇ-ଅଫିସ୍ ଉଦ୍‌ଘାଟିତ ହୋଇଯାଇଛି । କୁଳପତି ପ୍ରଫେସର ସଞ୍ଜିବ ମିତ୍ତଲ ଏହା ଉଦ୍‌ଘାଟନ କରି କହିଥିଲେ ଯେ, ସ୍ୱଚ୍ଛତା, ଦକ୍ଷତା ଏବଂ ଉତ୍ତରଦାୟିତ୍ୱ ପାଇଁ ଇ-ଅଫିସ ଏକ ପ୍ରଭାବଶୀଳ ସାଧନ ହେବାସହ ସମ୍ବଲପୁର ବିଶ୍ୱବିଦ୍ୟାଳୟ ଏହି ପଦକ୍ଷେପ ନେଇ ନୂତନ ଉତ୍କର୍ଷତା ହାସଲ କରିପାରିବ । ଗୋଟିଏ ଫ୍ରେମକ ଢାଞ୍ଚାରେ ଆତ୍ମନିର୍ଭରଶୀଳ ସ୍ୱାଧୀନ କାର୍ଯ୍ୟ ଏବଂ ବ୍ୟବସ୍ଥାକୁ ଏକାଠି କରିଥାଏ । ଏହା ସ୍ୱଚ୍ଛତା ବୃଦ୍ଧି କରିବା ସହ ଫାଇଲଗୁଡ଼ିକ ଟ୍ରାକ୍ କରାଯାଇପରିବ ଏବଂ - ସେମାନଙ୍କ ସ୍ଥିତି ସବୁବେଳେ ଜଣା ପଡ଼ିପାରିବ । ଗୁଣବତ୍ତା ଏବଂ ଦାୟିତ୍ୱ ତଦାରଖ କରିବା ସହଜ ହେବା ସହିତ ଉତ୍ତର ଦାୟିତ୍ୱ ବୃଦ୍ଧି ପାଇବ । ଏହା ଉତ୍ପାଦନ ବୃଦ୍ଧି ବ୍ୟତୀତ ତଥ୍ୟ




ସୁରକ୍ଷା ଏବଂ ତଥ୍ୟର ସତ୍ୟତାକୁ ନିଶ୍ଚିତ କରିବ । ଏହି ପଦକ୍ଷେପ ପରେ ଫାଇଲଗୁଡ଼ିକ ଟେବୁଲକୁ ଟେବୁଲ ବୁଲି କାଗଜପତ୍ର ଭୁଲ ସ୍ଥାନାନ୍ତରିତ ହେବନାହିଁ ବୋଲି ସେ ସୂଚନା ଦେଇଛନ୍ତି । କୁଳସଚିବ ନୃପରାଜ ସାହୁ ୧୪୮ଟି ସରକାରୀ କାର୍ଯ୍ୟାଳୟରେ ଇ-ଅଫିସ ଲାଗୁ କରାଯାଇଛି ଏବଂ ଏହା କରୋନା ମହାମାରୀ ସମୟରେ ଅତ୍ୟନ୍ତ ଉପଯୋଗୀ ପ୍ରମାଣିତ ହୋଇଛି । ଇ-ଅଫିସ୍‌ର କାର୍ଯ୍ୟାନ୍ୱୟନ ସହିତ ୫ଟି - ସ୍ୱଚ୍ଛତା, ପ୍ରଯୁକ୍ତିବିଦ୍ୟା, ଦଳଗତ କାର୍ଯ୍ୟ, ସମୟ ଏବଂ ପରିବର୍ତ୍ତନ ହାସଲ ହୋଇ ପାରିବ ବୋଲି ସେ କହିଥିଲେ । ଆଭାସି ମାଧ୍ୟମରେ ଉନ୍ମୋଚନ ସମାରୋହରେ ଜାତୀୟ ଇନଫର୍ମେଟିକ୍ସ କେନ୍ଦ୍ରର କବିତା ରାୟ ଦାସ ଇ-ଅଫିସ୍ କାର୍ଯ୍ୟ ବିଷୟରେ ବିସ୍ତୃତ ସମୀକ୍ଷା କରିଥିଲେ । ୨୦୦୯ରେ ଆରମ୍ଭ ହୋଇଥିବା ଜାତୀୟ ଇ-ଗଭର୍ଣ୍ଣାନ୍ସ ଯୋଜନା ଅନ୍ତର୍ଗତ ଇ-ଅଫିସ୍ ହେଉଛି ଏକ ମିଶନ ମୋଡ୍ ପ୍ରୋଜେକ୍ଟ । ପ୍ରକଳ୍ପ ସଂଯୋଜକ ସିଏମଜି ପିନାକି ମହାନ୍ତି କହିଛନ୍ତି ଯେ କର୍ମଚାରୀଙ୍କ ପାଇଁ ଇ-ଅଫିସ୍ ଏକ ସୁବିଧାଜନକ ବ୍ୟବସ୍ଥା, ଯାହା କାର୍ଯ୍ୟଭାର ହ୍ରାସ କରିବା ସହିତ କର୍ମଚାରୀଙ୍କ ଦକ୍ଷତା ନିଶ୍ଚିତ କରିବ । ଭାରପ୍ରାପ୍ତ ସ୍ନାତକୋତ୍ତର ସମୂହ ଅଧ୍ୟକ୍ଷ ଅଜୟ ବେହେରା ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ । ବତ୍ତ ନିୟନ୍ତ୍ରକ ଅଶୋକ ବେହେରା, ପରୀକ୍ଷା ନିୟନ୍ତ୍ରକ ରବୀନ୍ଦ୍ର ପାଣିଗ୍ରାହୀ, ସମ୍ବଲପୁର ବିଶ୍ୱବିଦ୍ୟାଳୟର ଇ-ଗଭର୍ଣ୍ଣାନ୍ସ ନିର୍ଦ୍ଦେଶକ ଚନ୍ଦ୍ରଶେଖର ପଣ୍ଡା ତଥା ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ ।

## କୋଭିଡ଼ର ନୂଆ ପ୍ରକରଣ ଅଧିକ ସଂକ୍ରାମକ ହେବ: ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ

ନୂଆଦିଲ୍ଲୀ: ଓମିକ୍ରନ ପରେ କୋଭିଡ-୧୯ ଭୁତାଣୁ ତାହାର ରୂପ ବଦଳାଇବା ବନ୍ଦ କରିବ ନାହିଁ । ଏହାର ନୂଆ ପ୍ରକରଣ ଅଧିକ ସଂକ୍ରାମକ ହେବ, ସମ୍ଭବତଃ ଅଧିକ ଘାତକ ହେବ ବୋଲି ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ହୁ) ପକ୍ଷରୁ ବିଶ୍ୱବାସୀଙ୍କୁ ସତର୍କ କରି ଦିଆଯାଇଛି । ହୁ'ର ଏଭଳି ଚେତାବନୀ ପରେ କୋଭିଡକୁ ନେଇ ପୁଣି ଭୟ ବୃଦ୍ଧି ପାଇଛି । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ମହାମାରୀ ବିଶେଷଜ୍ଞ ଏବଂ କୋଭିଡ-୧୯ ଉପରେ ବୈଷୟିକ ଦଳର ନେତୃତ୍ୱ ନେଉଥିବା ଡାକ୍ତର ମାରିଆ ଭାନ୍ କେରଖୋଭ ସତର୍କ କରାଇଦେଇ କହିଛନ୍ତି ଯେ, କୋଭିଡର ପରବର୍ତ୍ତୀ ପ୍ରକରଣ ଅଧିକ ସଂକ୍ରାମକ ହେବ ଏବଂ ଏହା ପୂର୍ବ ପ୍ରକରଣ ଗୁଡିକ ତୁଳନାରେ ଅଧିକ ଘାତକ ହୋଇ ପାରେ । ଏହା ମଧ କହିଛନ୍ତି ଯେ ଏହି ମହାମାରୀ ଏବେ ପୃଥିବୀ ପୃଷ୍ଠରୁ ଦୂର ହେବାର ସମ୍ଭାବନା ନାହିଁ । ଡକ୍ଟର ମାରିଆ ଭାନ୍ କହିଛନ୍ତି, କୋଭିଡର ନୂଆ ପ୍ରକରଣ ସହଜରେ ରୋଗ ପ୍ରତିରୋଧ କ୍ଷମତାକୁ ଭେଦ କରିପାରିବ ଏବଂ ଏ କ୍ଷେତ୍ରରେ ଟିକା କମ୍ ପ୍ରଭାବୀ ହେବ । ତେବେ ଜନସାଧାରଣ କୋଭିଡ

World Health Organization

ଟିକା ନେବା ଅନିବାର୍ଯ୍ୟ ବୋଲି ସେ ଗୁରୁତ୍ୱର ସହିତ କହିଛନ୍ତି । କାରଣ ଏହି ଟିକା ଗୁରୁତର ଅସୁସ୍ଥତା ଏବଂ ମୃତ୍ୟୁ ଭଳି ପରିସ୍ଥିତିରୁ ସୁରକ୍ଷା ପ୍ରଦାନ କରୁଛି ।

ଅପର ପକ୍ଷରେ କରୋନା ଟିକା ଉତ୍ପାଦନ କ୍ଷେତ୍ରରେ ଭାରତ ବିଶ୍ୱର ସୁପର ପାୱାର ହେବ ବୋଲି ଆଇସିଏମଆର ମହାନିର୍ଦ୍ଦେଶକ ଡକ୍ଟର ବଳରାମ ଭାର୍ଗବ ସୂଚନା ଦେଇଛନ୍ତି । ସେ କହିଛନ୍ତି ଯେ, ଏ ପର୍ଯ୍ୟନ୍ତ ଦେଶର ମୋଟ ଜନସଂଖ୍ୟାର ୯୬ ପ୍ରତିଶତ ଲୋକଙ୍କୁ କରୋନା ଟିକାର ପ୍ରଥମ ଡୋଜ ଦିଆଯାଇଛି । ସେହିପରି ୭୫ ପ୍ରତିଶତରୁ ଅଧିକ ଲୋକଙ୍କୁ କରୋନା ଟିକାର ଦ୍ୱିତୀୟ ଡୋଜ ଦିଆଯାଇଛି । ଡକ୍ଟର ଭାର୍ଗବ କହିଛନ୍ତି ଯେ ମେସେଞ୍ଜର ଆରଏନଏ ଟୀକାକରଣର କ୍ଲିନିକାଲ ପରୀକ୍ଷଣର ତିନୋଟି ପର୍ଯ୍ୟାୟ ସମାପ୍ତ ହୋଇଛି । କରୋନା ସଂକ୍ରମଣକୁ ରୋକିବା ବ୍ୟତୀତ ଏହି ଟିକା ଭବିଷ୍ୟତରେ ଅନ୍ୟ ରୋଗର ଚିକିତ୍ସା ପାଇଁ ମଧ ବ୍ୟବହାର କରାଯାଇ ପାରିବ । ଟିକା ମାଧ୍ୟମରେ ଦେଶ ଅନ୍ୟ ରୋଗକୁ ରୋକିବାରେ ମଧ ସକ୍ଷମ ହେବା । ବହୁ ସଂଖ୍ୟକ ଲୋକ ଟୀକାକରଣ ଅଭିଯାନରେ ସାମିଲ ହେବା ନେଇ ଉତ୍ସାହ ଦେଖାଇଥିଲେ । ଫଳ ସ୍ୱରୂପ କୋଭିଡ ମହାମାରୀର ତୃତୀୟ ଲହରକୁ ରୋକିବାରେ ଆମେ ସକ୍ଷମ ହୋଇଛୁ । ତୃତୀୟ ଲହରରେ ବହୁତ କମ ଲୋକ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି । ସାଧାରଣ ଔଷଧ ଖାଇବା ସହ ଘରେ ସଙ୍ଗରୋଧରେ ରହି ଅଧିକାଂଶ ଲୋକ ଆରୋଗ୍ୟ ଲାଭ କରିଥିବା ସେ କହିଛନ୍ତି ।


## ଏ ସଂଖ୍ୟାରେ..


ଶରୀର ପାଇଁ ଲାଭ ଖଜୁରୀ


ଶୁଣ୍ଠିର ଔଷଧୀୟ ଗୁଣ


ସ୍ୱାସ୍ଥ୍ୟ ପାଇଁ ଭଲ ପାଳଙ୍ଗ ଜୁସ୍


ସ୍ୱାସ୍ଥ୍ୟକର ବନ୍ଧାକୋବି


ମେଥିର ଉପକାରିତା

# ଓଡ଼ିଶା ବିଧାନ ପରିଷଦ ଗଠନ ପ୍ରସଙ୍ଗ

ଭୁବନେଶ୍ୱର : ବିଧାନ ପରିଷଦ ଗଠନ କରିବା ନେଇ ଓଡ଼ିଶା ସରକାରଙ୍କ ନିକଟରୁ କୌଣସି ପ୍ରସ୍ତାବ ହସ୍ତଗତ ହୋଇନାହିଁ ବୋଲି ରାଜ୍ୟସଭାରେ କେନ୍ଦ୍ର ଆଇନ ଓ ନ୍ୟାୟ ମନ୍ତ୍ରୀ କିରଣ ରିଜିଜୁ ରାଜ୍ୟସଭା ସାଂସଦ ପ୍ରସନ୍ନ ଆଚାର୍ଯ୍ୟଙ୍କ ଏକ ପ୍ରଶ୍ନର ଉତ୍ତରରେ କହିଥିଲେ । ତେବେ ଓଡ଼ିଶା ବିଧାନସଭାର ବାଚସ୍ପତି ଡକ୍ଟର ସୂର୍ଯ୍ୟନାରାୟଣ ପାତ୍ର ବିଧାନସଭାରେ ପାରିତ ସଂକଳ୍ପପତ୍ରର ନକଲ ଲୋକସଭାର ମହାସଚିବ (ସେକ୍ରେଟାରୀ ଜେନେରାଲ) ଓ ରାଜ୍ୟସଭାର ମହାସଚିବ, କେନ୍ଦ୍ର ଆଇନ ଓ ନ୍ୟାୟ ମନ୍ତ୍ରାଳୟର ସଚିବ ଏବଂ କେନ୍ଦ୍ର ସଂସଦୀୟ ବ୍ୟାପାର ମନ୍ତ୍ରାଳୟର ସଚିବଙ୍କୁ ଚିଠି ଜରିଆରେ ପ୍ରେରଣ କରାଯାଇଛି ବୋଲି ସ୍ପଷ୍ଟୀକରଣ ଦେଇଛନ୍ତି । ଲୋକସଭାରେ ଏହି ପ୍ରସଙ୍ଗରେ ବିଜେଡି ସାଂସଦ ଭର୍ତ୍ତୃହରି ମହତାବ ମଧ କେନ୍ଦ୍ର ଆଇନ ମନ୍ତ୍ରୀଙ୍କର ଏଭଳି ଉତ୍ତରରେ ନିଜର ତ୍ରୁଟି ସଂଶୋଧନ କରିବାକୁ ସେ ଲୋକସଭା ବାଚସ୍ପତିଙ୍କ ଜରିଆରେ ଦୃଷ୍ଟି ଆକର୍ଷଣ କରିଛନ୍ତି ।

ସେ କହିଛନ୍ତି, ଓଡ଼ିଶା ବିଧାନ ପରିଷଦ ଗଠନ ନିମନ୍ତେ ୨୦୧୫ରେ ଡାକ୍ତର ନୃସିଂହ ଚରଣ ସାହୁଙ୍କ ଅଧକ୍ଷତାରେ ଏକ ପାଞ୍ଚଜଣିଆ କମିଟି ଗଠନ ହୋଇଥିଲା । ସେଥିରେ ବିଧାୟିକା ପ୍ରମିଳା ମଲ୍ଲିକ, ବିଧାୟକ ଭୁଜବଳ ମାଝି, ମନୋହର ରନ୍ଧାରୀ ଓ ନିତେଶ ଗଙ୍ଗଦେବ ସଭ୍ୟ ରହିଥିଲେ । ଭୁବନେଶ୍ୱର ସ୍ଥିତ ସ୍ୱତନ୍ତ୍ର ସର୍କିଟ ହାଉସରେ କମିଟିର ପ୍ରଥମ ବୈଠକ ବସିଥିଲା ପରବର୍ତ୍ତୀ ସମୟରେ ଫେବୃଆରୀ ୨, ୨୦୧୫, ସେହିବର୍ଷ ମେ ୨୦ ଏବଂ ଜୁଲାଇ ୪, ୨୦୧୮ ଏବଂ ଜୁଲାଇ ୧୬ରେ କମିଟି ଯଥାକ୍ରମେ କର୍ଣ୍ଣାଟକ, ମହାରାଷ୍ଟ୍ର, ବିହାର ଓ ତେଲଙ୍ଗାନା ରାଜ୍ୟ ଗସ୍ତ କରି ସେଠାରେ ଚାଲିଥିବା ବିଧାନ ପରିଷଦ ଉପରେ ଅନୁଧ୍ୟାନ କରି ଏକ ବିବରଣୀ ପ୍ରସ୍ତୁତି କରି ରାଜ୍ୟ ସରକାରଙ୍କୁ ଦେଇଥିଲେ । ରାଜ୍ୟ ସରକାର ଏହି ବିବରଣୀ ପାଇବା ପରେ ସଂସଦୀୟ ବ୍ୟାପାର ମନ୍ତ୍ରୀ ଅଗଷ୍ଟ ୨୯, ୨୦୧୮ରେ ଓଡ଼ିଶାରେ ବିଧାନ ପରିଷଦ ଗଠନ କରିବା ନେଇ ଏକ ସଂକଳ୍ପ ବିଧାନସଭାକୁ ପଠାଇଥିଲେ । ଉକ୍ତ ପ୍ରସ୍ତାବକୁ ସେପ୍ଟେମ୍ବର ୫, ୨୦୧୮ରେ ସମସ୍ତ ବିଧାୟକ, ବିଧାୟିକାଙ୍କ ମଧ୍ୟରେ ବଣ୍ଟା ଯାଇଥିଲା । ସେପ୍ଟେମ୍ବର ୬, ୨୦୧୮ରେ ଏହି ପ୍ରସ୍ତାବ ଉପରେ ବିଧାନସଭାରେ ଆଲୋଚନା କରାଯାଇ ଭୋଟିଂ ହୋଇଥିଲା ପ୍ରସ୍ତାବଟିକୁ ଦୁଇ ତୃତୀୟାଂଶରୁ ଅଧିକ ସଭ୍ୟାସଭ୍ୟା ଉପସ୍ଥିତ ରହି ଭାରତୀୟ ସମ୍ବିଧାନର ଧାରା ୧୬୯(୧) ଅନୁଯାୟୀ ଗ୍ରହଣ କରାଯାଇଥିଲା । ବିଧାନସଭାର ୧୭୪ ସଭ୍ୟସଭ୍ୟା ମଧ୍ୟରୁ ୧୦୪ ଜଣ ସମସ୍ତ ଦଳରୁ ବିଧାୟକ, ବିଧାୟିକା ଉପସ୍ଥିତ ରହି ସମସ୍ତେ ପ୍ରସ୍ତାବ ସପକ୍ଷରେ ଭୋଟ ଦେଇଥିଲେ । କେହି ବି ବିପକ୍ଷରେ ଭୋଟ ଦେଇ ନଥିଲେ ଏବଂ ପ୍ରସ୍ତାବଟି ସର୍ବସମ୍ମତି କ୍ରମେ ଗୃହୀତ ହୋଇଥିଲା ।

ସେହି ସମୟରେ ଓଡ଼ିଶା ସରକାରଙ୍କ ସଂସଦୀୟ ବ୍ୟାପାର ବିଭାଗ ଆୟୁକ୍ତ ତଥା ଶାସନ ସଚିବଙ୍କୁ ମଧ ପାରିତ ପ୍ରସ୍ତାବକୁ ପ୍ରେରଣ କରାଯାଇଥିଲା । କେନ୍ଦ୍ର ସରକାରଙ୍କ ଆଇନ ଓ ନ୍ୟାୟ ମନ୍ତ୍ରାଳୟ ସଚିବଙ୍କଠାରୁ ସଂସଦୀୟ ବ୍ୟାପାର ସଚିବଙ୍କ ପର୍ଯ୍ୟନ୍ତ ଚିଠି ପ୍ରେରଣ କରାଯିବା ପରେ ରାଜ୍ୟସଭାରେ କେନ୍ଦ୍ରମନ୍ତ୍ରୀଙ୍କ ଉତ୍ତର ପାରିତ ସଂକଳ୍ପ ପ୍ରସ୍ତାବ ପାଇ ନଥିବା ରାଜ୍ୟ ସରକାର, ବିଧାନସଭା ଓ ଜନସାଧାରଣଙ୍କୁ ଚକିତ କରିଛି ବୋଲି ବାଚସ୍ପତି କହିଛନ୍ତି ।

## ଡାକ୍ତର ଆର୍ତ୍ତତ୍ରାଣ ପାଣିଗ୍ରାହୀଙ୍କ ପରଲୋକ

ସମ୍ବଲପୁର : ଗରିବ ଲୋକଙ୍କ ଡାକ୍ତର ରୂପେ ପରିଚିତ ଡାକ୍ତର ଆର୍ତ୍ତତ୍ରାଣ ପାଣିଗ୍ରାହୀଙ୍କ ପରଲୋକ ହୋଇ ଯାଇଛି । ମୃତ୍ୟୁ ବେଳକୁ ତାଙ୍କୁ ୭୫ ବର୍ଷ ବୟସ ହେଉଥିଲା । ସେ ତାଙ୍କର ପଛରେ ସ୍ତ୍ରୀ ସୁଷମା, ଏକମାତ୍ର ପୁଅ ଦେବାଶୀଷ ଏବଂ ଝିଅ ମାଧୁରୀ ସମେତ ନାତି ନାତୁଣୀଙ୍କୁ ଛାଡି ଯାଇଛନ୍ତି ।



ସ୍ୱର୍ଗତ ପାଣିଗ୍ରାହୀ ବୁର୍ଲା ମେଡିକାଲରୁ ଏମ୍‌ବିବିଏସ୍ ପାଠ ପଢ଼ିସାରିବା ପରେ ସେ ଚାକିରୀ ନ କରି ବଡ଼ବଜାରରେ ଏକ କ୍ଲିନିକ୍ ଖୋଲି ଘରୋଇ ଚିକିତ୍ସା ଆରମ୍ଭ କରିଥିଲେ । ହେଲେ ଏହାକୁ ସେ କୌଣସି ବ୍ୟବସାୟିକ ମନୋବୃତ୍ତି ନେଇ ଆରମ୍ଭ କରି ନ ଥିଲେ । ବରଂ, ଅତି ସ୍ୱଳ୍ପ ତଥା ନାମକୁ ମାତ୍ର ଫି ରେ ଲୋକଙ୍କୁ ସେବା ଯୋଗାଇ ଆସୁଥିଲେ । ଏପରିକି ଗରିବ ତଥା ଅସହାୟ ରୋଗୀଙ୍କୁ ମାଗଣାରେ ଚିକିତ୍ସା କରିବା ସହିତ ମାଗଣାରେ ଔଷଧ ବି ଦେଇ ଆସୁଥିଲେ । ତାଙ୍କର ଏଭଳି ସେବା ମନୋବୃତ୍ତି ଯୋଗୁଁ ସମ୍ବଲପୁର ସମେତ ଆଖପାଖ ଜିଲ୍ଲାର ବହୁ ଗରିବ ରୋଗୀଙ୍କ ପାଇଁ ସେ ଭଗବାନ ସଦୃଶ ହୋଇ ଯାଇଥିଲେ । ତାଙ୍କ ବିୟୋଗରେ ସହରରେ ଶୋକର ଛାୟା ଖେଳି ଯାଇଛି । ତାଙ୍କୁ ସମ୍ମାନ ଜଣାଇ ବଡବଜାର ବାସିନ୍ଦାଙ୍କ ତରଫରୁ ବଡ଼ବଜାରରେ ଦୋକାନ ବଜାର ବନ୍ଦ କରାଯାଇଥିଲା ।

## ସଂକୀର୍ତ୍ତନକୁ ସ୍ୱତନ୍ତ୍ର ମାନ୍ୟତା ପ୍ରଦାନ ପାଇଁ ଦାବି

ଭୁବନେଶ୍ୱର: ପାରମ୍ପରିକ ଲୋକକଳା ସଂକୀର୍ତ୍ତନକୁ ଜୀବିକା କରି ବଞ୍ଚୁଥିବା ଲୋକେ ଏବେ ଦୟନୀୟ ଜୀବନ କାଟୁଛନ୍ତି । ପୂଜା ପାର୍ବଣ, ରାଜ୍ୟସ୍ତରୀୟ ମହୋତ୍ସବରେ ଯେଉଁମାନେ ଏହି ୬ ପାରମ୍ପରିକ କଳାକୁ ଅଧିକ ଆକର୍ଷଣୀୟ ଢ଼ଙ୍ଗରେ ପ୍ରସାର କରାଇବା ପାଇଁ ଅହରହ ଉଦ୍ୟମ ଚଳାଇଛନ୍ତି ସେମାନଙ୍କୁ ପ୍ରୋତ୍ସାହନ ଦିଆଯାଉ ନାହିଁ । ଫଳରେ ଏହାକୁ ପେସା କରିଥିବା ଲୋକଙ୍କ ଭିତରେ ଅସନ୍ତୋଷ ଦେଖା ଦେଇଛି । ପାରମ୍ପରିକ ଲୋକକଳା 'ସଂକୀର୍ତ୍ତନ'କୁ ସ୍ୱତନ୍ତ୍ର ମାନ୍ୟତା ପ୍ରଦାନ ସମେତ ଦଶଦଫା ଦାବି ପୂରଣ ପାଇଁ ନିଖିଳ ଉତ୍କଳ ସଂକୀର୍ତ୍ତନ ମହାସଂଘ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ହସ୍ତକ୍ଷେପ ଲୋଡ଼ିଛି ।

ରାଜ୍ୟ ସରକାର ପାରମ୍ପରିକ କଳା ସଂସ୍କୃତିର ସୁରକ୍ଷା ଦିଗ ଉପରେ ଜୋର ଦେଉ ଥିବାବେଳେ ଏ ସଂକ୍ରାନ୍ତ ଯୋଜନା ଫାଇଲ ଭିତରେ ବନ୍ଧା ହୋଇ ରହୁଛି । ବିଶେଷ କରି ସଂକୀର୍ତ୍ତନ କଳାକୁ ବିକଶିତ କରିବା ଦିଗରେ ସଂଗ୍ରାମ ଚଳାଇଥିବା କଳାକାରଙ୍କ ପ୍ରତି ଅବିଚାର କରାଯାଉଛି ଓ ସେମାନଙ୍କୁ ନ୍ୟାଯ୍ୟ ଅଧିକାରରୁ ବଞ୍ଚିତ କରାଯାଉଛି ବୋଲି ମହାସଂଘ ଅଭିଯୋଗ କରିଛି । ଗାଁରୁ ସହର ସବୁଠି ପ୍ରତିଟି ସାଂସ୍କୃତିକ ପର୍ବରେ ପ୍ରଥମେ ଲୋଡ଼ା ପଡୁଥିବା ସଂକୀର୍ତ୍ତନ କଳାକାରଙ୍କ ଜୀବନ ଓ ଜୀବିକା ପ୍ରତି ବିପଦ ସୃଷ୍ଟି ହୋଇ ଥିବାରୁ ଏହି ପାରମ୍ପରିକ କଳା କିଭଳି ତିଷ୍ଠିବ ସେଥିନେଇ ସଂଶୟ ଦେଖା ଦେଇଛି ।

ଏହି ପରିପ୍ରେକ୍ଷୀରେ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗରେ ପାରମ୍ପରିକ ଲୋକକଳା ସଂକୀର୍ତ୍ତନକୁ ସ୍ୱତନ୍ତ୍ର ମାନ୍ୟତା ପ୍ରଦାନ ପାଇଁ ମହାସଂଘ ଦାବି କରିଛି । ଏଥି ସହିତ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାର ଆଉ ୨ଟି ସଂକୀର୍ତ୍ତନ ଲୋକକଳାକୁ ପ୍ରଦାନ କରିବା ୧୯୯୦ ମସିହାରୁ ୨୦୨୦ ପର୍ଯ୍ୟନ୍ତ ପୁରସ୍କାରରୁ ବଞ୍ଚିତ ସଂକୀର୍ତ୍ତନ କଳାକାରଙ୍କୁ ଯଥା ମାନ୍ୟତା ପ୍ରଦାନ, ଓଡ଼ିଶା ସଙ୍ଗୀତ ନାଟକ ପାଇଁ ଗଠିତ 'କାର୍ଯ୍ୟକାରୀ ସମିତି'ରେ ନିଖିଳ ଉତ୍କଳ ସଂକୀର୍ତ୍ତନ ମହାସଂଘର ସଭାପତିଙ୍କ ନାମ ସଂଯୋଗ କରିବା, ଭାଗବତ ଟୁଙ୍ଗି ଭଳି ସଂକୀର୍ତ୍ତନ ଲୋକକଳାକୁ ପ୍ରୋତ୍ସାହନ ଦେବା, ମହାସଂଘର କାର୍ଯ୍ୟାଳୟ ପାଇଁ ଭୁବନେଶ୍ୱର ଓ ଜିଲାସ୍ତରରେ ସରକାରୀ ଗୃହ ଓ ଆନୁଷଙ୍ଗିକ ସହାୟତା ପ୍ରଦାନ, ମୁଖ୍ୟମନ୍ତ୍ରୀଙ୍କ କଳାକାର ଭତ୍ତା ଯୋଜନାରେ ସଂକୀର୍ତ୍ତନ କଳାକାରଙ୍କ ପାଇଁ ୫୦ ପ୍ରତିଶତ ସଂରକ୍ଷଣ, ପ୍ରତି ପଞ୍ଜିକୃତ କଳାକାରଙ୍କ ପାଇଁ ୨ଲକ୍ଷ ଟଙ୍କା ଜୀବନ ବୀମା କରିବା ପାଇଁ ଦାବି କରାଯାଇଛି ।

ପୂର୍ବରୁ ଏ ସଂକ୍ରାନ୍ତରେ ୨୦୨୧ ଅକ୍ଟୋବର ୨୬ରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ମନ୍ତ୍ରୀ ଓ ସଚିବ ଏବଂ ଓଡ଼ିଶା ସଙ୍ଗୀତ ନାଟକ ଏକାଡ଼େମୀର ସଭାପତିଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି । ନିଖିଳ ଉତ୍କଳ ସଂକୀର୍ତ୍ତନ ମହାସଂଘର ରୌପ୍ୟ ଜୟନ୍ତୀ ଓ ଆଜାଦିକା ଅମୃତ ମହୋତ୍ସବ ପାଳନ ଅବସରରେ ମହାସଂଘ ପକ୍ଷରୁ ଏହି ଦଶଦଫା ଦାବି ନେଇ ମୁଖ୍ୟମନ୍ତ୍ରୀଙ୍କ ହସ୍ତକ୍ଷେପ ଲୋଡ଼ା ଯାଇଛି । ଏ ଦିଗରେ ବିହିତ ପଦକ୍ଷେପ ଗ୍ରହଣ କରିବାକୁ ମହାସଂଘର ସଭାପତି ବିଷ୍ଣୁଚରଣ ମହାନ୍ତି, ସମ୍ପାଦକ ମଦନମୋହନ ଦାସ, ଉପଦେଷ୍ଟା ବାବା ପଞ୍ଚଦେବ ଓ ଦ୍ୱାରିକାନାଥ ସେନାପତି, ସାଧାରଣ ସମ୍ପାଦକ ବିରଞ୍ଚି ନାରାୟଣ ସ୍ୱାଇଁ, ଲୋକନାଥ ମିଶ୍ର, ପଶ୍ଚିମ ଓଡ଼ିଶା ସଂକୀର୍ତ୍ତନ ମହାସଂଘର ପ୍ରଭାରୀ ରାଧାକୃଷ୍ଣ ପଣ୍ଡା, ପବିତ୍ରମୋହନ ସାହୁ, ସଞ୍ଜୟକୁମାର ଦାସ ପ୍ରମୁଖ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି ।

# ୧୯୯୨ ରୁ ପଞ୍ଚାୟତ ନିର୍ବାଚନ ହାରିନାହିଁ କୁବେଡ଼େଗା ଭୋଇ ପରିବାର

ବରଗଡ଼ : ବରଗଡ଼ ଜିଲା ଭେଡ଼େନ ବ୍ଲକ କୁବେଡେଗା ପଞ୍ଚାୟତରେ ଚାରି ଦଶନ୍ଧି ହେଲା ଗୋଟିଏ ପରିବାରର ସଦସ୍ୟ ସରପଞ୍ଚ ଓ ସମିତି ସଭ୍ୟ ଭାବରେ ନିର୍ବାଚିତ ହୋଇ ଆସୁଛନ୍ତି ।

୧୯୯୨ ମସିହାରେ କୁବେଡେଗା ତାଳମେଣ୍ଡା ପଞ୍ଚାୟତରୁ ଅଲଗା ହୋଇ ସ୍ୱତନ୍ତ୍ର ପଞ୍ଚାୟତର ମାନ୍ୟତା ପାଇଲା । କୁବେଡେଗା, ଛାଲକୁଲୁଣ୍ଡା, ଖଜସିପାଲି, ନୂଆଁପାଲି, ପଧାନ ଟିକିରା, ଲିମ୍ ଟିକିରା, ଅଂଶୁଲାଟିକିରାକୁ ନେଇ କୁବେଡେଗା ପଞ୍ଚାୟତ ଗଠିତ ହେଲା । ନବଗଠିତ କୁବେଡେଗା ପଞ୍ଚାୟତର ପ୍ରଥମ ସରପଞ୍ଚ ନିର୍ବାଚିତ ହୋଇଥିଲେ କୁବେଡେଗା ଗ୍ରାମର ଉତ୍ପନ୍ନ ଭୋଇ । ସମ୍ବଲପୁରୀ ସାହିତ୍ୟ ସାଧକ ଭାବେ ପରିଚିତ ଉତ୍ପନ୍ନ ୧୯୯୨ରୁ ୧୯୯୬ ପର୍ଯ୍ୟନ୍ତ ସରପଞ୍ଚ ଥିଲେ । ୧୯୯୭ରେ ଏହି ସରପଞ୍ଚ ଆସନ ଅନ୍ୟ ବର୍ଗ ପାଇଁ ସଂରକ୍ଷିତ ରହିବାରୁ ସେ ସମିତି ସଭ୍ୟ ପଦରେ ଠିଆ ହୋଇ ନିର୍ବାଚନ ଜିତିଥିଲେ । ୨୦୦୨ ପଞ୍ଚାୟତ ନିର୍ବାଚନରେ ସରପଞ୍ଚ ପଦ ଅସଂରକ୍ଷିତ ରହିବାରୁ ପୁଣି ନିର୍ବାଚନ ଲଢ଼ି ୨୦୦୭ ପର୍ଯ୍ୟନ୍ତ ସରପଞ୍ଚ ହୋଇଥିଲେ । ୨୦୦୭ ନିର୍ବାଚନରେ ପୁଣି ସରପଞ୍ଚ ନିର୍ବାଚିତ ହୋଇଥିଲେ । ୨୦୧୭ ନିର୍ବାଚନରେ ସରପଞ୍ଚ ପଦ ମହିଳା ବର୍ଗ ପାଇଁ ସଂରକ୍ଷିତ ରହିବାରୁ ସେ ତାଙ୍କ ସ୍ତ୍ରୀ ବିଷ୍ଣୁପ୍ରିୟା ଭୋଇଙ୍କୁ ପ୍ରାର୍ଥୀ କରିଥିଲେ ଓ ସେ ଜିତି ଏ ପର୍ଯ୍ୟନ୍ତ ସରପଞ୍ଚ ଅଛନ୍ତି ।

ଏଥର କୁବେଡେଗା ସରପଞ୍ଚ ପଦ ପୁଣି ସାଧାରଣ ବର୍ଗ ପାଇଁ ଉଦ୍ଦିଷ୍ଟ ଥିବାରୁ ଉତ୍ପନ୍ନ ପୁଣି ନିର୍ବାଚନ ଲଢୁଛନ୍ତି । ଚଳିତ ନିର୍ବାଚନରେ ତାଙ୍କ ସହ ଜନ୍ମେଜୟ ମିଶ୍ର, ଘନଶ୍ୟାମ ପତି ଓ ଜ୍ଞାନରଞ୍ଜନ ପଣ୍ଡା ଏହି ଆସନରୁ ପ୍ରତିଦ୍ୱନ୍ଦିତା କରୁଛନ୍ତି ।

ଭୋଇ ପରିବାରର ଏ ବିଜୟ ଯାତ୍ରା ୧୯୯୨ରୁ ଆରମ୍ଭ ହୋଇନାହିଁ । ତା ପୂର୍ବରୁ ମଧ ଏହି ପରିବାର ସ୍ଥାନୀୟ ରାଜନୀତି ରେ ସକ୍ରିୟ ଥିଲେ । କୁବେଡେଗା ତାଳମେଣ୍ଡା ପଞ୍ଚାୟତ ଅଧୀନରେ ଥିଲା ବେଳେ ଉତ୍ପନ୍ନ ଭୋଇଙ୍କ ବାପା ବିରଞ୍ଚି ନାରାୟଣ ଭୋଇ ୧୯୭୦ରୁ ୧୯୭୬ ଯାଏଁ ସରପଞ୍ଚ ଥିଲେ । ସେତେବେଳେ ସରପଞ୍ଚ ପଦ ୨ ବର୍ଷ ପାଇଁ ରହୁଥିଲା ଜଣେ ଥରେ ନିର୍ବାଚିତ ହେଲେ ଅଧିକାଂଶ କ୍ଷେତ୍ରରେ ପରବର୍ତ୍ତୀ ନିର୍ବାଚନରେ ସେ ଭୋଟରଙ୍କ ଆସ୍ଥାଭାଜନ ହୋଇ ପାରୁନଥିବା ବେଳେ ଲୋକେ ଏହି ପରିବାର ପ୍ରତି କ୍ରମାଗତ ୫ଟି ନିର୍ବାଚନରେ ଆସ୍ଥା ପ୍ରକଟ କରି ଆସିବା ଏକ ଉଲ୍ଲେଖନୀୟ ଘଟଣା ।

# ଭାଗବତ // ସତ୍ୟଭାମାଙ୍କ ବିବାହ

ଭଗବାନଙ୍କର ପ୍ରତ୍ୟେକ କ୍ରିୟା ଲୋକ ସଂଗ୍ରହ ପାଇଁ ହିଁ ହୋଇଥାଏ । ଭଗବାନଙ୍କୁ ମଧ ଲୋକାପବାଦ ସହ୍ୟ କରିବାକୁ ପଡ଼ିଥିଲା ନିଜ ଭକ୍ତଙ୍କ ପାଇଁ । ଏହା ତାଙ୍କର ଲୋକ ସଂଗ୍ରହର ମଧ ଏକ ଦୃଷ୍ଟାନ୍ତ । ସାଧାରଣ ଲୋକଙ୍କ ପ୍ରଶ୍ନ ଉଠେ, କୃଷ୍ଣଙ୍କୁ ଏପରି ଦୋଷ ଲାଗିବାର କାରଣ କ'ଣ ହୋଇପାରେ ?

ଭାଗବତ ମନୁଷ୍ୟର ରୀତି ନୀତିକୁ ସୁଧାରେ । ପ୍ରଚଳିତ ଆପ୍ତବାଣୀକୁ ମଧ ପ୍ରତିଷ୍ଠିତ କରେ । ମନୁଷ୍ୟ ପ୍ରଚଳନରେ ଥିବା ଆପ୍ତବାଣୀକୁ ଭଗବାନ ନିଜେ ସ୍ୱୀକାର କରନ୍ତି । ଭାଦ୍ରମାସ ଶୁକ୍ଳପକ୍ଷ ଚତୁର୍ଥୀ ଦିନ ଚନ୍ଦ୍ର ଦର୍ଶନ ଦୋଷାବହ । ଏହା ଦର୍ଶନ କଲେ ଲୋକନିନ୍ଦା ଭୋଗ କରିବାକୁ ପଡ଼େ । କୃଷ୍ଣ ଏକଦା ଏପରି ତିଥିରେ ଚନ୍ଦ୍ର ଦର୍ଶନ କରିଥିବାରୁ ଲୋକରେ ପ୍ରଚଳିତ ଧାରା ଅନୁସାରେ ଲୋକନିନ୍ଦା ସ୍ୱୀକାର କରିଥିଲେ ।

ଚନ୍ଦ୍ରଙ୍କୁ କାହିଁକି ଭାଦ୍ରପଦ ଶୁକ୍ଳ ଚତୁର୍ଥୀରେ ଦର୍ଶନ ନ କରିବା କଥା, ଏ ସଂକ୍ରାନ୍ତରେ ସୁନ୍ଦର ଉପାଖ୍ୟାନ ଲୋକରେ ପ୍ରଚଳିତ । ଚନ୍ଦ୍ର ଅତି ସୁନ୍ଦର । ତାଙ୍କର ସୁନ୍ଦରତା, ଶୁଭ୍ରତା ଓ ଶୀତଳତା ଜନମନ ହରଣ କରେ । ଏକଦା ଚନ୍ଦ୍ର ରାଜସୂୟ ଯଜ୍ଞ କଲେ । ରାଜସୂୟ ଯଜ୍ଞର ପ୍ରଭାବରେ ତାଙ୍କର ସମସ୍ତ ଗୁଣ ଶତଗୁଣିତ ହୋଇଗଲା । ଅନେକ ଋଷିପତ୍ନୀ ମଧ ଚନ୍ଦ୍ରଙ୍କ ରୂପରେ ମୁଗ୍ଧ ହୋଇଗଲେ । ଦେବଗୁରୁ ବୃହସ୍ପତିଙ୍କ ପତ୍ନୀଙ୍କ ନାମ ତାରା । ତାରା ଥିଲେ ସେ ସମୟରେ ପରମ ରୂପବତୀ । ରୂପରେ ଉନ୍ମତ୍ତ ଓ ପ୍ରଶଂସିତ ଚନ୍ଦ୍ର ତାରାଙ୍କ ରୂପରେ ବିମୁଗ୍ଧ ହୋଇ, ସମସ୍ତ ଲୋକାଚାର, ଶିଷ୍ଟାଚାରକୁ ଜଳାଞ୍ଜଳି ଦେଇ ତାଙ୍କୁ ଭାଦ୍ରପଦ ଶୁକ୍ଳ ଚତୁର୍ଥୀ ଦିନ ହରଣ କରିନେଲେ । ପରବର୍ତ୍ତୀ କାଳରେ ବ୍ରହ୍ମା ମଧ୍ୟସ୍ଥତା କରି ତାରାଙ୍କୁ ଫେରାଇ ଆଣି, ବୃହସ୍ପତିଙ୍କୁ ଅର୍ପଣ କରିଥିଲେ । ବୃହସ୍ପତି ତାରାଙ୍କୁ ଭର୍ତ୍ସନା କଲେ । ନିର୍ଦ୍ଦୋଷ ତାରା ଏଥିରେ ବ୍ୟଥିତା ହୋଇ ଚନ୍ଦ୍ରଙ୍କୁ ଅଭିଶାପ ଦେଇଥିଲେ, "ଏହି ଦିନ ଚନ୍ଦ୍ର କଳଙ୍କିତ ହେଉ ଏବଂ ଏହି ଦିନ ଚନ୍ଦ୍ରଙ୍କୁ ଯେ ଦର୍ଶନ କରିବ ସେ ମଧ କଳଙ୍କିତ ହେଉ । ଏହାପରଠାରୁ ଚନ୍ଦ୍ରଙ୍କ ତେଜ ହ୍ରାସ ହୋଇଗଲା । ଚନ୍ଦ୍ର ପଶ୍ଚାତ୍ତାପ କଲେ । ପ୍ରାୟଶ୍ଚିତ୍ତ ନିମନ୍ତେ ସେ ନାରାୟଣ ସରୋବର କୂଳରେ ଘୋର ତପ କଲେ । ନାରାୟଣ ଚନ୍ଦ୍ରଙ୍କୁ ପୁନର୍ବାର ନିଷ୍କଳଙ୍କ କରିଦେଲେ । କେବଳ ଏହି ଏକ ଦିନ ନିମନ୍ତେ ଚନ୍ଦ୍ରଙ୍କର ତେଜ ହାନୀ ଓ କଳଙ୍କ ଲାଗିବ ବୋଲି କହିଲେ । ତଦନୁସାରେ ଏହି ଦିନ ଯିଏ ଚନ୍ଦ୍ରଙ୍କୁ ଦର୍ଶନ କରେ ତାକୁ ମିଥ୍ୟା କଳଙ୍କ ଘାରିବା କଥା ରହିଗଲା । ଭଗବାନ ନିଜେ ଦେଇଥିବା ବାକ୍ୟ ନିଜେ ହିଁ ପାଳନ କରିଛନ୍ତି । କିନ୍ତୁ ଏପରି କଳଙ୍କ ଲାଗିବା ଲୋକ ସ୍ୟମନ୍ତକମଣି ଉପାଖ୍ୟାନ ପାଠ ଦ୍ୱାରା ଅକ୍ଳେଶରେ ନିଷ୍କଳଙ୍କ ହୋଇଯିବାର ବ୍ୟବସ୍ଥା ଭାଗବତ ବତାଇ ଅଛି ।

ଭଗବାନଙ୍କ ପ୍ରତି ଅକ୍ରୁରଙ୍କର ଭକ୍ତି ତ ଥିଲା, ହେଲେ ସଙ୍ଗର ଅଭାବ ରହିଯାଇ ଥିଲା । ଫଳରେ ତାଙ୍କୁ ମଧ ଲୋକରେ ନିନ୍ଦିତ ହେବାକୁ ପଡ଼ିଥିଲା । ଭଗବାନ ହେଉଛନ୍ତି ବାଞ୍ଛାକଳ୍ପତରୁ । ସେ ସବୁବେଳେ ବିପଦ ଅପବାଦକୁ ନିଜ ମୁଣ୍ଡ ଉପରକୁ ନେଇ ଭକ୍ତଙ୍କୁ ସୁଧାରି ଥାଆନ୍ତି । ଜୀବ ପ୍ରତିଶୋଧ ପରାୟଣ ଥିବାବେଳେ ଭଗବାନ ସବୁବେଳେ କ୍ଷମାଶୀଳ । ସତ୍ସଙ୍ଗ ଓ ଭକ୍ତି ଉଭୟ ଉଭୟଙ୍କର ଆବଶ୍ୟକତା ଅନୁଭବ କରେ । ଉଭୟର ଉପସ୍ଥିତିରେ ଭକ୍ତି ଫଳଦାୟୀ ହୋଇଥାଏ । ସତ୍ସଙ୍ଗକାରୀ ଯଦି ପରମାତ୍ମାଙ୍କୁ ଭଜନ ନ କରେ ତେବେ ତାହାର ସଙ୍ଗ ନିରର୍ଥକ ହୋଇଥାଏ । ପଥର ସର୍ବଦା ନର୍ମଦାରେ ସ୍ନାନ କରେ । ତେବେ ବି ସେ ପଥର ହୋଇ ରହିଥାଏ । ଏହିପରି ଅନେକ ମନୁଷ୍ୟ କଥାଶ୍ରବଣ ତ କରନ୍ତି, କିନ୍ତୁ ଭକ୍ତିମୟ ହୋଇ ନ ପାରିବାରୁ ତାଙ୍କ ଜୀବନ ସୁଧୁରେ ନାହିଁ ।



ପ୍ରଥମେ ମନକୁ ସୁଧାରିବା ଆବଶ୍ୟକ, ଏହା ପରେ ଜଗତକୁ ସୁଧାରିବା ଉଚିତ । ନିଜର ଚରିତ୍ର ଦ୍ୱାରା ଯଦି ନିଜ ଆତ୍ମାକୁ ସନ୍ତୋଷ ମିଳେ ତେବେ ଆମର ସ୍ୱଭାବ ସୁଧୁରିବା ସମ୍ଭବ ହୋଇପାରେ । କଥାଶ୍ରବଣ ପରେ ଯଦି ଶ୍ରୀକୃଷ୍ଣଙ୍କ ପ୍ରତି ଆମର ପ୍ରେମଭାବ ବନ୍ଧନ ନ ହୁଏ, ପାପ କର୍ମ ପ୍ରତି ଘୃଣା ଭାବ ନ ହୁଏ, ଧର୍ମାଚରଣ ପ୍ରତି ମନୋଭାବ ପ୍ରକାଶ ନ ପାଏ, ତେବେ କଥାଶ୍ରବଣ ମୂଲ୍ୟହୀନ ହୋଇ ଯାଇଥାଏ । କଥାଶ୍ରବଣ ପରେ ପ୍ରଭୁ ପ୍ରେମ ବଢ଼ିବା ଉଚିତ, ପାପକର୍ମ ତ୍ୟାଗ କରିବା ଉଚିତ । ତୁଳସୀ ବିବାହର ରହସ୍ୟ ଏହା ଉପରେ ହିଁ ପ୍ରଣୀତ ହୋଇଛି ।

ଭାଗବତର ଗୋଟିଏ ଅଧ୍ୟାୟରେ ଭଗବାନ ଷୋହଳ ହଜାର ଯୁବତୀଙ୍କୁ ବିବାହ କରିଥିବା କଥା ଉଲ୍ଲେଖ ଅଛି । ଭୌମାସୁର ଷୋହଳ ହଜାର ଯୁବତୀଙ୍କୁ ବନ୍ଦୀକରି ରଖିଥିଲା । ଏହି ଷୋହଳ ହଜାର କନ୍ୟା ହେଉଛନ୍ତି ବେଦର ଷୋହଳ ହଜାର ରଚା ବା ମନ୍ତ୍ର । ବେଦର ତିନୋଟି କାଣ୍ଡ ଓ ଏକ ଲକ୍ଷ ମନ୍ତ୍ର ଅଛି । କର୍ମକାଣ୍ଡ- ଏହି କାଣ୍ଡରେ ବ୍ରହ୍ମଚାରୀଙ୍କ ନିମନ୍ତେ ଅଶୀହଜାର ମନ୍ତ୍ର ଅଛି । ଉପାସନାକାଣ୍ଡ- ଏହି କାଣ୍ଡରେ ଗୃହସ୍ଥଙ୍କ ପାଇଁ ଷୋହଳ ହଜାର ମନ୍ତ୍ର ଅଛି । ଜ୍ଞାନକାଣ୍ଡ- ଏହି କାଣ୍ଡରେ ବାନପ୍ରସ୍ଥଙ୍କ ନିମନ୍ତେ ଚାରି ହଜାର ମନ୍ତ୍ର ଅଛି ।

ଏହିପରି ତିନିକାଣ୍ଡରେ ଏକଲକ୍ଷ ମନ୍ତ୍ର ଅଛି । ଏହା ଜାଣିବା କଥା । ବେଦାନ୍ତ ପ୍ରଣୀତ ହୋଇଛି ବିରକ୍ତଙ୍କ ପାଇଁ । ବିଳାସୀ ବେଦାନ୍ତ ପଠନର ଅଧିକାରୀ ନୁହଁନ୍ତି । ବିଳାସୀ ଉପନିଷଦର ତତ୍ତ୍ୱଜ୍ଞାନ ବୁଝିବାକୁ ଅସମର୍ଥ ।

କିନ୍ତୁ ଭଗବାନ ହେଉଛନ୍ତି ସମସ୍ତଙ୍କ ପାଇଁ । ବେଦ ତ ଈଶ୍ୱରଙ୍କର ସ୍ୱରୂପର ବର୍ଣ୍ଣନା ବହୁତ ବେଶୀ କରିଛି, ହେଲେ ତାଙ୍କୁ ପାଇପାରି ନାହିଁ । ତେଣୁ ବେଦର ମନ୍ତ୍ର ବା ରଚା କନ୍ୟା ରୂପରେ ଭଗବାନଙ୍କୁ ପାଇବା ପାଇଁ, ଶ୍ରୀକୃଷ୍ଣଙ୍କୁ ବିବାହ କରିବା ପାଇଁ ଆସିଲେ । ବେଦର ମନ୍ତ୍ରକୁ କେବଳ ଶବ୍ଦରୂପ ବୋଲି ଜାଣିବା ଠିକ୍ ନୁହେଁ । ପ୍ରତ୍ୟେକ ମନ୍ତ୍ର ଜଣେ ଜଣେ ଋଷି, ଜଣେ ଜଣେ ଦେବ । ବେଦମନ୍ତ୍ରର ଦେବମାନେ ତପସ୍ୟା କରି କରି ଥକିଗଲେ, ତେବେ ବି ସେମାନଙ୍କର ବ୍ରହ୍ମ ସମ୍ବନ୍ଧ ହୋଇପାରିଲା ନାହିଁ । ତେଣୁ କନ୍ୟା ରୂପରେ ଆସିଲେ । ବେଦର ରଚା କନ୍ୟା ରୂପରେ ପ୍ରଭୁଙ୍କୁ ସେବା କରିବାକୁ ଆସିଲେ । ଗୃହସ୍ଥାଶ୍ରମ-ଧର୍ମ ପାଳନର ବର୍ଣ୍ଣନ ବେଦର ଷୋଳ ହଜାର ମନ୍ତ୍ରରେ କରାହୋଇଛି । ଏହା ହେଉଛି ଉପାସନା କାଣ୍ଡ । ତେଣୁ ଶ୍ରୀକୃଷ୍ଣଙ୍କର ଷୋଳ ହଜାର ରାଣୀ ହୋଇଥିବା କଥା କୁହାଯାଇଛି ।

ଭୌମାସୁର ଷୋହଳ ହଜାର କନ୍ୟାଙ୍କୁ ବନ୍ଦୀ କରିଥିଲା । ଶ୍ରୀକୃଷ୍ଣ ସେମାନଙ୍କୁ ମୁକ୍ତ କରିଦେଲେ । ହେଲେ ଜଗତର କୌଣସି ଯୁବକ ସେମାନଙ୍କୁ ବିବାହ କରିବାକୁ ଆସିଲେ ନାହିଁ । କନ୍ୟାମାନେ ସମସ୍ତେ ଶ୍ରୀକୃଷ୍ଣଙ୍କର ଶରଣାପନ୍ନ ହେଲେ । ଭଗବାନ ସେତେବେଳେ ଭାବିଲେ, ରାମାବତାରରେ ସେ ଅତ୍ୟଧିକ ମର୍ଯ୍ୟାଦା ପାଳନ କରିଛନ୍ତି । ଏବେ କୃଷ୍ଣାବତାରରେ ସେ ସେପରି ଆଉ କରିବେ ନାହିଁ । ତେଣୁ ସେ ସମସ୍ତ କନ୍ୟାଙ୍କୁ ବିବାହ କଲେ ।

ବେଦମନ୍ତ୍ର ସମୂହକୁ ଭୌମାସୁର କାରାଗୃହରେ ବନ୍ଦୀ କରି ରଖିଥିଲା । ଭୌମର ଅର୍ଥ ଶରୀର । କେବଳ ଶାରୀରିକ ସୁଖରେ ମଜ୍ଜି ରହିବା ଲୋକ ହିଁ ଭୌମାସୁର । ଅତ୍ୟଧିକ ବିଳାସୀ ଜୀବକୁ ଭୌମାସୁର କୁହାଯାଏ ।

ବିଳାସୀ ଭୌମାସୁର ସେହି ରାଜକୁମାରୀମାନଙ୍କୁ ବନ୍ଦୀ କରି ରଖିଥିଲା । ଅର୍ଥାତ୍, ଅନଧିକାରୀ କାମୀ ବ୍ୟକ୍ତି ବେଦର ମନ୍ତ୍ରକୁ ଅନର୍ଥ କରୁଥିଲା । କାମୀ ବ୍ୟକ୍ତି ମନ୍ତ୍ରକୁ ନିଜର ସ୍ୱାର୍ଥ ସାଧନ ନିମନ୍ତେ ଅଥବା ବିଳାସୀ ମନର ପୁଷ୍ଟି ସାଧନାର୍ଥେ ବିକୃତ ଅର୍ଥ କରିଥାଏ । ଏପରି ବ୍ୟକ୍ତି ମନ୍ତ୍ରର ଦୁରୁପଯୋଗ କରିଥାଏ ।

ବିଳାସୀ ଶ୍ରୀମଦ୍ଭଗବଦ୍ଗୀତାର ବି କଦର୍ଥ କରିଥାଏ । ସେ କହେ ଭଗବାନ ଗୀତାରେ ମୌଜ ମଜଲିସ କରି ରହିବା ପାଇଁ ଉପଦେଶ ଦେଇଛନ୍ତି । ତେଣୁ ଆମେ କାହିଁକି ମୌଜ ନ କରିବା ଯେ ? ଏପରି ଲୋକମାନେ 'ସିଦ୍ଧିର୍ଭବତି କର୍ମଣା" ଶ୍ଳୋକାଂଶର ଦୃଷ୍ଟାନ୍ତ ଦିଅନ୍ତି । ଏହି ଶ୍ଳୋକର ଅର୍ଥ ହେଉଛି କର୍ମ ଦ୍ୱାରା ସିଦ୍ଧି ପ୍ରାପ୍ତ ହୋଇଥାଏ । କିନ୍ତୁ ବିଳାସୀ ଏହାର ଅନ୍ୟ ପ୍ରକାର ଅର୍ଥ କରିଥାଆନ୍ତି । ବାସ୍ତବରେ ଏହି ଶ୍ଳୋକ ଅନାସକ୍ତିର ଉପଦେଶ ଦେଇଥାଏ ।

'ସର୍ବସ୍ୟ ଚାହମ'- ଏହି ଶ୍ଳୋକର ଅର୍ଥ କରିବାକୁ ଯାଇ ବିଳାସୀ କହେ ଭଗବାନ କହିଛନ୍ତି ଯିଏ ଯାହା ଚାହେଁ ବା ଇଚ୍ଛା କରେ ସେ ସମସ୍ତ ଇଚ୍ଛାରେ ସେ ବିଦ୍ୟମାନ ଥାଆନ୍ତି । ଅଥବା ଚାହା ପାନୀୟରେ ଭଗବାନ ଥାଆନ୍ତି । ଚାହା ମିଳିଲେ ସ୍ମୃତି ଅନ୍ୟଥା ଅପୋହନ ଅର୍ଥାତ ବିସ୍ମୃତି ।

# ତ୍ରିବିଧ ବନ୍ଧନ ଏବଂ ମୁକ୍ତି ପଥ

ମାନବ ବ୍ୟକ୍ତିତ୍ୱର ସଂରଚନା ସ୍ଥୁଳ, ସୂକ୍ଷ୍ମ ଓ କାରଣ ଶରୀର ମିଶି ହୋଇଛି ଏହି ତ୍ରିବିଧ ଧାରା ସହିତ ମିଶି ମାନବ ଜୀବନର ପ୍ରବାହ ଆଗକୁ ବଢ଼ିଥାଏ ଏହାର ସମ୍ୟକ୍ ଜ୍ଞାନ ବ୍ୟକ୍ତିକୁ ଜୀବନର ଅନ୍ତିମ ଗନ୍ତବ୍ୟ ଦିଗରେ ନେଇ ଯାଇଥାଏ, ଅନ୍ୟଥା ଜୀବନ ନୌକା ଅନେକ ଡଅଁର ମଧ୍ୟରେ ଚକ୍କର କାଟି ମଝି ରାସ୍ତାରେ ହିଁ ବାଟବଣା ହୋଇଯାଏ । ତିନି ଶରୀର ସହିତ ଜଡ଼ିତ ତିନି ବନ୍ଧନ ଏହାର ମୁଖ୍ୟ କାରଣ ହୋଇଥାଏ, ଯାହାକୁ ଶାସ୍ତ୍ରଗୁଡ଼ିକରେ ସାଧାରଣତଃ ବାସନା, ତୃଷ୍ଣା ଓ ଅହଙ୍କାର ରୂପେ ଚିହ୍ନିତ କରାଯାଇଛି । ଏହି ବନ୍ଧନ ଜୀବନକୁ ଏକ ସଂକୀର୍ଣ୍ଣ ପରିଧିରେ ବାନ୍ଧି ରଖିଥାଏ । ମନୁଷ୍ୟ ସ୍ୱାଧୀନତା ଚାହିଁଥାଏ, ମୁକ୍ତ ଆକାଶରେ ପକ୍ଷୀ ହୋଇ ଉଡ଼ିବାକୁ ଚାହିଁଥାଏ, କିନ୍ତୁ ଏହି ବନ୍ଧନଗୁଡ଼ିକର ବେଡ଼ିରେ ବାନ୍ଧି ହୋଇଥିବା ଜୀବନ ନିଜ ଦ୍ୱାରା ନିର୍ମିତ ପିଞ୍ଜରାରୁ ବାହାରିବା ପାଇଁ ଫଡ଼ଫଡ଼ ହୋଇଥାଏ । ବାସନାର ଜ୍ୱାଳା ବ୍ୟକ୍ତିର ଜୀବନୀଶକ୍ତି ଓ ସ୍ୱାସ୍ଥ୍ୟକୁ ଦୟନୀୟ ଭାବେ ନଷ୍ଟଭ୍ରଷ୍ଟ କରିଦିଏ । ତାକୁ ରୁଗ୍ଣ ଜର୍ଜର ଦୁର୍ବଳ କରିଦିଏ । ଏହା ସହିତ ମନ ମଧ ଦୂଷିତ ଓ କୁସଂସ୍କାରୀ ହୋଇଯାଏ । ଏହି ଜ୍ୱାଳାରେ ବିଷୟ ଭୋଗର ଯେତେ ଇନ୍ଧନ ଢାଳିଲେ ମଧ ତାହା ଶାନ୍ତ ହୋଇ ନ ଥାଏ, ବରଂ ଆହୁରି ବିକରାଳ ରୂପ ଧାରଣ କରିଚାଲେ ।

ଏପରି ସ୍ଥିତିରେ ପାରିବାରିକ ସମ୍ବନ୍ଧ ଚୂର୍ଣ୍ଣ-ବିଚୂର୍ଣ୍ଣ ହୋଇଯାଏ, ସାମାଜିକ ବ୍ୟବସ୍ଥା ବିଶୃଙ୍ଖଳିତ ହୋଇଥାଏ । ତୃଷ୍ଣାର ମାୟା ପ୍ରତ୍ୟେକ କ୍ଷଣ ବ୍ୟକ୍ତିକୁ ଅସନ୍ତୋଷର ଅଗ୍ନିରେ ଜାଳି ଥାଏ । ଲୋଭ ଓ ଅତି ମହତ୍ତ୍ୱାକାଂକ୍ଷାଗୁଡ଼ିକ ବ୍ୟକ୍ତିକୁ ଜୀବନର ମିଥ୍ୟା ଆଡ଼ମ୍ବରରେ ଫସାଇ ରଖିଥାଏ । ବାହ୍ୟ ଜୀବନର ଉପଲବ୍ଧି ଗୁଡ଼ିକରେ ସନ୍ତୋଷ ମିଳି ନ ଥାଏ ଆଉ ଅନ୍ୟମାନଙ୍କ ସହିତ ଅନାବଶ୍ୟକ ପ୍ରତିଦ୍ୱନ୍ଦ୍ୱିତା ଏବଂ ତୁଳନା କଟାକ୍ଷର ଅନ୍ତହୀନ ଦଉଡ଼ରେ ଅନ୍ତତଃ ଜୀବନ ଶେଷ ହୋଇଯାଏ, କିନ୍ତୁ ତେବେ ମଧ ତୃଷ୍ଣା ଶାନ୍ତ ହୋଇ ନ ଥାଏ ।

ଅହଂକାର କ୍ଷୁଦ୍ର ସ୍ୱ ଓ ମୋର-ତୋରର ଜଞ୍ଜାଳରେ ବ୍ୟକ୍ତିକୁ ଫସାଇ ରଖିଥାଏ । ନିଜର ବାସ୍ତବିକ ସ୍ୱରୂପକୁ ଭୁଲି ଯାଇଥିବା, ନିଜର ଆଦିସ୍ରୋତରୁ କଟି ଯାଇଥିବା ବ୍ୟକ୍ତି, ରାଗ ଦ୍ୱେଷ, ମମତା -ଆସର ବନ୍ଧନଗୁଡ଼ିକରେ ପାଶବଦ୍ଧ ରହିଥାଏ । ନିଜ ଲୋକମାନଙ୍କର ବିୟୋଗ – ବିଚ୍ଛେଦ ଏବଂ କାଳର ସାଂଘାତିକ ପ୍ରହାର ଖାଇ ଅହଂକାରର ମାୟାକୁ କିଛି କିଛି ବୁଝି ହୋଇଥାଏ । ଏହି ତ୍ରିବିଧ ବନ୍ଧନରୁ ମୁକୁଳିବା ପାଇଁ ଉପାସନା, ସାଧନା ଓ ଆରାଧନାର ବିଧାନ ଅଛି । ଯାହାର ତ୍ରିବେଣୀରେ ନିତ୍ୟ ସ୍ନାନ କରିବା ଦ୍ୱାରା ବ୍ୟକ୍ତି ବୁଝିପାରେ ଯେ ବାସନାର ବୀଜ ଅଗ୍ନିସ୍ଫୁଲିଙ୍ଗ ଭଳି ବିପଜ୍ଜନକ । ଯଦି ଏହାକୁ ପ୍ରଶ୍ରୟ ଦିଆଯାଏ ତ ଏହା ପୂରା ଅସ୍ତିତ୍ୱକୁ ଜଳାଇ ଦେଇଥାଏ ଏବଂ ସମସ୍ତ ତପ-ପୁଣ୍ୟର ସଞ୍ଚିତ ରାଶିକୁ ଦଗ୍ଧ କରି ଅସ୍ତିତ୍ୱକୁ ନଷ୍ଟଭ୍ରଷ୍ଟ କରି ଦେଇଥାଏ ।

ଏହି ପ୍ରକାର ମହତ୍ତ୍ୱାକାଂକ୍ଷା ଓ ଲୋଭର ବୃତ୍ତି ଯେତେ ଆକର୍ଷକ ପ୍ରତୀତ ହେଉ ନା କାହିଁକି, ପ୍ରକାରାନ୍ତରରେ ତାହା ବ୍ୟକ୍ତିକୁ ପାଷାଣ, ଶୁଷ୍କ ଓ ସ୍ୱାର୍ଥୀ କରିଦିଏ । ଜୀବନର ସ୍ଥିରତା, ଶାନ୍ତି ଓ ଆଧାତ୍ମିକ ସମ୍ଭାବନାଗୁଡ଼ିକୁ ଏହା ହନନ କରିଥାଏ । ଅହଂକାର ମଧ ଶେଷରେ ବ୍ୟକ୍ତିକୁ ସଂକୀର୍ଣ୍ଣତା, କ୍ଷୁଦ୍ରତା ଓ ଅଶାନ୍ତିର ପରିଧିରେ ବନ୍ଦୀ କରି ରଖିଥାଏ ଏବଂ ନିଜର ବାସ୍ତବିକ ସ୍ୱରୂପର ବୋଧରୁ ବଞ୍ଚିତ କରି ରଖିଥାଏ ତଥା ଯେତେବେଳେ ଅନ୍ତତଃ କର୍ମର ହିସାବକିତାବ ହୋଇଥାଏ ତ ବ୍ୟକ୍ତି ଠକି ହୋଇଥିବାର ଅନୁଭବ କରିଥାଏ ।

ଶାସ୍ତ୍ରଗୁଡ଼ିକରେ ଏଥିରୁ ଉଦ୍ଧାର ପାଇବା ପାଇଁ କର୍ମଯୋଗ, ଜ୍ଞାନଯୋଗ ଏବଂ ଭକ୍ତିଯୋଗ ଭଳି ଉପାୟ ବିଷୟରେ ବର୍ଣ୍ଣନ କରାଯାଇଛି ।

ଏଥିରୁ ମୁକୁଳିବାର ପଥ ଆମର ପ୍ରଶସ୍ତ ହେଉ, ଏଥିପାଇଁ ପ୍ରାର୍ଥନା କରିବା । ତେବେ ଆମେ ଆମର ଜନ୍ମସିଦ୍ଧ ଅଧିକାର ଆତ୍ମବୋଧକୁ ପ୍ରାପ୍ତ ହୋଇ ମୁକ୍ତି ପଥରେ ଆଗକୁ ବଢ଼ି ପାରିବା ।

# ସମ୍ବାଦ ମଞ୍ଚର ମାଲିକାନା

## ଡକ୍ଟର ପ୍ରଦୀପ ମହାପାତ୍ର

ପ୍ରାକ୍ତନ ବିଭାଗୀୟ ମୁଖ୍ୟ, ସାମ୍ବାଦିକତା ବିଭାଗ
ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ

ସାମ୍ବାଦିକତାରେ ଉତ୍କର୍ଷ ପ୍ରଦର୍ଶନ ଅନେକାଂଶରେ ସମ୍ବାଦମଞ୍ଚର ମାଲିକାନା ଉପରେ ନିର୍ଭରଶୀଳ । ଊନବିଂଶ ଶତାବ୍ଦୀ ଆଦ୍ୟ ଭାଗରେ ପାଶ୍ଚାତ୍ୟ ଭୂଖଣ୍ଡରେ ମୁଦ୍ରିତ ସମ୍ବାଦପତ୍ର ସାକ୍ଷରତା ପ୍ରସାର, ମାନବିକ ଅଧିକାର ସୁରକ୍ଷା ଓ ଗଣତାନ୍ତ୍ରିକ ମୂଲ୍ୟବୋଧ ବିକାଶର ସାଧନ ରୂପେ ସ୍ୱୀକୃତି ଲାଭ କରିଥିଲା । ଏକବିଂଶ ଶତାବ୍ଦୀରେ ଆନ୍ତର୍ଜାତିକ ସହାବସ୍ଥାନ 'ଗ୍ଲୋବାଲ ଭିଲେଜ' ପରିକଳ୍ପନାରେ ସାମ୍ବାଦିକତା ନିୟୋଜିତ । ଏତାଦୃଶ ଦାୟିତ୍ୱ ବହନରେ ସମ୍ବାଦମଞ୍ଚର ମାଲିକାନା ଗୁରୁତ୍ୱ ବହନ କରିଥାଏ ।

ସମ୍ବାଦପତ୍ରର ବିକାଶ ଶିଳ୍ପ ସଭ୍ୟତାର ଅଂଶବିଶେଷ । ଗଣତାନ୍ତ୍ରିକ ଶାସନ ପଦ୍ଧତି ପ୍ରଚଳନରେ ସାମ୍ବାଦିକତାର ଭୂମିକା ସ୍ୱୀକୃତ । ସାଧାରଣ ଜୀବନରେ ଅଂଶ ଗ୍ରହଣ ନିମନ୍ତେ ବ୍ୟକ୍ତି ସମାଜର ପାରିପାର୍ଶ୍ୱିକ ଘଟଣାକ୍ରମ ସଂପର୍କରେ ଅବଗତ ହେବାକୁ ପ୍ରାଥମିକତା ଦିଏ । ରାଜନୀତିକ ସ୍ତରରେ ଏହା ମୌଳିକ ଅଧିକାର ଏବଂ ସ୍ଥାନୀୟ ସମ୍ବାଦ ମଞ୍ଚଗୁଡ଼ିକ ସମ୍ବାଦ ସରବରାହର ଦାୟିତ୍ୱ ନିର୍ବାହ କରିଥାନ୍ତି । ସାମଗ୍ରିକଭାବେ ସାମ୍ବାଦିକତା ଜନଜୀବନକୁ କେତେକ ଦିଗରୁ ନିୟନ୍ତ୍ରିତ କରିଥାଏ ।

ଶିଳ୍ପ ସଭ୍ୟତା ପରିପ୍ରକାଶ ପୂର୍ବାବସ୍ଥାରେ ବିଶ୍ୱର ବିଭିନ୍ନ ପ୍ରାନ୍ତରେ ଶାସକମାନେ ଜନ- ସମୁଦାୟରେ ସମ୍ବାଦ ପ୍ରସାର ନିମନ୍ତେ ଭିନ୍ନ ଭିନ୍ନ ବ୍ୟବସ୍ଥା ପ୍ରଚଳନ କରିଥିଲେ । ଖ୍ରୀଷ୍ଟପୂର୍ବ ୫୯ ବେଳକୁ ଜୁଲିଅସ ସିଜରଙ୍କ ଶାସନ କାଳରେ 'ଆକ୍ଟା ଦୁରିନା' ନାମରେ ଦୈନିକ ପ୍ରସ୍ତର କିମ୍ବା ଧାତୁ ଫଳକରେ ଲିଖିତ ସମ୍ବାଦପତ୍ର ସରକାରୀ ସ୍ତରରେ ପ୍ରସ୍ତୁତ କରାଯାଇ ରାମର ଜନବହୁଳ ସ୍ଥାନ ମାନଙ୍କରେ ଟଙ୍ଗା ଯାଉଥିଲା । ଚୀନରେ ୬୧୮ରୁ ୧୯୧୧ ଖ୍ରୀଷ୍ଟାବ୍ଦ ଯାଏଁ ଦୀର୍ଘହଜାରେ ବର୍ଷ ଧରି 'ବା' ନାମରେ ଶାସକଙ୍କ ପକ୍ଷରୁ ପ୍ରସ୍ତୁତ ଏକ ଦୈନିକ ସମ୍ବାଦପତ୍ର ଉଚ୍ଚପଦସ୍ଥ କର୍ମଚାରୀଙ୍କ ମଧ୍ୟରେ ପ୍ରସାରିତ କରାଯାଉଥିଲା ।

ସେହିପରି ୟୁରୋପର ବିଭିନ୍ନ ରାଷ୍ଟ୍ରରେ ସରକାରଙ୍କ ଦ୍ୱାରା ନିଯୁକ୍ତ ଲେଖକମାନେ ସମ୍ବାଦ ପତ୍ରିକା ପ୍ରସ୍ତୁତ କରି ସମ୍ବାଦ ଘୋଷକ 'ନିଉଜ କ୍ରାଏରର୍ସ'ଙ୍କ ଦ୍ୱାରା ଗ୍ରାମ-ସହରର ବଜାର-ହାଟରେ ଶାସନ ଖବର ପଢ଼ି ଶୁଣାଉଥିଲେ । ବ୍ୟବସାୟୀମାନଙ୍କ ଦ୍ୱାରା ଗୋଟିଏ ମଣ୍ଡିର ଦ୍ରବ୍ୟ ମୂଲ୍ୟ ଅନ୍ୟ ମଣ୍ଡିର ବ୍ୟବସାୟୀଙ୍କ ଗହଣରେ ପ୍ରସାର ନିମନ୍ତେ ସମ୍ବାଦ ପତ୍ରାଂଶ 'ନିଉଜଲେଟର' ପ୍ରସ୍ତୁତି ଓ ପ୍ରସାରଣର ବ୍ୟବସ୍ଥା ରହିଥିଲା । ଷୋଡ଼ଶ ଶତାବ୍ଦୀ ବେଳକୁ ମୁଦ୍ରଣ କଳାକୌଶଳ ପ୍ରସାର ପରେ ଏକକ ବିଷୟରେ ବିସ୍ତୃତ ବିବରଣୀ ସମ୍ବାଦ ପୁସ୍ତିକା 'ନିଉଜ ବୁକ୍ସ' ଆକାରରେ ସମ୍ବାଦପତ୍ରର ମୌଳିକ ରୂପ ଉନ୍ମେଷ ହୋଇଥିଲା ।

ସମ୍ବାଦପତ୍ର ବିକାଶରେ ଗଣତାନ୍ତ୍ରିକ ଶାସନ ପଦ୍ଧତି ପରକୁ ବୈଷୟିକ ପ୍ରଗତି ଅନ୍ୟତମ ପ୍ରଭାବଶାଳୀ ଭୂମିକା ନିର୍ବାହ କରିଆସିଛି । ମୁଦ୍ରଣ ଯନ୍ତ୍ରର ପ୍ରସାର ସହ ସମ୍ବାଦପତ୍ରର ଲୋକପ୍ରିୟତା ଯୋଡ଼ି ହୋଇ ରହିଥିବା ସ୍ଥଳେ ଲଣ୍ଡନରେ ୧୮୧୪ରେ ବାଷ୍ପଚାଳିତ ସ୍ୱୟଂକ୍ରିୟ 'ଡ଼ବଲ ପ୍ରେସ' ପ୍ରଚଳନ ଫଳରେ ଘଣ୍ଟାକୁ ପାଞ୍ଚହଜାର କିତା ମୁଦ୍ରଣ ସଂଭବ ହୋଇ ପାରିଥିଲା । ସେହିପରି ଶିଶା ଅକ୍ଷର ହାତରେ ଯୋଡ଼େଇ ବଦଳରେ ନ୍ୟୁୟର୍କରେ ୧୮୬୬ରେ 'ଲାଇନୋଟାଇପ' ଯନ୍ତ୍ର ବ୍ୟବହାର ସମ୍ବାଦ ପ୍ରକାଶନକୁ ପାଞ୍ଚ ଗୁଣ ଯାଏଁ କ୍ଷିପ୍ର କରିପାରିଥିଲା ।

ଦ୍ୱିତୀୟ ବିଶ୍ୱଯୁଦ୍ଧୋତ୍ତର ଅବସ୍ଥାରେ ଉଭୟ ଗଣତାନ୍ତ୍ରିକ ଶାସନ ପଦ୍ଧତି ଓ ସମ୍ବାଦପତ୍ର ଶିଳ୍ପର ବ୍ୟାପକ ପ୍ରସାର ଘଟିଥିଲା । ସମତାଳରେ ଉନ୍ନତ ଯୋଗାଯୋଗ ଓ ପରିବହନ କ୍ଷେତ୍ରରେ ପ୍ରଗତି ସମ୍ବାଦ ମଞ୍ଚକୁ ଶକ୍ତିଶାଳୀ କରିଥିଲା । ବାଣିଜ୍ୟ ବ୍ୟବସାୟରେ କ୍ରମୋନ୍ନତି ବିଜ୍ଞାପନ ବ୍ୟୟ ବୃଦ୍ଧିରେ ପ୍ରତିଫଳିତ ହେବା ଅବସରରେ ସମ୍ବାଦ ମଞ୍ଚ ବିଜ୍ଞାପନ- ଆଶ୍ରିତ ବ୍ୟବସାୟ ମଡ଼େଲରେ ସମୃଦ୍ଧ ହୋଇ ପାରିଥିଲା । ଅବଶ୍ୟ ବିଂଶ ଶତାବ୍ଦୀ ଶେଷ ଦଶକରେ ଡିଜିଟାଲ ମଞ୍ଚର ବିକାଶ ଓ ଏକବିଂଶ ଶତାବ୍ଦୀ ଆରମ୍ଭରୁ ବିଜ୍ଞାପନ ଆୟ ହ୍ରାସ ନୂତନ ସମୀକରଣ ସୃଷ୍ଟି କରିଛି ।

ସାମ୍ବାଦିକତା ବିକାଶର ସୁଦୀର୍ଘ ଇତିହାସରେ ସମ୍ବାଦ ମଞ୍ଚଗୁଡ଼ିକର ମାଲିକନା ସମ୍ପାଦକୀୟ ନୀତି ନିର୍ଦ୍ଧାରଣକୁ ପ୍ରଭାବିତ କରୁଥିବା ସୁସ୍ପଷ୍ଟ । ସମ୍ପାଦକୀୟ ନୀତି ଶାସକ- କେନ୍ଦ୍ରୀକ ହେଲେ ସାମ୍ବାଦିକତା ଜନ- ସମର୍ଥନ ହରାଇ ବସେ । ସମ୍ବାଦ ମଞ୍ଚଗୁଡ଼ିକ ବିଭିନ୍ନ କାରଣରୁ ଶାସକ ଅନୁକୂଳ ମନୋଭାବର ବଶବର୍ତ୍ତୀ ହୋଇଥାନ୍ତି । ଏକ ପକ୍ଷରେ ଶାସକଙ୍କ ପକ୍ଷରୁ ସମ୍ବାଦ ମଞ୍ଚ ନିବେଦନ 'ସ୍ୱାନସର' କରାଯାଉଥିବା ସ୍ଥଳେ ଅପରପକ୍ଷେ ଶାସକଙ୍କ କୃପା ଲାଭ ଉଦ୍ଦେଶ୍ୟରେ ସମ୍ବାଦ ମଞ୍ଚ ପକ୍ଷରୁ ଉଦ୍ୟମ କରାଯାଇଥାଏ । ଉଭୟ କ୍ଷେତ୍ରରେ ସାମ୍ବାଦିକତାର ମୂଳ ଲକ୍ଷ୍ୟ ପ୍ରତିହତ ହୁଏ ।

ମହାମାରୀ-ପୂର୍ବାବସ୍ଥାରେ ଆନ୍ତର୍ଜାତିକ ଫରାସୀ ସମ୍ବାଦ ସମୀକ୍ଷା ପ୍ରତିଷ୍ଠାନ 'ରିପୋର୍ଟରସ ଉଇଦାଉଟ ବାର୍ଡ଼ର୍ସ' ପକ୍ଷରୁ 'ମିଡ଼ିଆ ଓନରସିପ ମନିଟର' ଶୀର୍ଷକ ଏକ ସର୍ବେକ୍ଷଣ ଆୟୋଜନ କରାଯାଇଥିଲା । ୨୦୧୮ରେ ଆହୃତ ଏହି ଅଧ୍ୟୟନର ବିବରଣୀ ୨୦୧୯ରେ ପ୍ରକାଶିତ ହୋଇଥିଲା । ଏଥିରୁ ଜଣା ଯାଇଥିଲା ଯେ ଭାରତର ଆଞ୍ଚଳିକ ସମ୍ବାଦ ପରିବେଷଣ ପରିବେଶ କତିପୟ ଗଣମାଧ୍ୟମ ନିବେଶକଙ୍କ ଦ୍ୱାରା ପରିଚାଳିତ । ସମ୍ବାଦପତ୍ର, ସମ୍ବାଦ ଟେଲିଭିଜନ ଓ ଡ଼ିଜିଟାଲ ସମ୍ବାଦ ପୋର୍ଟାଲର ସଂଖ୍ୟା ଅଧିକ ଥିଲେ ହେଁ ସମ୍ବାଦ ଉପଭୋକ୍ତାମାନେ ମାତ୍ର କେତେଗୋଟି ନିର୍ବାଚିତ ମଞ୍ଚରୁ ସମ୍ବାଦ ଆହରଣ କରିଥାନ୍ତି । ଫଳରେ ସଂପୃକ୍ତ ମଞ୍ଚଗୁଡ଼ିକର ଅଳ୍ପ ସଂଖ୍ୟକ ମାଲିକଙ୍କ କର୍ତ୍ତୃତ୍ୱ ବିସ୍ତୃତ ଜନସଂଖ୍ୟା ଉପରେ ବଳବତ୍ତର ରହେ ।

ହିସାବ ଅନୁଯାୟୀ ୨୦୧୮ରେ ଭାରତରେ ଏକ ଲକ୍ଷ ଅଠର ହଜାର ରେଜିଷ୍ଟ୍ରିଭୁକ୍ତ ପତ୍ରପତ୍ରିକା, ୩୮୦ ଗୋଟି ସମ୍ବାଦଭିତ୍ତିକ ସମେତ ୮୮୦ ଗୋଟି ଉପଗ୍ରହ ଟେଲିଭିଜନ ଚ୍ୟାନେଲ ଏବଂ ୫୫୦ ଗୋଟି ଏଫ୍‌ଏମ ରେଡ଼ିଓ ଷ୍ଟେସନ ରହିଥିଲା । 'ମିଡ଼ିଆ ଓନରସିପ ମନିଟର' ପକ୍ଷରୁ ୫୮ ଗୋଟି ଆଗଧାଡ଼ିର ସମ୍ବାଦ ମଞ୍ଚ ଅଧ୍ୟୟନରୁ ଜଣାଯାଇଥିଲା ଯେ ହିନ୍ଦି ଭାଷାଭାଷୀ ଅଞ୍ଚଳରେ ୭୬ ପ୍ରତିଶତ ସମ୍ବାଦ ଉପଭୋକ୍ତା ଦୈନିକ ଜାଗରଣ, ହିନ୍ଦୁସ୍ଥାନ, ଅମର ଉଜାଲା ଓ ଦୈନିକ ଭାସ୍କର ଚାରିଗୋଟି ବୃହତ ପ୍ରକାଶକଙ୍କ ଉପରେ ନିର୍ଭରଶୀଳ ।

ସେହିପରି ତାମିଲ ଭାଷାଭାଷୀଙ୍କ ମଧ୍ୟରେ ଦୁଇ ତୃତୀୟାଂଶ ଦୁଇଗୋଟି ସମ୍ବାଦପତ୍ର ଏବଂ ତେଲୁଗୁ ଭାଷାଭାଷୀଙ୍କ ମଧ୍ୟରେ ୭୧ ପ୍ରତିଶତ ପାଠକ ଇନାଡୁ ଓ ସାକ୍ଷୀ ସମ୍ବାଦମଞ୍ଚ ଅନୁସରଣ କରିଥାନ୍ତି । ଓଡ଼ିଆ ସମେତ ବଙ୍ଗଳା, ଆସାମୀୟ, ପଞ୍ଜାବୀ, କନ୍ନଡ଼, ମରାଠୀ, ଗୁଜରାଟୀ ଓ ଉର୍ଦ୍ଦୁ ଭାଷାଭାଷୀଙ୍କ ମଧ୍ୟରେ ପାଠକ ସଂଖ୍ୟା କେବଳ କେତେଗୋଟି ମଞ୍ଚରେ ସୀମିତ । ଓଡ଼ିଆରେ ସତୁରିରୁ ଅଧିକ ଦୈନିକ ସମ୍ବାଦପତ୍ର ପ୍ରକାଶିତ ହେଉଥିଲେ ହେଁ ବଜାରରେ ଦଶରୁ ଅଧିକ ଶୀର୍ଷକ ନଜରକୁ ଆସେ ନାହିଁ । ସେଥିମଧ୍ୟରୁ ପାଞ୍ଚଗୋଟି ପାଠକ ସଂଖ୍ୟାର ଅଧିକାଂଶ ଅକ୍ତିଆର କରିଥାନ୍ତି ।

ଭାରତର ଆଞ୍ଚଳିକ ଭାଷାଗୁଡ଼ିକର ସମ୍ବାଦପତ୍ର ମଧ୍ୟରେ ହାରାହାରି ପ୍ରସାରରେ ପ୍ରଥମ ଓ ଦ୍ୱିତୀୟ ସ୍ଥାନ ଅଧିକାର କରୁଥିବା ଦୁଇଗୋଟି ସମ୍ବାଦପତ୍ର ସଂପୃକ୍ତ ଭାଷାଭାଷୀ ପଠକଙ୍କ ମଧ୍ୟରୁ ଅର୍ଦ୍ଧେକ ଦାବି କରୁଥିବା 'ମିଡ଼ିଆ ଓନରସିପ ମନିଟର' ଅଧ୍ୟୟନରୁ ସୁସ୍ପଷ୍ଟ । ଅର୍ଥାତ ସଂପୃକ୍ତ ମଞ୍ଚର ମାଲିକମାନେ ସ୍ଥାନୀୟ ରାଜନୀତି, ପ୍ରଶାସନ, ବ୍ୟବସାୟ, ସାମାଜିକ ଓ ସାଂସ୍କୃତିକ ପରିବେଶ ପ୍ରଭାବିତ କରିବା ସୁଯୋଗ ପାଇଥାନ୍ତି । ଅଧ୍ୟୟନରୁ ଏହା ମଧ୍ୟ ଜଣାଯାଇଛି ଯେ ଅଧିକାଂଶ ଆଞ୍ଚଳିକ ସମ୍ବାଦ ମଞ୍ଚ ବ୍ୟବସାୟ ମାଲିକାନା ପାରିବାରିକ ସମ୍ପତ୍ତି ।

ନାଗରିକଙ୍କ ଅଭିବ୍ୟକ୍ତିର ସ୍ୱାଧୀନତା ଚରିତାର୍ଥରେ ସମ୍ବାଦ ମଞ୍ଚ ସହାୟକ ହୋଇଥାଏ । ଗଣତାନ୍ତ୍ରିକ ଶାସନଧାରାରେ ସର୍ବସାଧାରଣଙ୍କ ଯୋଗଦାନ, ମାନବିକ ଅଧିକାର ସୁରକ୍ଷା ଠାରୁ ଆରମ୍ଭ କରି ସାମାଜିକ ପ୍ରବାହ ନିୟନ୍ତ୍ରଣରେ ସମ୍ବାଦ ମଞ୍ଚର ଭୂମିକା ଗୁରୁତ୍ୱପୂର୍ଣ୍ଣ । ଏହି କାରଣରୁ ସମ୍ବାଦ ମଞ୍ଚଗୁଡ଼ିକ ସାମୂହିକ ସ୍ୱାର୍ଥ ରକ୍ଷାରେ ନିୟୋଜିତ ହେବା ଆବଶ୍ୟକ । ତେବେ ସମ୍ବାଦ ମଞ୍ଚଗୁଡ଼ିକ ବ୍ୟାବସାୟିକ ପ୍ରତିଷ୍ଠାନ ରୂପେ ବିକଶିତ ହେଉଥିବା ହେତୁ ସଂପୃକ୍ତ ବ୍ୟବସାୟର ନିବେଶକଗଣ ଜନସ୍ୱାର୍ଥ ବଦଳରେ ବ୍ୟାବସାୟିକ ସ୍ୱାର୍ଥକୁ ଅଗ୍ରାଧିକାର ଦେବା ସ୍ୱାଭାବିକ । ସାମ୍ବିଧାନିକ ବିଧି ବ୍ୟବସ୍ଥାରେ ସମ୍ବାଦ ମଞ୍ଚକୁ ବ୍ୟାବସାୟିକ ମାଲିକାନାରୁ କ୍ଷାନ୍ତ କରିବା ଅସଂଭବ ।

ଏହି ପରିପ୍ରେକ୍ଷୀରେ ଅଣ- ବ୍ୟାବସାୟିକ ସମ୍ବାଦ ମଞ୍ଚ ବିକାଶ ଏକମାତ୍ର ବିକଳ୍ପ । ଏକବିଂଶ ଶତାବ୍ଦୀର ଦ୍ୱିତୀୟ ଦଶକରେ ଯୁକ୍ତରାଷ୍ଟ୍ର ଆମେରିକା ସମେତ ବିଶ୍ୱର କେତେକ ରାଷ୍ଟ୍ରରେ ଅଣ- ବ୍ୟାବସାୟିକ ସମ୍ବାଦ ମଞ୍ଚ ମୁଣ୍ଡ ଟେକିଛି । ଏହି ମଡ଼େଲର କାର୍ଯ୍ୟକାରିତା ନିମନ୍ତେ ମହାମାରୀ- ପର ଅବସ୍ଥାରେ ଅନୁକୂଳ ପରିବେଶ ସୃଷ୍ଟି ହୋଇ ଥିଲେ ହେଁ ଏଦିଗରେ ଅଗ୍ରଗତି ସମୟ କହିବ ।

## ଆଜିର ଚିନ୍ତନ

ଭକ୍ତି ଏବଂ କୃପା, ସାଧନ-ସାଧ୍ୟ ନୁହେଁ ବରଂ କୃପା ସାଧ୍ୟ ଅଟେ । ଗୋସ୍ୱାମୀ ତୁଳସୀ ଦାସ ରାମ ଚରିତ ମାନସରେ ଲେଖିଛନ୍ତି, 'ସୋଇ ଜାନଇ ଦେହି ଦେହୁ ଜନାଇ, ଜାନତ ତୁହି ହିଁ ତୁହଇ ହୋଇ କାଈ । ତୁହ୍ମରିହିଂ କୃପା ତୁହି ରଘୁନନ୍ଦନ, ଜାନହିଁ ଭଗତ ଭଗତ ଉର ଚନ୍ଦନ ।' ମାନବ ଜୀବନର ବାସ୍ତବିକ ମହୋତ୍ସବ ମୃତ୍ୟୁ ଅଟେ । ଏହି ସ୍ଥିତିକୁ ଲକ୍ଷ୍ୟ କରି କୌଣସି ଜୀବନ୍ମୁକ୍ତ ବ୍ରହ୍ମଜ୍ଞାନୀ ନିତ୍ୟଲୀଳାରସ ରସିକ ସବୁ ଭକ୍ତ କହନ୍ତି, ମରତେ ମରତେ ଜଗମୁଆ ମରନି ନ ଜାନା କୋୟ, ଐସୀ ମରନ୍ତା ମର ଚଲୋ ବହୁରି ନ ମରନା ହୋୟ । ବାଳକ ଜନ୍ମ ହେଲେ ସମସ୍ତେ ଉତ୍ସବ କରନ୍ତି । ଏହାର ତାତ୍ପର୍ଯ୍ୟ ହେଉଛି, ବାଳକ ଜନ୍ମ ବେଳେ କାନ୍ଦେ, ଅନ୍ୟ ସମସ୍ତେ ଉତ୍ସବ କରନ୍ତି । ଏହାର ଲାକ୍ଷଣିକ ଏବଂ ତାତ୍ତ୍ୱିକ ତାତ୍ପର୍ଯ୍ୟ ହେଉଛି, ନିର୍ବାଣ ବା ମୃତ୍ୟୁ ସମୟରେ ଜୀବାତ୍ମା ହସେ ଏବଂ ସଂସାର କାନ୍ଦେ । ଜବ ହମ ଜଗ ଦୌ ଦାହୁଏ, ଜଗ ହଁସା ହମ ରୋଗ । ଐସୀ କରନୀ କର ଚଲୋ ହମ ହଁସେ ହମ ରୋଏ । କୁରା କୃତ୍ୟ ଜୀବନ ମେଁ କୁଛ ଐସା ଭୟ, କି ଅନ୍ତିମ ମେ ହଂସତେ ହୁଏ ପ୍ରାଣ ଜାୟ । ଜନ୍ମ ଧରାଧାମରେ ଜୀବାତ୍ମାର ଆଗମନ । ବିବାହ ହେଉଛି ଆତ୍ମା ଦୁଇଟିର ମିଳନ କିନ୍ତୁ ନିର୍ବାଣ ବା ମୃତ୍ୟୁ ଆତ୍ମା ପରମାତ୍ମାଙ୍କ ମହାମିଳନ ପରି ନିର୍ବାଣ, ମହାସମାଧି । ଜନ୍ମଗଙ୍ଗାଙ୍କର ଅବତରଣ ବିବାହ ଯମୁନା, କର୍ମର ସଙ୍ଗମ ଏବଂ ମୃତ୍ୟୁ ଅଦୃଶ୍ୟ ସରସ୍ୱତୀ ତ୍ରିବେଣୀର ମହାସଙ୍ଗମ । ତାତ୍ତ୍ୱିକ ବିବେକ ହେଉଛି ଯେ, ଜନ୍ମ, ବିବାହ, ମୃତ୍ୟୁ ବା ନିର୍ବାଣ ଯଥାର୍ଥତଃ ମାନବ ଜୀବନର ଆନନ୍ଦୋତ୍ସବ ପୂର୍ଣ୍ଣ ମହୋତ୍ସବ । ଜନ୍ମ ଓ ମୃତ୍ୟୁ ଜୀବନ ନଦୀର ଦୁଇ କୂଳ । ବିଷୟୀ ସଂସାରୀ ବ୍ୟକ୍ତି ନିରୁପାୟ ପରି ପ୍ରବାହରେ ବହି ଚାଲନ୍ତି କିନ୍ତୁ ଚତୁର ସନ୍ତରଣକାରୀ ବ୍ରହ୍ମଯୋଗ ଯୁକ୍ତାତ୍ମା, ଆତ୍ମଜ୍ଞାନୀ, ଭଗବଦ୍ ଭକ୍ତି 'ବ୍ରହ୍ମ ସତ୍ୟଂ ଜଗନ୍ମିଥ୍ୟା'ର ବାସ୍ତବିକ ରହସ୍ୟକୁ ହୃଦୟଙ୍ଗମ କରି ଆତ୍ମାନନ୍ଦର ମସ୍ତୀରେ ବୁଡ଼ି ବୁଡ଼ି ଆନନ୍ଦର ସଂସାର ନଦୀ ପାର ହୋଇଯାନ୍ତି । କୌଣସି ପ୍ରକାରେ କାନ୍ଦି କାନ୍ଦି ଦୁଃଖୀ ଶ୍ଳୋକ କ୍ଳେଶ ବ୍ୟାଧି ଭୋଗ କରି ଦୀର୍ଘ ଦିନ ବଞ୍ଚି ରହିବା ଏବଂ ନିରୁଦ୍ଦେଶ୍ୟ ମରିଯିବା ଜୀବନର ସାର୍ଥକତା ନୁହେଁ ବିଷୟରୁ ଅନାଶକ୍ତ ରହି ଜ୍ଞାନ ପ୍ରାପ୍ତ କରି ନିତ୍ୟ ସୁଖ ପ୍ରାପ୍ତି, ଶାସ୍ତ ଏବଂ ଅକ୍ଷୟ ଆତ୍ମାନନ୍ଦର ଉପଲବ୍ଧି ସକଳ ପ୍ରାପ୍ତ କରି ଦେହତ୍ୟାଗ ରୂପୀ ମୃତ୍ୟୁକୁ ମହୋତ୍ସବ ରୂପରେ ବରଣ କରିବା ମାନବ ଜୀବନର ସାର୍ଥକତା ଅଟେ । ତେଣୁ ତ ପଣ୍ଡିତ ଗୋପବନ୍ଧୁ ଦାସ ଲେଖିଥିଲେ, 'ମାନବ ଜୀବନ ନୁହଇ କେବଳ ଜୀବନର ବର୍ଷ ମାସ ଦିନ ଦଣ୍ଡ, କର୍ମେ ଜୀଏ ନର କର୍ମ ଏକା ସିନା ଜୀବନର ମାନଦଣ୍ଡ । ଇଂରାଜୀରେ ଗୋଟିଏ ସୁନ୍ଦର ଉକ୍ତି ଅଛି, ଯାହା ସର୍ବଜନ ପ୍ରଣିଧାନ ଯୋଗ୍ୟ । ଏ ମୋମେଣ୍ଟ ଅଫ୍ କ୍ରାଉଡ଼େଡ୍ ଲାଇଫ୍ ଅଫ୍ ଗ୍ଲୋରି ଇଜ୍ ବେଟର ଦେନ ଏ ପିରିଅଡ୍ ଅଫ୍ ଭେଜିଟେବଲ ଏକ୍‌ଜିଷ୍ଟେନ୍ସ । ଅର୍ଥାତ୍ ସର୍ବଜନ ପ୍ରଶଂସିତ ଗୋଟିଏ ମୁହୂର୍ତ୍ତର ଜୀବନ ଅନେକ ଦିନର ବୃକ୍ଷ ବନସ୍ପତି ପରି ବଞ୍ଚି ରହିବା ଜୀବନଠାରୁ ଉତ୍ତମ, ଯେପରି ସତକର୍ମୀ, ସାଧୁ ସନ୍ଥ, ପରୋପକାରୀ, ଜନସେବୀ, ଦେଶସେବୀ । ଦେଶସେବୀଙ୍କ ଜୀବନ ହିଁ ସାର୍ଥକ ଜୀବନ । ଅନ୍ୟକୁ କଷ୍ଟ ଦେଇ ଶହେ ବର୍ଷ ବଞ୍ଚି ରହିବାରେ କି ସାର୍ଥକତା ଅଛି ?

# ପରମାତ୍ମା ହିଁ ପୁରୁଷୋତ୍ତମ

ଭଗବାନ ଶ୍ରୀକୃଷ୍ଣ ଅର୍ଜୁନଙ୍କୁ କହିଥିଲେ ଯେ ଉତ୍ତମ ପୁରୁଷ ପୃଥକ୍ ଅଟନ୍ତି, ଯାହାଙ୍କୁ ପରମାତ୍ମାଙ୍କ ନାମରେ ନାମିତ କରା ଯାଇଥାଏ । ସେହି ଅବିନାଶୀ ଈଶ୍ୱର ତିନି ଲୋକରେ ପ୍ରବିଷ୍ଟ ହୋଇ ସମସ୍ତଙ୍କର ଭରଣ-ପୋଷଣ କରନ୍ତି । ଶ୍ରୀଭଗବାନ କହିଛନ୍ତି ଯେ ଏହି ସୃଷ୍ଟିରେ ତିନି ପ୍ରକାର ସ୍ଥିତି ରହିଛି । ଗୋଟିଏ ନାଶବାନ୍ ଶରୀର, ପରିବର୍ତ୍ତନଶୀଳ ସଂସାର ଅଟେ । ଦ୍ୱିତୀୟରେ ସେହି ନାଶବାନ୍ ଶରୀରରେ ଲୁକ୍କାୟିତ ଥିବା ଅବିନାଶୀ ଆତ୍ମା ଅଟେ ଏବଂ ତୃତୀୟରେ ଉତ୍ତମ ପୁରୁଷ, ପୁରଷୋତ୍ତମ ସେ ହିଁ ଅଟନ୍ତି ଯାହାଙ୍କୁ ପରମାତ୍ମା କୁହାଯାଏ । ସେହି ପରମାତ୍ମା ଅନ୍ୟ ଦୁଇଟି ସ୍ଥିତିର, ଅବଶିଷ୍ଟ ଦୁଇ ପୁରୁଷଙ୍କ ଠାରୁ ଅତିକ୍ରମଣ କରିଛନ୍ତି ଏବଂ ସେଥିପାଇଁ ସେ ସେହି ଦୁଇଟି ସ୍ଥିତି ଅପେକ୍ଷା ପୃଥକ୍, ଉତ୍ତମ ତଥା ବିଲକ୍ଷଣ ଅଟନ୍ତି । ଏହାକୁ ଏପରି ମଧ କୁହାଯାଇପାରେ ଯେ କ୍ଷର ତଥା ଅକ୍ଷର ହିଁ ଲୌକିକ, ପରନ୍ତୁ ପରମାତ୍ମା ଲୋକଗୁଡ଼ିକରୁ ଉର୍ଦ୍ଧ୍ୱରେ, ଲୋକଗୁଡ଼ିକରୁ ଅତିକ୍ରମଣ କରିବା କାରଣରୁ ଅଲୌକିକ ଅଟନ୍ତି ।

ମହର୍ଷି ପତଞ୍ଜଳି ଯୋଗସୂତ୍ରରେ ଏହାକୁ ଏପରି ପରିଭାଷିତ କରିଛନ୍ତି ଯେ ସେହି ଈଶ୍ୱର, ସେହି ପୁରୁଷୋତ୍ତମ, ସେହି ପରମାତ୍ମା-କ୍ଲେଶ, କର୍ମ, ବିପାକ ଓ ଇଚ୍ଛା ରହିତ ଏକ ବିଶେଷ ପ୍ରକାରର ପୁରୁଷ ଅଟନ୍ତି । ଅବିଦ୍ୟା, ଅସ୍ମିତା, ରାଗ, ଦ୍ୱେଷ ଓ ଅଭିନିବେଶକୁ ପଞ୍ଚକ୍ଲେଶ ବୋଲି କୁହାଯାଏ କାରଣ ଏଗୁଡ଼ିକ ହିଁ କର୍ମବନ୍ଧନର କାରଣ ହୋଇଥାଏ । କର୍ମରୁ ପ୍ରାପ୍ତ ହେଉଥିବା ଫଳକୁ 'ବିପାକ' କୁହାଯାଏ ଏବଂ ସେଥିରୁ ଉପୁଜୁଥିବା ବାସନା ରୂପକ ସଂସାରକୁ 'ଇଚ୍ଛା' କୁହାଯାଏ । ନାଶବାନ୍ ପୁରୁଷ, ଏହି କାର୍ଯ୍ୟଗୁଡ଼ିକ କରିବାର ଭାବନା ପୋଷଣ କରି ସ୍ୱୟଂକୁ କର୍ତ୍ତା ମାନିବସେ ଏବଂ ଏଥିପାଇଁ କର୍ମ ପଛରେ ନିହିତ ଭାବନା ଅନୁସାରେ ପରିଣାମକୁ ପ୍ରାପ୍ତ କରିବା ପାଇଁ ତାଙ୍କୁ 'ଭୋକ୍ତା' ହେବାକୁ ପଡେ । ମହର୍ଷି ପତଞ୍ଜଳି କହିଛନ୍ତି, ଯେଉଁ ପୁରୁଷ ଏହି ଭୋଗ ଠାରୁ ସମ୍ପର୍କ ରହିତ ହୋଇ ରହନ୍ତି, ସେହି ବିଶେଷ ପୁରୁଷ ହିଁ ଈଶ୍ୱର ବା ପୁରୁଷୋତ୍ତମ ଅଟନ୍ତି । ଏହି କଥା ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ । କାରଣ ଅନେକ ମହାପୁରୁଷ କର୍ମବନ୍ଧନକୁ କାଟି, ବନ୍ଧନମୁକ୍ତ ଅବସ୍ଥାକୁ ପ୍ରାପ୍ତ ହୁଅନ୍ତି, ପରନ୍ତୁ ଈଶ୍ୱର ବା ପୁରୁଷୋତ୍ତମ ସେହି ବିଶେଷ ପୁରୁଷ ଅଟନ୍ତି, ଯାହାଙ୍କର ଏହି ବନ୍ଧନ ସହିତ ସମ୍ପର୍କ କେବେ ହୋଇ ନାହିଁ କି ଭବିଷ୍ୟତରେ ହେବ ନାହିଁ, ଯେହେତୁ ସେ ସର୍ବଦା ଏହାକୁ ଅତିକ୍ରମ କରି ଏହାର ଉର୍ଦ୍ଧ୍ୱରେ ରହିଥାନ୍ତି ।

ଭଗବାନ କହିଛନ୍ତି ଯେ ମୁଁ କ୍ଷର ବା କ୍ଷୟଶୀଳତାରୁ ଅତୀତ ଏବଂ ଅକ୍ଷର ଠାରୁ ମଧ ଉତ୍ତମ ଏବଂ ବେଦରେ 'ପୁରୁଷୋତ୍ତମ' ନାମରେ ପ୍ରସିଦ୍ଧ ଅଟେ । ଏଠାରେ ଶ୍ରୀଭଗବାନ କହିଛନ୍ତି ଯେ କ୍ଷର ହେଉ କିମ୍ବା ଅକ୍ଷର ଏହି ଉଭୟ ମଧରେ ସ୍ୱତନ୍ତ୍ର ସତ୍ତା କାହାର ହେଲେ ନାହିଁ ଏବଂ ଏହି ଦୁଇଟି ସତ୍ତା ପରମାତ୍ମାଙ୍କର ଅଂଶ । ଦେଖିବାକୁ ଗଲେ ଅକ୍ଷର, ଅବିନାଶୀ ଅଟେ, ପରନ୍ତୁ ସେ ସ୍ୱୟଂକୁ କ୍ଷର ମାନିନେବା କାରଣରୁ ତାହାର ଅଧୀନ ହୋଇଯାଏ, ଯେତେବେଳେ କି ପରମାତ୍ମା ସଦୈବ ଏହାର ଉର୍ଦ୍ଧ୍ୱରେ ରହିଥାନ୍ତି ଏବଂ ସେଥିପାଇଁ ସେ ଅକ୍ଷର ଅପେକ୍ଷା ମଧ ଉତ୍ତମ ଅଟନ୍ତି । ଏହି ପରମ ପୁରୁଷ, ଉତ୍ତମ ପୁରୁଷ, ବିଶେଷ ପୁରୁଷ, ପୁରୁଷୋତ୍ତମ ମଧ ଶ୍ରୀଭଗବାନ ସ୍ୱୟଂ ହିଁ ଅଟନ୍ତି । ପ୍ରକୃତି ଅଧୀନରେ କ୍ଷର ତଥା ଅକ୍ଷର ରହିଥାଏ । କ୍ଷର ପ୍ରକୃତି ଗୁଣାବଳୀରେ ପୂର୍ବତଃ ଲିପ୍ତ ହୋଇଯାଏ । ଅକ୍ଷର ଅବିନାଶୀ ହୋଇଥିଲେ ମଧ ସ୍ୱୟଂକୁ କ୍ଷର ଜ୍ଞାନ କରେ । ଏହାର ବିପରୀତରେ, ପୁରୁଷୋତ୍ତମ ସଦା-ସର୍ବଦା ପ୍ରକୃତିର ଗୁଣାବଳୀକୁ ଅତିକ୍ରମଣ କରିଥାନ୍ତି ଏବଂ ସେ ଏଥିପାଇଁ ତାଙ୍କୁ ପୁରୁଷୋତ୍ତମ ନାମରେ ନାମିତ କରାଯାଇଛି ।

ଶ୍ରୀମଦଭଗବଦ୍ଗୀତାର ଏହି ସୂତ୍ର ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ ଏବଂ ସାରଗର୍ଭକ । ଭଗବାନ ଶ୍ରୀକୃଷ୍ଣଙ୍କ ଅନୁସାରେ ପୁରୁଷୋତ୍ତମର ପଦ, ଏହି ଅବସ୍ଥା ସର୍ବୋଚ୍ଚ ଅବସ୍ଥା ଅଟେ । ଏହାର ଉର୍ଦ୍ଧ୍ୱରେ ଏବଂ ଏହାଠାରୁ ବଡ଼ ଆଉ କିଛି ହେଲେ ନାହିଁ । ଏହା ଜ୍ଞାନର ସର୍ବୋଚ୍ଚ ଶିଖର, ସର୍ବୋତ୍କୃଷ୍ଟ ଅନୁଭୂତି ଅଟେ । ଅକ୍ଷର, କ୍ଷର ଅପେକ୍ଷା ଉତ୍ତମ ବୋଲି ସ୍ୱୀକାର କରାଯାଇଛି, କିନ୍ତୁ ପୁରୁଷୋତ୍ତମ ସର୍ବାପେକ୍ଷା ଉର୍ବୋର ରହିଥାନ୍ତି । ଏପରିକି ସେ ପରମଧାମ ଠାରୁ ମଧ ଉର୍ଦ୍ଧ୍ୱରେ ରହିଥାନ୍ତି । ଏହି ସନ୍ଦର୍ଭରେ ଆଚାର୍ଯ୍ୟ ଶଙ୍କର, ବିବେକଚୂଡ଼ାମଣିର ୧୧୧ ତମ ସୂତ୍ରରେ କହିଛନ୍ତି- ସେ ସତ୍ ନୁହନ୍ତି, କି ଅସତ୍ ନୁହନ୍ତି ଏବଂ ଉଭୟ ରୂପ ମଧ ନୁହନ୍ତି, ଭିନ୍ନ କି ଅଭିନ୍ନ ନୁହନ୍ତି ଏବଂ ଉଭୟ ବି ନୁହନ୍ତି, ଅଙ୍ଗଯୁକ୍ତ ବା ଅଙ୍ଗ ରହିତ ନୁହନ୍ତି ଏବଂ ନା ଉଭୟାତ୍ମିକା ନୁହନ୍ତି, କିନ୍ତୁ ସେ ଅତ୍ୟନ୍ତ ଅଦ୍ଭୁତ, ଅନିର୍ବଚନୀୟ ରୂପ ଏବଂ ସବୁଠାରୁ ଉର୍ଦ୍ଧ୍ୱରେ ପୁରୁଷୋତ୍ତମ ପରମେଶ୍ୱର ଅଟନ୍ତି ।

ଏହି ସନ୍ଦର୍ଭକୁ ନେଇ ଏଠାରେ ଶ୍ରୀଭଗବାନ କହିଛନ୍ତି ଯେ ପୁରୁଷୋତ୍ତମ, ସବୁଠାରୁ ଉର୍ଦ୍ଧ୍ୱରେ, ସବୁଠାରୁ ଶ୍ରେଷ୍ଠ ଅଟନ୍ତି । ଅକ୍ଷର ପର୍ଯ୍ୟନ୍ତ ଯାତ୍ରା ନେତି-ନେତି ଦ୍ୱାରା ସମ୍ଭବ ପରନ୍ତୁ ପୁରୁଷୋତ୍ତମ ଏହାର ଉର୍ଦ୍ଧ୍ୱରେ, କାରଣ ସେ ସମ୍ପୂର୍ଣ୍ଣ ଓ ସମଗ୍ର ଅସ୍ତିତ୍ୱର ଅତିକ୍ରମଣ କରିଛନ୍ତି । ସେ ସମସ୍ତ ରହସ୍ୟ ଠାରୁ ଉର୍ଦ୍ଧ୍ୱରେ ରହିଛନ୍ତି, ସମସ୍ତ ସତ୍ୟ ଠାରୁ ବୃହତ୍ ଅଟନ୍ତି । ତାଙ୍କୁ ଜାଣିବା ପରେ କ୍ଷର ତଥା ଅକ୍ଷରକୁ ଏକ ସଙ୍ଗେ ଜାଣିବା ଓ ସମ୍ପୂର୍ଣ୍ଣ ଜ୍ଞାନ ଲାଭ କରିବା ସମ୍ଭବ । ଏପରି ହେବାର କାରଣ କ୍ଷର ଓ ଅକ୍ଷର, ପରସ୍ପର ବିରୋଧୀ ଦେଖା ଯାଉଥିଲେ ମଧ ଗୋଟିଏ ଅନ୍ୟଟିର ପ୍ରତିରୂପ । ପୁରୁଷୋତ୍ତମଙ୍କ ପାଇଁ ଏକ ସଙ୍ଗେ କ୍ଷର ଓ ଅକ୍ଷର ହୋଇ ପାରିବା ସମ୍ଭବ, କାରଣ ସେ ଏହି ସବୁ କ୍ଷେତ୍ରକୁ ଅତିକ୍ରମ କରିବା ସହିତ ଏହାର ଉର୍ଦ୍ଧ୍ୱକୁ ଗମନ କରିଛନ୍ତି । ସେଥିପାଇଁ ତାଙ୍କ ପକ୍ଷରେ ଉଭୟ ପାର୍ଶ୍ୱରେ ଏକ ସଙ୍ଗେ ଉପସ୍ଥିତ ରହି ପାରିବା ସମ୍ଭବପର ।

# ପେଟ ଗ୍ୟାସ୍ ସମସ୍ୟା



ଅନିୟମିତ ଦିନଚର୍ଯ୍ୟା ଓ ଅନିୟମିତ ଖାଦ୍ୟପେୟ କାରଣରୁ ପେଟ ସମସ୍ୟା ଉପୁଜିଥାଏ । ଏହି କାରଣରୁ ଠିକ୍ ଭାବରେ ହଜମ ହୁଏ ନାହିଁ । ଫଳରେ ପେଟରେ ଗ୍ୟାସ ସମସ୍ୟା ଦେଖା ଦେଇଥାଏ । ଏହି କାରଣରୁ ପେଟ ଯନ୍ତ୍ରଣା, ପେଟ ଫୁଲିବା, ହାକୁଟି ଆଇ ଆସିବା ସହିତ ମୁଣ୍ଡ ବୁଲାଇବା ଆଦି ବିଭିନ୍ନ ରୋଗ ଦେଖା ଦେଇଥାଏ ।

ପୋଦିନା : ଆପଣ ପୋଦିନ ଚା' ତିଆରି କରି ପିଅନ୍ତୁ ଏହି ସମସ୍ୟାରୁ ମୁକ୍ତି ମିଳିବ ।

ଜିରା : ଜିରା ପାଣି ପିଅନ୍ତୁ, କିମ୍ବା ଜିରା ଓ ଲୁଣକୁ ଅଳ୍ପ ମାତ୍ରାରେ ନେଇ ଚୋବାଇ ଗରମ ପାଣି ପିଅନ୍ତୁ । କିମ୍ବା ଜିରା ଚା' ପିଅନ୍ତୁ । ଜିରା ଚା' ତିଆରି କରିବା ଲାଗି ଅଧା ଗ୍ଲାସ ପାଣି ନେଇ ଏଥିରେ ୧ ଚାମଚ ଜିରା ପକାଇ ଫୁଟାନ୍ତୁ । ପାଣି ସିଝି ଅଧାକପ୍ ହେବା ଜରୁରୀ । ଏଥିରୁ କିଛି ନଖ ଉଷୁମ ପାଣି ସକାଳେ ଓ ରାତିରେ ପିଅନ୍ତୁ । ଏଥିରେ ଥିବା ଆଣ୍ଟି ଅକ୍ସିଡାଣ୍ଟ, ଆଣ୍ଟି ଭାଇରାଲ ଗୁଣ ପେଟ ଗ୍ୟାସ ଦୂର କରିଦେବ ।

ପାନମଧୁରୀ ଖାଦ୍ୟ ଖାଇ ସାରିବା ପରେ ପାନ ମଧୁରୀ ଅଳ୍ପ ଚୋବାଇ ଖାଆନ୍ତୁ ।

ତୁଳସୀରେ ଆଣ୍ଟି ବ୍ୟାକ୍ଟେରିୟାଲ, ଆଣ୍ଟି –ଭାଇରାଲ ଓ ଔଷଧୀୟ ଗୁଣ ଭରପୁର ରହିଛି । ଏହାକୁ ସେବନ କରିବା ଫଳରେ ପେଟ ଗ୍ୟାସରୁ ମୁକ୍ତି ମିଳିବ । ଏହା ସହିତ ପାଚନ ତନ୍ତ୍ର ଠିକ୍ ରହିବ । ତୁଳସୀ ଚା, ପାଣି ଓ କାଢ଼ା ତିଆରି କରି ପିଅନ୍ତୁ ।

ଦହି ପୋଷକ ତତ୍ତ୍ୱ ଭରପୂର ରହିଛି, ପ୍ରତିଦିନ ଏକ ଡାଟିଆ ତାଜା ଦହି ଖାଆନ୍ତୁ ଗ୍ୟାସ ସମସ୍ୟା ଦୂର ହୋଇଯିବ । କିନ୍ତୁ ଥଣ୍ଡା ଓ ଶ୍ୱାସ ରୋଗୀ ଦହି ଖାଆନ୍ତୁ ନାହିଁ ।

# ଦୈନିକ ପାରାସିଟାମଲ ସେବନ ରକ୍ତଚାପ, ହୃଦଘାତ ଆଶଙ୍କା ବଢ଼ାଉଛି

ସାମାନ୍ୟ କାରଣ ପାଇଁ ପ୍ରତିଦିନ ପାରାସିଟାମଲ୍ ସେବନ କଲେ ତାହାଦ୍ୱାରା ଶରୀରରେ ରକ୍ତଚାପ ବୃଦ୍ଧି ସହିତ ହୃଦଘାତ ଆଶଙ୍କା ବଢ଼ିଥାଏ ବୋଲି ସ୍ୱାସ୍ଥ୍ୟ ବିଶେଷଜ୍ଞ ଚେତାବନୀ ଦେଇଛନ୍ତି । ସେଥିପାଇଁ ଗବେଷକମାନେ ହୃଦରୋଗ ଅଥବା ହୃଦଘାତ ଆପଦ ଥିବା ରୋଗୀଙ୍କୁ ପାରାସିଟାମଲ ସେବନ ପାଇଁ ପରାମର୍ଶ ଦେବା ପୂର୍ବରୁ ଅତ୍ୟନ୍ତ ଯତ୍ନବାନ ହେବାକୁ କହିଛନ୍ତି । ୟୁନିଭରସିଟି ଅଫ ଏଡିନବରାର ବିଶେଷଜ୍ଞମାନେ ୧୧୦ ଜଣ ରୋଗୀଙ୍କୁ ନେଇ ଏହି ଗବେଷଣା କରିଥିଲେ, ଯେଉଁମାନେ ଉଚ୍ଚ ରକ୍ତଚାପର ଶିକାର ହୋଇଥିଲେ । ସେମାନଙ୍କୁ ପାନକରେ ୧ ଗ୍ରାମ ଲେଖାଏଁ ପାରାସିଟାମଲ ଦିନକୁ ଚାରିପାନ ଦୁଇ ସପ୍ତାହ ପାଇଁ ଦିଆଯାଇଥିଲା । ତାହାପରେ ଧୀରେ ଧୀରେ ତାହାକୁ ହ୍ରାସକରି ପୁଣି ପୂର୍ବ ସ୍ଥିତିକୁ ଅଣାଯାଇଥିଲା । ଚାରିଦିନ ମଧ୍ୟରେ ସେହି ରୋଗୀମାନଙ୍କର ରକ୍ତଚାପ ଢେର ବୃଦ୍ଧିପାଇଥିବା ଏବଂ ସେମାନେ ହୃଦଘାତ ଅଥବା ଷ୍ଟ୍ରୋକର ଶିକାର ହେବା ଆଶଙ୍କା ୨୦% ବୃଦ୍ଧି ପାଇଥିଲା । ଏହି କାରଣରୁ ହୃଦଘାତ ଅଥବା ଷ୍ଟ୍ରୋକର ଶିକାର ହେବା ଆଶଙ୍କା ରହିଥିବା ରୋଗୀଙ୍କୁ ପାରାସିଟାମଲ ନଦେବା ବିଷୟ ବିଚାର କରିବାକୁ ଗବେଷକମାନେ ଚିକିତ୍ସକଙ୍କୁ ପରାମର୍ଶ ଦେଇଛନ୍ତି । ତାହା ପରିବର୍ତ୍ତେ ସେମାନେ କମ୍ ପାନର ପାରାସିଟାମଲରୁ ଚିକିତ୍ସା ଆରମ୍ଭ କରି ତାହାକୁ ପର୍ଯ୍ୟାୟକ୍ରମେ ବୃଦ୍ଧି କରିପାରିବେ । ତେବେ ଉକ୍ତ ପରିମାଣ ଆବଶ୍ୟକତା ଠାରୁ ଅଧିକ ହେବା ଅନୁଚିତ । ଗବେଷକମାନେ ଏହା ମଧ କହିଛନ୍ତି ଯେ ପୁରୁଣା ରୋଗର ଯନ୍ତ୍ରଣା ଉପଶମ ପାଇଁ ଯେଉଁମାନେ ପାରାସିଟାମଲ ବ୍ୟବହାର କରୁଛନ୍ତି, ସେମାନେ ନିଜର ରକ୍ତଚାପ ନିୟନ୍ତ୍ରଣରେ ରଖିବାକୁ ପୃଥକ ଚିକିତ୍ସା କରାଇବା ଉଚିତ ।

## ଟିକିଏ ହସନ୍ତୁ

ମନୁ ମଉସା ଗୋପୀକୁ: ତୋର ତ ଯୁକ୍ତ ଦୁଇ ସରିବ । ଯା ପରେ କ'ଣ କରିବୁ ବୋଲି ଭାବିଚୁ ?

ଗୋପୀ: ବିବିଏ ।

ମନୁ ମଉସା: ଭଲ । ହେଲେ ବିବିଏ କ'ଣ କିରେ ?

ଗୋପୀ: ବିବିଏର ଅର୍ଥ ହେଉଛି, ବିଭା କେ ବାହେଁ ମେଁ ଆରାମ ।

× × × ×

ମୁନା ଏକ କାଗଜକୁ ଧରି କିସ୍ କରୁଥାଏ ।

ଏହା ଦେଖି ରାଜେଶ: କାଗଜକୁ କାହିଁକି କିସ୍ କରୁଛୁ ?

ମୁନା: ଇଏ କାଗଜ ନୁହେଁ ଲଭ୍ ଲେଟର୍ ।

ରାଜେଶ: ହେଲେ ଏଥିରେ ତ କିଛି ଲେଖା ନାହିଁ । ସାଦା କାଗଜଟେ ।

ମୁନା: କିଛିଦିନ ହେବ ଆମର କଥାବାର୍ତ୍ତା ନାହିଁ ନା ସେଥିପାଇଁ ।

× × ×

ଲକଡାଉନ ସରିବା ପରେ ସ୍କୁଲ ମିଟିଂରେ ଜଣେ ବ୍ୟକ୍ତି

ଶିକ୍ଷୟିତ୍ରୀଙ୍କୁ: ମୁଁ ମୋହନର ବାପା ।

ଶିକ୍ଷୟିତ୍ରୀ: ହଁ ମୁଁ ଜାଣିଛି ।

ବ୍ୟକ୍ତି: କେମିତି ଜାଣିଲେ ?

ଶିକ୍ଷୟିତ୍ରୀ: ଅନ୍ ଲାଇନ କ୍ଲାସ ବେଳେ ମୁଁ ଆପଣଙ୍କୁ ଅନେକ ସମୟରେ ଝାଡୁ ଧରି ଘର ଓଳାଉଥିବା ଦେଖିଛି ।



× × × ×

ଭୁଗୋଳ ଶ୍ରେଣୀରେ ଗଙ୍ଗା ନଦୀ ଉପରେ ଅଧାପକ ପଢ଼ାଉଥିଲେ ।

ଅଧାପକ: ଆଚ୍ଛା କହିଲ ଦେଖି ଗଙ୍ଗା ଯେଉଁଠାରୁ ବାହାରେ ଆଉ କେଉଁଠାରେ ଯାଇକି ମିଶେ ?

ଗୋଲୁ: ସାର୍ ! ଗଙ୍ଗା ସ୍କୁଲ ଯାଉଛି ବୋଲି କହି ଘରୁ ବାହାରେ ଆଉ ମନ୍ଦିର ପଛକୁ ଯାଇ କାଳ ସହ ମିଶେ ।

× × × × × × ×

ସ୍ତ୍ରୀ: ମୁଁ ତମ ସହ କଥା ହେବିନି ।

ସ୍ୱାମୀ: ଠିକ୍ ଅଛି !!!

ସ୍ତ୍ରୀ: ପଚାରିବ ନାହିଁ କାହିଁକି ?

ସ୍ୱାମୀ: ନାଁ ମୁଁ ତୁମ ନିଷ୍ପତ୍ତିକୁ ସମ୍ମାନ ଦିଏ ।

ବର୍ଷ ୨୬, ସଂଖ୍ୟା-୭, ୧୩- ୧୯ ଫେବୃଆରୀ ୨୦୨୨

## ନିଜ ନାଆର ଆହୁଲା ବାହିବାର ବେଳ

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ରଣର ଶୁଭଶଙ୍ଖ ବାଜି ସାରିଛି । ଏବେ ସେ ଶବ୍ଦ ପ୍ରତିଧ୍ୱନିତ ପଞ୍ଚାୟତର ଗ୍ରାମେ ଗ୍ରାମେ । ପୋଷ୍ଟର ବ୍ୟାନରରେ ଶୋଭୁଛି ଗାଁ' ଛକ, ରାସ୍ତାଘାଟ । ଅଦୃଶ୍ୟରେ ଖିଆପିଆ, ଦିଆନିଆକୁ ବାଦ ଦେଇ ହେବନି । ସେ ଯାହାହେଉ, ଗୋଟେକଥା ପ୍ରାକ ନିର୍ବାଚନ ପରିପ୍ରେକ୍ଷୀରେ ଭୋଟରଙ୍କୁ ଯେ ହେଜରହେ ଯେପରି, ଗଣତନ୍ତ୍ରର ଗଣ ହେଉଛନ୍ତି ପ୍ରଶାସନର ମୂଳଦୁଆ । ମୂଳଦୁଆ ଯେତେ ମଜବୁତ, ଉପର ସେତେ ସୁନ୍ଦର ଓ ଟାଣ ।

ସରକାରଙ୍କର ନାନା ଯୋଜନା ଓ ଅର୍ଥ ବିନିମୟ ସତ୍ତ୍ୱେ ଆଜିବି ନାନା ଅସୁବିଧା ଓ ଅଭାବ ଗ୍ରାମୀଣ ସ୍ତରରେ ସବୁଠି । କୋଉଠି ପିଇବା ପାଣି ପାଇଁ, ତ କୋଉଠି ଯିବା ଆସିବାକୁ ରାସ୍ତା ପାଇଁ, କୋଉଠି ଘର ପାଇଁ, ତ କୋଉଠି ଭତ୍ତାପାଇଁ, ସବୁବେଳେ ଜନ ଅସନ୍ତୋଷ । ଏସବୁ ପାଇଁ ଯେ ସରକାର ଖର୍ଚ୍ଚ କରୁନାହାନ୍ତି, ତା'ନୁହେଁ । ଅସଲରେ ତୃଣମୂଳ କି ସ୍ତରରେ କାମ ହେଇ ପାରୁନି । ସଠିକସମସ୍ୟା ରହିଚାଲିଛି ସମସ୍ୟାରେ ବର୍ଷ ବର୍ଷ ଧରି । ଏସବୁର କ୍ରୀୟାନ୍ୱୟନ ନିର୍ଭର କରେ ପଞ୍ଚାୟତ ମୁଖ୍ୟ ସରପଞ୍ଚଙ୍କ ଉପରେ । ଯୋଉ ସରପଞ୍ଚ ଯେତେ କର୍ମଠ ଓ ସଚ୍ଚା, ସେ ପଞ୍ଚାୟତ ସେତେ ସବଳ ସୁସ୍ଥ ।

ଆଜିର ରାଜନୀତିରେ କିଏ ନଚାହେଁ ଶାସନକୁ ଆସିବାକୁ । ଭୋଟରର ଭୂମିକା ଏ କ୍ଷେତ୍ରରେ ଯଥେଷ୍ଟ ଗୁରୁତ୍ୱପୂର୍ଣ୍ଣ । ତାର ସଠିକ ଓ ବିବେକପୂର୍ଣ୍ଣ ଚୟନ ଇ ତାକୁ ଦେବ ସତକର୍ମୀଟିଏ, ଯିଏ ବୁଝିବ ତା ଦୁଃଖ, କଷଣ । ନାଇଁତ ମୁହୂର୍ତ୍ତକ ସ୍ୱାର୍ଥରେ ବଳି ପଡିବ ତା'ର ଯାବତୀୟ ସୁବିଧା । ନେଡିଗୁଡି ଥରେ କହୁଣିକୁ ଗଡି ଗଲେ ଅନେଇଥା ପାଞ୍ଚବର୍ଷ ।

କହିବା ବାହୁଲ୍ୟ, ରାଜନୀତି ଏବେ ପ୍ରଦୂଷିତ । ମିଥ୍ୟା ପ୍ରତିଶ୍ରୁତି ମଧୁର ବଚନ ନିଶ୍ଚିତ ନିର୍ବାଚନ ରଣାଙ୍ଗନର ମୁଖ୍ୟ ଆୟୁଧ ଭାବେ ଦୃଶ୍ୟମାନ ହେବା ସ୍ୱାଭାବିକ । ଅର୍ଥର ଭୂମିକାକୁ ବି ବାଦ ଦେଇ ହେବନି । ଏସବୁର ପ୍ରାଚୁର୍ଯ୍ୟ ସତ୍ତ୍ୱେ ଭୋଟର ନିର୍ବିବାଦରେ ସଠିକ ଲୋକ ଚୟନ କରିବା ପଞ୍ଚାୟତ ପାଇଁ ସର୍ବାଦୌ ଆବଶ୍ୟକ । ଅତଏବ, ନିଜର ତଥା ପଞ୍ଚାୟତର ସର୍ବାଙ୍ଗୀନ ଉନ୍ନତି ପାଇଁ ଆପଣାର ଅମୂଲ୍ୟ ଭୋଟଟି ଯେପରି ସଠିକ ଲୋକ ସପକ୍ଷରେ ପଡେ, ଏଥପ୍ରତି ଧ୍ୟାନସ୍ତ ହେବା ପ୍ରତି ଭୋଟର ପାଇଁ ନିହାତି ଆବଶ୍ୟକ ।

ଭାରତ ପୃଥିବୀରେ ସର୍ବ ବୃହତ ଗଣତନ୍ତ୍ର ରାଷ୍ଟ୍ର । ଆମର ସମ୍ବିଧାନ ଆମକୁ ଯଥେଷ୍ଟ ସୁବିଧା ଓ ସ୍ୱାଧୀନତା ଦେଇଛି । ଯେପରି କୁହାଯାଇଛି ସରକାର ଆମର, ଆମ ପାଇଁ ଓ ଆମ ଦ୍ୱାରା । ଏଥିରୁ ସ୍ପଷ୍ଟ ଯେ, ଆମ କର୍ମର ଫଳ ଆମେଇ ଭୋଗିବା । ସତ କର୍ମର ଫଳ ମଧୁର ବେଳେ ଅସତର ଫଳ ପିତା । ସ୍ୱାଧୀନତାର ପଞ୍ଚସ୍ତରୀ ବର୍ଷ ପରେ ଯଦି ଏତିକି ହେଜ ନହୁଏ, ତେବେ ପର ଉପରେ ଦୋଷ ଦେବା, କପାଳକୁ ନିନ୍ଦିବା ସହ ସମାନ । କ୍ରମେ ଶିକ୍ଷାର ବିସ୍ତାର ଘଟୁଛି । ଭାବନାର ଘଟୁଛି ବିକାଶ । ଏଣିକି ନିଜ ନାଆର ଆହୁଲା ନିଜେ ସଠିକ ବାହିବାର ବେଳ ଆସିଛି । କୂଳକୁ ଦୃଷ୍ଟିରେ ରଖ୍ ଆସନ୍ତୁ ମଙ୍ଗ ସଳଖିବା । ନାଆକୁ ସଠିକ ଦିଶାରେ ନେବା ।



## ଏହା ଅନ୍ଧ ଦେଶଭକ୍ତି ନୁହେଁ

### ମହାତ୍ମା ଗାନ୍ଧୀ

ଜୀବନର ଏହି ଯୋଜନା ମଧ୍ୟରେ, ଅନ୍ୟ ଯାବତୀୟ ଦେଶକୁ ବାଦ୍ ଦେଇ ମୁଁ ଭାରତବର୍ଷର ସେବା କରୁଥିବା ପରି ପ୍ରତୀତ ହେଉଥିଲେ ମଧ, ମୁଁ କୌଣସି ଦେଶର ଆଦୌ କୌଣସି କ୍ଷତି କରୁନାହିଁ । ମୋ'ର ଦେଶଭକ୍ତି ଏକାବେଳେକେ କେବଳ ନିଜ ଦେଶକୁ ଦେଖେ ତଥା ଅନ୍ୟ ଦେଶଗୁଡ଼ିକୁ ମଧ ତାହା ମଧ୍ୟରେ ଅନ୍ତର୍ଗତ କରି ଦେଖୁଥାଏ । ଏହା ଏହି ଅର୍ଥରେ କେବଳ ନିଜ ଦେଶକୁ ଦେଖେ ଯେ, ସକଳ ବିନମ୍ରତା ସହିତ ମୋ'ର ଦୃଷ୍ଟିକୁ ମୋ' ଜନ୍ମଭୂମି ମଧ୍ୟରେ ହିଁ ସୀମାବଦ୍ଧ କରି ରଖିଥାଏ । ମାତ୍ର ଏହି ଅର୍ଥରେ ତା' ଭିତରେ ଅନ୍ୟ ଦେଶଗୁଡ଼ିକୁ ମଧ ଅନ୍ତର୍ଗତ କରି ଦେଖେ ଯେ, ମୋ'ର ସେବା ଆଦୌ କାହା ସହିତ ପ୍ରତିଦ୍ୱନ୍ଦିତା କରିବାକୁ ଅଥବା କାହାର ବିରୋଧ କରିବାକୁ ଇଚ୍ଛା କରେ ନାହିଁ । Sic utere tuo ut alienum non laedas - ଏହି ଉକ୍ତିଟି କେବଳ ଆଇନ୍ ଶାସ୍ତ୍ରର ଏକ ନୀତି ନୁହେଁ, ଏହା ଜୀବନର ମଧ ଗୋଟିଏ ମହାନ୍ ନୀତି । ଅହିଂସା ଅର୍ଥାତ୍ ପ୍ରେମକୁ ଯଥାର୍ଥରେ ବଞ୍ଚିବା ନିମନ୍ତେ ଏହା ହେଉଛି ଏକ ଚାବିକାଠି ।

ସକଳ ପ୍ରକାରେ କଳ୍ପନା କରି ହେଉଥିବା ଯାହାକିଛି ବିଦେଶୀକୁ ମୁଁ କଦାପି ବାଦ୍ ଦେବାକୁ ବିଚାର କରି ନାହିଁ । ସ୍ୱଦେଶୀ ମୋଟାମାଟି ସଂଜ୍ଞା ହେଉଛି, ବିଦେଶୀ ଦ୍ରବ୍ୟ ବ୍ୟବହାର ନକରି ନିଜ ଘରେ ପ୍ରସ୍ତୁତ ଦ୍ରବ୍ୟଗୁଡ଼ିକୁ ବ୍ୟବହାର କରିବା । ଗୃହର ଉଦ୍ୟୋଗ ଗୁଡ଼ିକର ସୁରକ୍ଷା ନିମନ୍ତେ ଏହିଭଳି ବ୍ୟବହାର ଯେତେଦୂର ଆବଶ୍ୟକ, ବିଶେଷତଃ ଯେଉଁ ଉଦ୍ୟୋଗଗୁଡ଼ିକ ବ୍ୟତୀତ ଭାରତବର୍ଷ ଦରିଦ୍ର ହୋଇପଡ଼ିବ, ସେହି ଦ୍ରବ୍ୟଗୁଡ଼ିକୁ ବ୍ୟବହାର କରିବା । ତେଣୁ, ମୋ' ମତରେ, ବିଦେଶୀ ଦ୍ରବ୍ୟ ଯେତେ ଉପକାରୀ ହେଉଥିଲେ ମଧ ଏବଂ ଯଦି ତାହା ଆଉ କାହା ଦାରିଦ୍ର୍ୟର କାରଣ ହେଉ ନଥାଏ, ଯେଉଁ ସ୍ୱଦେଶୀ ସେଗୁଡ଼ିକୁ ବର୍ଜନ କରେ ତାହାକୁ ମୁଁ ସ୍ୱଦେଶୀର ଏକ ଅତି ସଂକୀର୍ଣ୍ଣ ବ୍ୟାଖ୍ୟା ବୋଲି କହିବି ।

ଯେକୌଣସି ଉତ୍ତମ କଥା ପରି ସ୍ୱଦେଶୀକୁ ମଧ ଯଦି ଗାଟିଏ ପୂଜାର ବସ୍ତୁ ପରି କରି ରଖାଯାଏ, ତେବେ ତାହା ଆମକୁ ମୃତ୍ୟୁଯାଏ ମଧ ପିଠିରେ ବସାଇ ନେଇ ଯାଇପାରିବ । ଏହି ବିପଦଟି ସମ୍ବନ୍ଧରେ ଆମେ ସତର୍କ ରହିବା । ଦ୍ରବ୍ୟଗୁଡ଼ିକୁ କେବଳ ବିଦେଶୀ ବୋଲି ହିଁ ବର୍ଜନ କରିବା ଏବଂ ଯେଉଁସବୁ ଦ୍ରବ୍ୟ ତିଆରି କରିବାକୁ ଦେଶ ଆଦୌ ଉପଯୁକ୍ତ ନୁହେଁ, ତାହାକୁ ଉତ୍ସାହିତ କରିବାରେ ଜାତୀୟ ଅର୍ଥ ଓ ଜାତୀୟ ଅର୍ଥ ବରବାଦ କରୁଥିବା, ଏହାକୁ ମୁଁ ଏକ ଅପରାଧ ଓ ଏକ ନିର୍ବୋଧତା ବୋଲି କହିବି, ଏହାଦ୍ୱାରା ସ୍ୱଦେଶୀ ଭାବନାର ବିରୋଧାଚରଣ ହେବ । ସ୍ୱଦେଶୀର ଜଣେ ସଚ୍ଚା ଉପାସକ କଦାପି ବିଦେଶୀ ପ୍ରତି ଅସଦିଚ୍ଛା ପୋଷଣ କରିବ ନାହିଁ । ପୃଥିବୀରେ କାହାପ୍ରତି ସେ ଶତ୍ରୁଭାବ ଦ୍ୱାରା ପ୍ରେରିତ ହେବ ନାହିଁ । ସ୍ୱଦେଶୀର ନୀତି ଆଦୌ ଘୃଣାର ମାର୍ଗ ନୁହେଁ । ତାହା ହେଉଛି ସ୍ୱାର୍ଥରହିତ ସେବାର ଏକ ନୀତି ଏବଂ ଶୁଦ୍ଧତମ ଅହିଂସା ଅର୍ଥାତ୍ ପ୍ରେମରେ ହିଁ ତାହାର ଚେରଗୁଡ଼ିକ ଭେଦିକରି ରହିଛି ।

## ଥଣ୍ଡା-କାଶରୁ ମୁକ୍ତି ଦିଏ ମିଶ୍ରି

ଆୟୁର୍ବେଦରେ ମିଶ୍ରିକୁ ରାମବାଣ ତୁଲ୍ୟ ବ୍ୟବହାର କରାଯାଇଥାଏ । କିନ୍ତୁ ଏମିତି କିଛି ଲୋକ ଅଛନ୍ତି ଯେଉଁମାନେ ମିଶ୍ରି ଖାଇବାକୁ ପସନ୍ଦ କରନ୍ତି ନାହିଁ । କେବଳ ଚିନି ପ୍ରସ୍ତୁତ ଖାଦ୍ୟ ପଦାର୍ଥ ବ୍ୟବହାର କରନ୍ତି । କିନ୍ତୁ ଆପଣ ଜାଣି ରଖିବା ଉଚିତ ଯେ ଚିନିରେ ବିଭିନ୍ନ ପ୍ରକାର କେମିକାଲ ମିଶିଥିବା ହେତୁ ଏହା ସ୍ୱାସ୍ଥ୍ୟ ଲାଗି ହାନୀକାରକ । କିନ୍ତୁ ମିଶ୍ରି ସ୍ୱାସ୍ଥ୍ୟ ପାଇଁ ହିତକର । ଏଥି ସହିତ ମିଶ୍ରିକୁ ମାଉଥ୍ ଫ୍ରେଶନର ଭାବେ ବ୍ୟବହାର କରାଯାଇଥାଏ ।

କରୋନା କାଳରେ ଯଦି ଆପଣଙ୍କୁ ଥଣ୍ଡା ଓ କାଶ ଲାଗି ରହୁଛି ତେବେ ଆପଣ ନିଶ୍ଚୟ ପାଣିରେ ମିଶ୍ରି ପକାଇ ଫୁଟାଇ ସକାଳୁ ଏହି ପାଣିକୁ ଖାଲି ପେଟରେ ପିଅନ୍ତୁ । ଏଥି ସହିତ ମିଶ୍ରି ଓ ଅଦା ଚା' ପିଅନ୍ତୁ ।

ମିଶ୍ରି ଆଖି ଲାଗି ଖୁବ୍ ଭଲ । ଯଦି ଦୃଷ୍ଟି ଶକ୍ତି କମ୍ ରହୁଛି ତେବେ ଆପଣ ପ୍ରତିଦିନ ଅତି କମରେ ଛୋଟ ଖଣ୍ଡେ ମିଶ୍ରି ନିହାତି ଖାଆନ୍ତୁ । ଯଦି ଆପଣ ଥକ୍କା ଅନୁଭବ କରୁଛନ୍ତି ତେବେ ମିଶ୍ରି



ନିଶ୍ଚିତ ଖାଆନ୍ତୁ । କୁହାଯାଏ ମିଶ୍ରି ଖାଇଲେ ପୁରୁଷଙ୍କର ଶକ୍ତି ବଢ଼ିଥାଏ । ମିଶ୍ରି ଖାଇବା ଦ୍ୱାରା ବ୍ଲଡରେ ଏସିଡ ଲେବଲ ବଢ଼ିଥାଏ । ମିଶ୍ରି ଖାଇଲେ ବାନ୍ତି ସମସ୍ୟା ଦୂର ହୋଇଥାଏ, ଏହି କାରଣରୁ ମିଶ୍ରି ଶରୀର ଲାଗି ଖୁବ୍ ଲାଭଦାୟକ ।

## ଅଦା ଚା' ପିଉଥିଲେ...

ଅଦା ଚା' ଆବଶ୍ୟକରୁ ଅଧିକ ପିଇବା ଦ୍ୱାରା ଗ୍ୟାସ୍ ସମସ୍ୟା ଦେଖା ଦେଇପାରେ । ଅଦା ଖାଦ୍ୟ ହଜମ କରିବାରେ ସାହାଯ୍ୟକରେ । ହେଲେ ଅଦାରେ ଥିବା ଜିଞ୍ଜୋରୋଲସ୍ ନାମକ ଉପାଦାନ ଅଧିକ ହେଲେ ପେଟରେ ଏସିଡ୍ ସୃଷ୍ଟି କରେ । ତେଣୁ ଅଧିକ ଅଦା ଚା' ପିଇବା ଦ୍ୱାରା ପେଟ ଜଳାପୋଡ଼ା ହୋଇଥାଏ । ହାଇ ବ୍ଲଡ୍ ପ୍ରେସର ରୋଗୀଙ୍କ ପାଇଁ ଅଦା ଚା' ଭଲ । ହେଲେ ଆବଶ୍ୟକରୁ ଅଧିକ କ୍ଷତିକାରକ ହୋଇପାରେ । କିନ୍ତୁ ଲୋ ବ୍ଲଡ୍ ପ୍ରେସର ରୋଗୀ ଏହାକୁ ପିଇବା ଦ୍ୱାରା ମୁଣ୍ଡ ବୁଲାଇବା ଏବଂ ଦୁର୍ବଳ ଲାଗିବା ପରି ସମସ୍ୟା ଦେଖାଯାଏ ।

ଗର୍ଭବତୀ ମହିଳାମାନେ ଅଧିକପ୍ରରୁ



ଅଧିକ ଚା' ପିଇଲେ ପେଟରେ ଯନ୍ତ୍ରଣା ହେବା ସହ ଗର୍ଭସ୍ଥ ଶିଶୁକୁ ହାନି ପହଞ୍ଚାଇପାରେ ।

ଅଧିକାଂଶ ମହିଳା କାମ ଯୋଗୁ ଅନିଦ୍ରା ରହିବା ପାଇଁ ଚା' ପିଇଥାନ୍ତି । କିନ୍ତୁ ଅଧିକ ଅଦା ଚା' ପିଇବା ଦ୍ୱାରା ଆପଣ ନିଦ୍ରାହୀନତାର ଶିକାର ହୋଇ ପାରନ୍ତି । ଅଦା ଶରୀରରେ ଶର୍କରା ମାତ୍ରା କମାଇ ଦେଇଥାଏ । ତେଣୁ ଲୋ ସୁଗାରରେ ପୀଡ଼ିତ ମହିଳାମାନେ ଅଦା ଚା' ପିଇବା ଠିକ୍ ନୁହେଁ ।

## ଶୁଣ୍ଠିର ଔଷଧୀୟ ଗୁଣ

ଓଡ଼ିଆର ପ୍ରତି ଘରେ ଘରେ ଶୁଣ୍ଠି ବ୍ୟବହାର ହୋଇଥାଏ । ଏଥିରେ ବହୁ ଔଷଧୀୟ ଗୁଣ ରହିଛି ଯଥା ପ୍ରୋଟିନ୍, ଷ୍ଟାର୍ଚ୍ଚ, ଗ୍ଲୁକୋଜ, ଭିଟାମିନ୍ ଓ ଆଇରନ । ଅଦାକୁ ଶୁଖାଇଲେ ସୁଣ୍ଠି ପ୍ରସ୍ତୁତ ହୋଇଥାଏ । ଶୀତ ଦିନେ ଶୁଣ୍ଠି ଖାଇବା ଫଳରେ ଥଣ୍ଡା ଦୂର ହୋଇଥାଏ ।

କୋଲ୍ଡ କଫ : ଶୀତ ଋତୁରେ କୋଲ୍ଡ କଫ ସମସ୍ୟା ଉପୁଜି ଥାଏ । ପାଣିରେ ଅଧା ଚାମଚ ଶୁଣ୍ଠି ପାଉଡର ଓ ମୁଲେଠି ପାଉଡର ମିଶାଇ ଗରମ କରି ପିଅନ୍ତୁ ।

ଦାନ୍ତ ବିନ୍ଧା: ଦାନ୍ତ ବିନ୍ଧା ହେବା ଫଳରେ ଅଧା ଚାମଚ ଶୁଣ୍ଠି ପାଉଡରକୁ ଚିମୁଟାଏ ହଳଦୀ ମିଶାଇ ଦାନ୍ତ ମୂଳରେ ଘଷିବା ଫଳରେ ଦାନ୍ତ ବିନ୍ଧା ଦୂର ହୋଇଥାଏ ।

କାଶ ଓ ଥଣ୍ଡା : ଚା'ରେ ଶୁଣ୍ଠି ମିଶାଇ ପିଅନ୍ତୁ । ଏହା ପୁରୁଣା କାଶରୁ ମୁକ୍ତି ଦିଏ ।

ଓଜନ କମ୍: ଶୁଣ୍ଠି ଚା'ରେ କିଛି ଲେମ୍ବୁ ରସ ଓ ମହୁ ମିଶାଇ ପିଅନ୍ତୁ ଓଜନ କମିଯିବ ।

କବଜ : ଶୁଣ୍ଠି ଚା' ପିଇବା ଫଳରେ କବଜ ସମସ୍ୟା ଦୂର ହୋଇଥାଏ ।

ହାକୁଟି : ଗରମ ପାଣିରେ ଏକ ଚାମଚ ଶୁଣ୍ଠି ମିଶାଇ ପିଇବା ଫଳରେ ହାକୁଟି ଦୂର ହୋଇଥାଏ ।

**ଗର୍ଭବତୀଙ୍କ ପ୍ରସବପୀଡା :** ଗର୍ଭବତୀଙ୍କ ପ୍ରସବ ଜନିତ ପୀଡାକୁ ଦୂର କରିବା ପାଇଁ ଶୁଣ୍ଠି ଏକ ମହୌଷଧୀ ଭଳି କାମ କରେ । ପ୍ରସବ ପୂର୍ବ ଓ ପରେ ଶାରୀରିକ ପୀଡା ଆଦିକୁ ଦୂର କରିବା ପାଇଁ ଗର୍ଭବତୀଙ୍କୁ ନିଶ୍ଚୟ ଶୁଣ୍ଠି ଖାଇବାକୁ ଦିଅନ୍ତୁ ।

**କ୍ୟାନସର :** ଶୁଣ୍ଠିରେ କ୍ୟାନସର ରୋଧୀ ଗୁଣ ଗଚ୍ଛିତ ରହିଛି । ଶରୀରରେ କ୍ୟାନସର କୋଷିକାକୁ ଶୁଣ୍ଠି ବଢ଼ିବାକୁ ଦିଏ ନାହିଁ । ତେଣୁ ନିୟମିତ ଶୁଣ୍ଠି ଖାଉଥିବା ବ୍ୟକ୍ତିଙ୍କୁ କ୍ୟାନସର ରୋଗ ହେବାର ସମ୍ଭାବନା ପ୍ରାୟ ନ ଥାଏ ।



# ଗୁଆଁରର ଔଷଧୀୟ ଲାଭ

**ଗୁଆଁର** ଏକ ଶୀତଦିନିଆ ପରିବା, ଯାହାକି ବିନ୍ ପ୍ରଜାତିର । ଗାଁ ଗହଳିରେ ଗୁଆଁର ଅଧିକ ଦେଖିବାକୁ ମିଳୁଥିଲେ ବି ଏହାକୁ ଖାଇବାକୁ କେହି ବେଶି ପସନ୍ଦ କରି ନ ଥାନ୍ତି । ଗୁଆଁରରେ ପ୍ରଚୁର ପରିମାଣର ପୋଷକ ତତ୍ତ୍ୱ ରହିଛି । ଯାହାକି ସ୍ୱାସ୍ଥ୍ୟ ପାଇଁ ଖୁବ୍ ଉପଯୋଗୀ ।

ରକ୍ତହୀନତା ଦୂର: ଗୁଆଁରରେ ପ୍ରଚୁର ପରିମାଣରେ ଆଇରନ ରହିଥିବା ହେତୁ ଏହାକୁ ନିୟମିତ ଖାଇବା ଫଳରେ ଆନେମିଆ ରୋଗୀଙ୍କ ରକ୍ତହୀନତା ଦୂର ହୋଇଥାଏ । ଏଥିରେ ଥିବା ହିମୋଗ୍ଲୋବିନ୍ ରକ୍ତ ସଞ୍ଚାରଣ କରିବାରେ ତଥା ଲାଲ ରକ୍ତ ତିଆରି କରିବାରେ ସହାୟକ ହୋଇଥାଏ ।

**ମଧୁମେହ ନିୟନ୍ତ୍ରଣ:** ଗୁଆଁରରେ ଥିବା ପିତା ଅଂଶ ରକ୍ତ ଶର୍କରା ସ୍ତରକୁ ନିୟନ୍ତ୍ରିତ କରିବାରେ ସହାୟତା କରିଥାଏ । ସୁଗାର ରୋଗୀ ଗୁଆଁରକୁ ନିଶ୍ଚୟ ଖାଦ୍ୟରେ ସାମିଲ କରନ୍ତୁ ।

**ହୃଦ୍ ରୋଗୀଙ୍କ ପାଇଁ ଫଳପ୍ରଦ:** ହୃଦ ରୋଗୀଙ୍କ ପାଇଁ ଗୁଆଁର ରାମବାଣ ପରି କାମ କରିଥାଏ । ଏଥିରେଥିବା ପୋଟାସିୟମ୍ ଫାଇବର ହୃଦୟକୁ ସୁସ୍ଥ ରଖିଥାଏ ।

**ଅସ୍ଥି ମଜଭୁତ:** ଏଥିରେ ଥିବା ଫସଫରସ୍ ଓ କ୍ୟାଲସିୟମ ଅସ୍ଥି ପାଇଁ ଲାଭପ୍ରଦ, ଅସ୍ଥିକୁ ମଜଭୁତ କରିବା ସହିତ ସୁସ୍ଥ ରଖିଥାଏ ।

**ଗର୍ଭବତୀଙ୍କ ପାଇଁ ହିତକର:** ଏଥିରେ ଫୋଲିକ୍ ଏସିଡ୍ ପ୍ରଚୁର ମାତ୍ରାରେ ରହିଥାଏ । ଏହା ଗର୍ଭାବସ୍ଥା



ସମସ୍ୟାକୁ ଦୂର କରିଥାଏ । ଗୁଆଁରରେ ଥିବା ଲୌହ ଓ କ୍ୟାଲସିୟମ ଗର୍ଭସ୍ଥ ସନ୍ତାନର ଅସ୍ଥିକୁ ମଜଭୁତ କରିବାରେ ସହାୟକ ହୋଇଥାଏ ।

**ଅବସାଦ ଦୂର କରେ:** ଗୁଆଁରରେ ଥିବା ହାଇପୋଗ୍ଲାଇସେମିକ୍ ଗୁଣ ମସ୍ତିଷ୍କ କୋଷିକାକୁ ସୁସ୍ଥ ରଖିବାରେ ସହାୟକ ହୋଇଥାଏ । ଏହି ବିଶେଷ କାରଣରୁ ଅବସାଦ ଓ ଚିନ୍ତା ମଧ୍ୟ ଲୋକଙ୍କର ଦୂର ହୋଇଥାଏ ।

ଉଚ୍ଚ ରକ୍ତଚାପ: ଗୁଆଁର ହାଇପୋଗ୍ଲାଇସେମିକ୍ ଓ ହାଇପୋଲାଇପିଡେମିକ୍ ଗୁଣ ରହିଥାଏ । ଯାହାକି ଉଚ୍ଚ ରକ୍ତଚାପ ଲୋକଙ୍କ ପାଇଁ ସବୁଠାରୁ ଉତ୍ତମ । ଉଚ୍ଚ ରକ୍ତଚାପ ସ୍ତରକୁ ନିୟନ୍ତ୍ରିତ କରିବାରେ ଗୁଆଁରର ମହତ୍ତ୍ୱପୂର୍ଣ୍ଣ ଭୂମିକା ରହିଛି ।

# ଶରୀର ପାଇଁ ପିଜୁଳି

**ଲଙ୍କାଗୁଣ୍ଡ** ଏବଂ ଲୁଣ ମିଶା ପିଜୁଳିର ସ୍ୱାଦ ସଭିଙ୍କୁ ପସନ୍ଦ । ନାଁ ଶୁଣିଲା ମାତ୍ରକେ ପାଟିରୁ ଲାଳ ବାହାରେ । କିନ୍ତୁ ଜାଣନ୍ତୁ ପିଜୁଳି କେବଳ ପାଟିକୁ ସ୍ୱାଦିଷ୍ଟ ଲାଗେନି ବରଂ ସ୍ୱାସ୍ଥ୍ୟ ପାଇଁ ବେଶ୍ ଉପଯୋଗୀ । ଏହାକୁ ଭିଟାମିନ୍ ସି'ର ସ୍ରୋତ ବୋଲି କୁହାଯାଏ । ତା' ସାଙ୍ଗକୁ ଖଣିଜ, ପଟାସିୟମ ଭଳି ଅନେକ ପୋଷକ ତତ୍ତ୍ୱ ଥାଏ ଏଥିରେ ଯାହା ଶରୀରକୁ ରୋଗ ଦାଉରୁ ରକ୍ଷା



କରିବାରେ ସାହାଯ୍ୟ କରିଥାଏ । ଏଥିରେ ଥିବା ମାଙ୍ଗାନିଜ୍ ଶରୀରକୁ ଭୋଜନରୁ ମିଳୁଥିବା ମହତ୍ତ୍ୱପୂର୍ଣ୍ଣ ପୋଷକ ତତ୍ତ୍ୱକୁ ଗ୍ରହଣ କରିବାରେ ସାହାଯ୍ୟ କରିଥାଏ । ପଟାସିୟମ୍ ରକ୍ତଚାପ ସ୍ତରକୁ ସାମାନ୍ୟ ରଖିଥାଏ । ପିଜୁଳିରେ ୮୦ ପ୍ରତିଶତ ଜଳ ଥାଏ, ଯାହା ତ୍ୱଚାର ଶୁଷ୍କତାକୁ ନଷ୍ଟ କରିବାରେ ସହାୟ ହୋଇଥାଏ । ଏହାଛଡ଼ା ରୋଗ ପ୍ରତିରୋଧକ କ୍ଷମତା ବୃଦ୍ଧି କରିଥାଏ । ମଧୁମେହ ରୋଗୀଙ୍କ ପାଇଁ ଏହା ବେଶ୍ ଲାଭକାରୀ । ନିୟମିତ ପିଜୁଳି ସେବନ ଦ୍ୱାରା ଶୀତଦିନେ ହେଉଥିବା ଥଣ୍ଡା, କାଶ ଏବଂ ଜ୍ୱର ଭଳି ସଂକ୍ରମିତ ରୋଗ ଯନ୍ତ୍ରଣାରୁ ଉପଶମ ପାଇ ପାରିବେ । ବିଶେଷକରି ପିଜୁଳିକୁ ତା'ର ବୀଜ ସହ ଖାଇବା ବେଶ୍ ଲାଭଦାୟକ ହୋଇଥାଏ । ଯଦ୍ୱାରା ପେଟ ପରିଷ୍କାର ରହିଥାଏ । କୋଲେଷ୍ଟୋରଲ୍ ସ୍ତର ମଧ୍ୟ ନିୟନ୍ତ୍ରଣରେ ରହେ ।

# ଶରୀର ପାଇଁ ଲାଭ ଖଜୁରୀ

**ଖଜୁରୀକୁ** ଶୁଖାଇ ଖଜରା ପ୍ରସ୍ତୁତ କରାଯାଏ । ଏଥିରେ ପ୍ରଚୁର ପରିମାଣର କ୍ୟାଲସିୟମ, ଆଇରନ ଓ ପୋଷକ ତତ୍ତ୍ୱ ରହିଥାଏ । ଅନ୍ୟ ଫଳ ମାନଙ୍କ ସହ ଖାଇବା ଦ୍ୱାରା ଏଥିରେ ଭିଟାମିନ୍ ଦ୍ୱିଗୁଣିତ ହୋଇ ଯାଇଥାଏ । ଖଜୁରୀରେ କୋଲେଷ୍ଟ୍ରଲର ଭାଗ ନିୟନ୍ତ୍ରିତ ହୋଇଥାଏ । ଦୁଗ୍ଧ ସହ ଖଜୁରୀ ଖାଇବା ଦ୍ୱାରା ଏହାର ଉପକାରିତା ବଢ଼ିଯାଇଥାଏ । ଖଜୁରୀରେ ପ୍ରଚୁର ପରିମାଣରେ ଭିଟାମିନ୍, ମିନେରାଲ, ଫାଇବର ଭଳି ପୋଷକତତ୍ତ୍ୱ ଥାଏ ଯାହା ଶରୀରକୁ ଶକ୍ତି ଯୋଗାଏ ।



ଖଜୁରୀରେ ବହୁ ମାତ୍ରାରେ ଫାଇବର ଥିବା ହେତୁ ଶରୀରର ପାଚନ କ୍ରିୟାକୁ ଠିକ୍ ରୂପେ ସନ୍ତୁଳନ କରିବା ସହ, ମେଦ ନିୟନ୍ତ୍ରଣ କରିଥାଏ । ସୁଗାର୍ ମଧ୍ୟ ନିୟନ୍ତ୍ରିତ ହୋଇ ରହିଥାଏ । ଖଜୁରୀରେ ଭିନ୍ନ ଭିନ୍ନ ପ୍ରକାର ଆଣ୍ଟିଅକ୍ସିଡାଣ୍ଟ ରହିଥାଏ ଯାହା ଶରୀରରେ ରୋଗ ପ୍ରତିରୋଧ ଶକ୍ତି ପରି କାର୍ଯ୍ୟ କରିଥାଏ । ବହୁ ଦୁରାରୋଗ୍ୟ ରୋଗ ଯେପରିକି କର୍କଟ, ହୃଦଘାତ ମଧୁମେହ ହେବାର ସମ୍ଭାବନା କମିଯାଏ । ଖଜୁରୀ ଖାଇବା ଦ୍ୱାରା ମସ୍ତିଷ୍କରେ କାର୍ଯ୍ୟ କରିବା ଶକ୍ତି ବୃଦ୍ଧି ପାଇଥାଏ । ଏଥିରେ ନାଚୁରାଲ୍ ସୁଗାର ଥାଏ ଯାହା ଶରୀରରେ ଶକ୍ତି କ୍ଷରଣ କରିଥାଏ । ଫଳରେ ଅସ୍ଥି ଶକ୍ତ ହୋଇଥାଏ । ଏଥିରେ ଭିଟାମିନ୍ ବି-୫ ଓ ପେଣ୍ଟୋଥେନିକ୍ ଏସିଡ୍ ରହିଛି ଯାହା ମୁଖର ଉଜ୍ଜ୍ୱଳତା ବଢ଼ାଇବା ସହ ଚିର ସତେଜ ରଖିଥାଏ । ଏହା ମୁଖ ପାଇଁ ଏକ ଆଣ୍ଟିଅକ୍ସିଡାଣ୍ଟ ଭଳି କାର୍ଯ୍ୟ କରିଥାଏ । ଭିଟାମିନ୍ ବି-୫ କେଶ ପାଇଁ ମଧ୍ୟ ଖୁବ୍ ଲାଭଦାୟୀ ହୋଇଥାଏ । ଖଜୁରୀ ଖାଇବା ଦ୍ୱାରା କେଶର ଶୁଷ୍କତା କମିଯାଏ । ଏହା ଘନ ଓ ମଜବୁତ ହୋଇଯାଏ ।

# ସ୍ୱାସ୍ଥ୍ୟକର ବନ୍ଧାକୋବି

**ସବୁଜ** ପରିବା ମଧ୍ୟରୁ ବନ୍ଧାକୋବି ଆମ ଶରୀରକୁ ସୁସ୍ଥ ରଖିଥାଏ । ବନ୍ଧାକୋବି ଖାଇବା ଦ୍ୱାରା ପେଟ ସଫା ରଖିବା ସହ କୋଷ୍ଠ କାଠିନ୍ୟ ଦୂର କରିବାରେ ସାହାଯ୍ୟ କରେ । ବନ୍ଧାକୋବିକୁ ତରକାରି ବ୍ୟତୀତ ସାଲାଡ୍ କରି ମଧ ଖାଇ ପାରିବେ । ତାଜା ବନ୍ଧାକୋବିକୁ କାଟି ଲୁଣ, କଳାମରିଚ ଓ ଲେମ୍ବୁ ରସ ମିଶାଇ ପ୍ରତିଦିନ ସକାଳୁ ଖାଲି ପେଟରେ ଖାଇବା ଦ୍ୱାରା ୨ ରୁ ୪ ସପ୍ତାହ ମଧ୍ୟରେ କୋଷ୍ଠକାଠିନ୍ୟ ସମସ୍ୟା ଦୂରେଇଯାଏ । ତଟକା ବନ୍ଧା କୋବି ରସରେ ଭିଟାମିନ୍ ୟୁ ନାମକ ଏକ ଦୁର୍ଲଭ ଭିଟାମିନ୍ ରହିଛି । ବନ୍ଧାକୋବି ରସ ପିଇବା ଦ୍ୱାରା ପେଟରେ ଘା ହୋଇଥିଲେ ଉପଶମ ହୋଇଥାଏ ।

ଅଧିକ ତୈଳଯୁକ୍ତ ଖାଦ୍ୟ ଖାଆନ୍ତୁ ନାହିଁ । ମସଲା ଯୁକ୍ତ କିମ୍ବା ଲବଣଯୁକ୍ତ



ଖାଦ୍ୟ ଯେତେ କମ୍ ଖାଇବେ ସେତେ ଭଲ । ଚିନ୍ତା ଠାରୁ ଦୁରେଇ ରୁହନ୍ତୁ ।

ନିଜ ଓଜନକୁ ନିୟନ୍ତ୍ରଣାଧୀନ ରଖନ୍ତୁ । ଦୈନନ୍ଦିନ ଜୀବନ ତାଲିକାରେ ବ୍ୟାୟାମକୁ ସାମିଲ୍ କରନ୍ତୁ । ପ୍ରତିଦିନ ସକାଳେ କିଛି ସମୟ ଚାଲନ୍ତୁ । ସାଲାଡ୍, ସବୁଜ ପନିପରିବାରେ ପ୍ରସ୍ତୁତ ଖାଦ୍ୟ ଏବଂ ଆଣ୍ଟିଅକ୍ସିଡାଣ୍ଟ ଯୁକ୍ତ ଖାଦ୍ୟ ଯେତେ ଅଧିକ ଖାଇବେ ତାହା ସେତେ ଭଲ ।

ତଟକା ଫଳ ଖାଆନ୍ତୁ । ଯଦି ମଧୁମେହ ଦ୍ୱାରା ଆକ୍ରାନ୍ତ ହୋଇଥାଆନ୍ତି ତେବେ ସୁଗାର ପରିମାଣକୁ ନିୟନ୍ତ୍ରଣ ରଖନ୍ତୁ ।

# ରକ୍ତହୀନତା ଦୂର କରେ ଅଙ୍ଗୁର ଜୁସ୍

**ଅଙ୍ଗୁରରେ** ଅନେକ ପ୍ରକାର ସ୍ୱାସ୍ଥ୍ୟ ଉପକାରୀ ଗୁଣ ଭରି ରହିଛି । ବିଶେଷଭାବରେ ରକ୍ତହୀନତା ପରି ସମସ୍ୟା ସହ ଜଡିତ ରୋଗୀ ଏହାର ଜୁସ୍ ପିଇଲେତାହା ସେମାନଙ୍କ ପାଇଁ



ଉପକାରୀ ସାବ୍ୟସ୍ତ ହୋଇଥାଏ । କେବଳ ସେତିକି ନୁହେଁ, ଏଥିରେ ଭିଟାମିନ୍ ଏ, ସି, ଇ, କେ) ଭରି ରହିଛି । କ୍ୟାଲସିୟମର ଅନ୍ୟତମ ଉତ୍ସ ହେଲା ଅଙ୍ଗୁର । ନିୟମିତ ଅଙ୍ଗୁର ଖାଇବା ଦ୍ୱାରା କ୍ଷୁଧା ବଢ଼ିଥାଏ । ଅଜୀର୍ଣ୍ଣ ସମସ୍ୟାକୁ ଅନେକାଂଶରେ ଏହା ଦୂର କରେ । ଆପଣଙ୍କର ମାଇଗ୍ରେନ ସମସ୍ୟା ଅଛି କି ? ଯଦିହଁ, ତେବେ ଏଥିରୁ ଉପଶମ ପାଇବା ପାଇଁ ଆପଣ ଅଙ୍ଗୁର ଜୁସ୍ ପିଇପାରନ୍ତି । ଅଙ୍ଗୁରରେ 'ଫାଇଟୋକେମିକାଲ' ନାମକ ଆଣ୍ଟିଅକ୍ସିଡାଣ୍ଟ ରହିଛି, ଯାହା କ୍ୟାନସର ଆଶଙ୍କାଠାରୁ ଆମକୁ କେତେକାଂଶରେ ଦୁରେଇ ରଖିଥାଏ ।

# ସ୍ୱାସ୍ଥ୍ୟ ପାଇଁ ଭଲ ପାଳଙ୍ଗ ଜୁସ୍

**ସାଧାରଣତଃ** ପାଳଙ୍ଗ ତରକାରି କିମ୍ବା ପରଟା କରି ଖାଇବାକୁ ଲୋକେ ଖୁବ୍ ପସନ୍ଦ କରିଥାନ୍ତି । କିନ୍ତୁ ପାଳଙ୍ଗ ଜୁସ୍ ସ୍ୱାସ୍ଥ୍ୟ ପାଇଁ ବହୁତ ଭଲ ।

କେମିତି ଖାଇବେ: ପାଳଙ୍ଗ ଜୁସ୍ ପତଳା କରନ୍ତୁ ନାହିଁ । ନଚେତ ଏହାର ଫାଇବର ନଷ୍ଟ ହୋଇଯାଇଥାଏ ।

ରାସାୟନିକ ତତ୍ତ୍ୱ: ପାଳଙ୍ଗରେ ଭିଟାମିନ୍ ଏ, ବି, ସି, ଇ, କେ ଓ ବି-କମ୍ପ୍ଲେକ୍ସ ଉତ୍ତମ ମାତ୍ରାରେ ରହିଥାଏ । ଏଥି ସହିତ ଏଥିରେ ମାଙ୍ଗାନିଜ, କ୍ୟାରୋଟିନ୍, ଆଇରନ, ଆୟୋଡିନ୍, କ୍ୟାଲସିୟମ, ପୋଟାସିୟମ, ସୋଡିୟମ, ଫସଫରସ ଓ ଆମିନୋ ଏସିଡ୍ ରହିଛି ।

ପାଳଙ୍ଗରେ ଭିଟାମିନ୍‌ର ଉତ୍ତମ ମାତ୍ରା ରହିଥାଏ, ପାଳଙ୍ଗ ଜୁସ୍ ପିଇବା ଦ୍ୱାରା ଅସ୍ଥି ମଜଭୁତ ହୋଇଥାଏ ।

ପାଚନ କ୍ରିୟା ଉତ୍ତମ ହୋଇଥାଏ, ଫଳରେ ଶରୀରରୁ ବିଷାକ୍ତ ପଦାର୍ଥ ବାହାରକୁ ବାହାର କରିବାରେ ସହାୟକ ହୋଇଥାଏ । କବଜ ଦୂର କରେ ।



ଯଦି ତ୍ୱଚା ସହିତ ଜଡିତ କୌଣସି ସମସ୍ୟା ରହିଥାଏ ତେବେ ପାଳଙ୍ଗ ଜୁସ୍ ପିଇବା ଲାଭଦାୟକ । ପାଳଙ୍ଗ ଜୁସ୍ ତ୍ୱଚାକୁ ଉଜ୍ଜ୍ୱଳ କରିଥାଏ । କେଶ ପାଇଁ ଏହା ରାମବାଣ ପରି କାମ କରେ, କେଶକୁ ଉପୁଡିବାକୁ ଦିଏ ନାହିଁ ।

ଗର୍ଭାବସ୍ଥାରେ ମଧ ପାଳଙ୍ଗ ଜୁସ୍ ପିଇବାକୁ ଡାକ୍ତର ପରାମର୍ଶ ଦେଇଥାନ୍ତି । ପାଳଙ୍ଗ ଜୁସ୍ ପିଇବା ଫଳରେ ଗର୍ଭବତୀଙ୍କ ଶରୀରରେ ଆଇରନ କମ୍ ହୋଇ ନ ଥାଏ ।

ଅଧ୍ୟୟନରେ କୁହାଯାଇଛି କି ପାଳଙ୍ଗରେ ଥିବା କ୍ୟାରୋଟିନ୍ ଓ କ୍ଲୋରୋଫିଲ୍ କ୍ୟାନସରରୁ ରକ୍ଷା କରିବାରେ ସହାୟକ ହୋଇଥାଏ । ଏହା ବ୍ୟତୀତ ଦୃଷ୍ଟି ଶକ୍ତି ଉତ୍ତମ ରହିଥାଏ ।

# କିଡ଼ନୀ ଷ୍ଟୋନକୁ ଦୂର କରେ କମଳା

**କମଳା** ଖାଇବାକୁ ନିଏ ବା ଭଲ ନ ପାଏ । କମଳା ସ୍ୱାସ୍ଥ୍ୟ ପାଇଁ ଖୁବ୍ ଉପକାରୀ । ଏଥିରେ ପ୍ରଚୁର ପରିମାଣରେ ଭିଟାମିନ୍ ଏ, ବି ଓ ସି କ୍ୟାଲସିୟମ, ମ୍ୟାଗ୍ନେସିୟମ, ପୋଟାସିୟମ, ଫସଫରସ ଆଦି ପୋଷକ ତତ୍ତ୍ୱ ରହିଛି ।

ତ୍ୱଚାକୁ ସୁନ୍ଦର କରେ: କମଳାରେ ଗଚ୍ଛିତ ଥିବା ଆଣ୍ଟି ଅକ୍ସିଡାଣ୍ଟ ତ୍ୱଚାକୁ ସୁନ୍ଦର କରିଥାଏ । ଏଥିରେ ଥିବା ଭିଟା କ୍ୟାରୋଟିନ୍ ଗୁଣ ତ୍ୱଚା ଶୁଷ୍କତାକୁ ଦୂର କରିବା ସହିତ ତ୍ୱଚାକୁ କୋମଳ କରିଥାଏ ।

କୋଲେଷ୍ଟ୍ରଲ କମ୍: କମଳାରେ ଥିବା ଫାଇବର ଶରୀରରେ କୋଲେଷ୍ଟ୍ରଲ ଦୂର କରିବାରେ ସହାୟକ ହୋଇଥାଏ । କୋଲେଷ୍ଟ୍ରଲ କମ କରିବା ସହିତ ରକ୍ତଚାପ ଆଶଙ୍କା ଦୂର କରିଥାଏ ।

ଅର୍ଥ୍ରାଇଟିସ୍ ଦୂରକରେ: ଏଥିରେ ଥିବା ଆଣ୍ଟିଅକ୍ସିଡାଣ୍ଟ ତଥା ଭିଟାମିନ୍ ସି'ର ଏକ ଉତ୍ତମ ସ୍ରୋତ ରହିଥିବା କାରଣରୁ ରୁମଟାଇଡ୍ ଓ ଆର୍ଥ୍ରାଇଟିସ୍



ତଥା ଆଣ୍ଠୁ ଗଣ୍ଠି ଯନ୍ତ୍ରଣାକୁ ଦୂର କରିଥାଏ ।

କିଡନୀ ଷ୍ଟୋନ ଦୂର: କମଳାରେ ଥିବା ଭିଟାମିନ୍ ସି' କିଡନୀକୁ ସୁସ୍ଥ ରଖିଥାଏ । ଏହା ମୂତ୍ରରେ ସାଇଟ୍ରେଟ୍ ସ୍ତର ବଢ଼ାଇବା ସହିତ କିଡନୀରେ ପଥୁରୀ ହେବାକୁ ଦିଏ ନାହିଁ ।

କ୍ୟାନସର ଦୂର କରେ: ଏଥିରେ ଥିବା ଜେକ୍ସାନ୍ଥିନ ଓ କ୍ୟାରୋଟିନୋଇଡ୍ ଶରୀରରେ ବିଭିନ୍ନ ପ୍ରକାର କ୍ୟାନସର କୋଷିକାକୁ ବଢ଼ିବାକୁ ଦିଏ ନାହିଁ । କମଳାରେ ଥିବା ଯୌଗିକ ଲିମୋନୋଇଡସ ଯାହାକି ମୁଖ କର୍କଟ, ସ୍ତନ କର୍କଟ, ଫୁସଫୁସ୍ କର୍କଟ, ତ୍ୱଚା କର୍କଟ, ପେଟ ତଥା ବୃହଦାନ୍ତ୍ର କ୍ୟାନସରକୁ ରୋକିବାରେ ସହାୟକ ହୋଇଥାଏ ।

# ରାମକଥା



ଭଗବାନଙ୍କର କୃପାରୁ ଆଜି ଏହି ଯଜ୍ଞ ପରିପୂର୍ଣ୍ଣ ହେଉଛି । ଜ୍ଞାନ ଯଜ୍ଞରେ ବକ୍ତା ପାପ କରେ । ଶ୍ରୋତା ବି ପାପ କରନ୍ତି । ଏଥିଯୋଗୁଁ ଜ୍ଞାନ ଯଜ୍ଞ ସମ୍ପୂର୍ଣ୍ଣ ସଫଳ ହୁଏନାହିଁ । ଗୋଟିଏ ନିର୍ଦ୍ଦେଶ ଆସୁଛି । ଜ୍ଞାନ ଯଜ୍ଞରେ ଯେଉଁ ପାପ ହୋଇଛି, ତାହାର ବିନାଶ ନିମନ୍ତେ ବକ୍ତା ଓ ଶ୍ରୋତା ପ୍ରାୟଶ୍ଚିତ କରନ୍ତୁ । ଅନ୍ୟ କେହି ପ୍ରାୟଶ୍ଚିତ କରିବାର ପ୍ରୟୋଜନ ନାହିଁ । ନିଜ ନିଜର ଇଷ୍ଟଦେବଙ୍କୁ ସ୍ମରଣ କରାଯାଉ । ପରମାତ୍ମାଙ୍କ ପଦାରବିନ୍ଦରେ ପ୍ରେମର ସହିତ ପ୍ରଣାମ କରି କରି 'ହରୟେ ନମଃ' କୁହନ୍ତୁ । ଏହା ପାଞ୍ଚ ଅକ୍ଷର ବିଶିଷ୍ଟ ମନ୍ତ୍ର । ସଦଭାବର ସହିତ ସମସ୍ତେ ଅତି ପ୍ରେମରେ ତିନିଥର 'ହରୟେ ନମଃ' ମନ୍ତ୍ର, ମନେ ମନେ ନୁହେଁ, ଅତି ଉଚ୍ଚ ସ୍ୱରରେ ଉଚ୍ଚାରଣ କରିବା ପାଇଁ ନିର୍ଦ୍ଦେଶ ଆସୁଛି । ଏହି ମହାମନ୍ତ୍ରକୁ ଭଗବାନଙ୍କର ଚରଣାରବିନ୍ଦରେ ଭାବପୂର୍ବକ ବିନମ୍ର ନିବେଦନ କରି କରି ତିନିଥର କୁହାଯାଉ ଜ୍ଞାତ ସାରରେ ହେଉ ଅଥବା ଅଜ୍ଞାତସାରରେ ହେଉ ଏହି ଯଜ୍ଞରେ ଯେଉଁ ପ୍ରମାଦ ହୋଇ ଯାଇଥିବ, ଭୁଲ ହୋଇଯାଇଥିବ ସମସ୍ତଙ୍କୁ ପରମାତ୍ମା କ୍ଷମା କରନ୍ତୁ । ଆମର ଜ୍ଞାନ ଯଜ୍ଞ ନିଶ୍ଚୟ ସଫଳ ହେବ । ଶ୍ରୀ ସୀତାରାମ ସମସ୍ତଙ୍କର ମଙ୍ଗଳ କରିବେ ।

**ହରୟେ ନମଃ ହରୟେ ନମଃ**
**ହରୟେ ନମଃ ।**
**ସୀୟାବର ରାମଚନ୍ଦ୍ର ଭଗବାନଙ୍କର**
**ଜୟ ।**
**ଶ୍ରୀ ଗୋବର୍ଦ୍ଧନ ନାଥଙ୍କର ଜୟ, ଶ୍ରୀ**
**ଗିରିରାଜଧରଙ୍କର ଜୟ,**
**ଦ୍ୱାରକାଧୀଶଙ୍କର ଜୟ, ଶ୍ରୀକୃଷ୍ଣ**
**କହ୍ନେଇଙ୍କର ଜୟ,**
**ସଦଗୁରୁ ଦେବଙ୍କର ଜୟ**
**ଓଁ ନମଃ ପାର୍ବତୀପତୟେ, ହର ହର**
**ହର ମହାଦେବ !**

ଏବଂ କୃତା ଯେନ ବିଚିତ୍ର ଲୀଳା ମାୟାମନୁଷ୍ୟେଣ ନୃପଚ୍ଛଲେନ ।

ତଂ ବୈ ମରାଳଂ ମୁନିମାନସାନାଂ, ଶ୍ରୀଜାନକୀ ଜୀବନମାନତୋଦ୍ଧସ୍ମି ।

ହନୁମାନ ସମ ନହିଂ ବଡ଼ ଭାଗୀ । ନହିଂ କୋଇ ରାମଚରଣ ଅନୁରାଗୀ । ଗିରିଜା ଜାସୁ ପ୍ରତି ସେବକାଈ । ବାର ବାର ପ୍ରଭୁ ନିଜ ମୁଖ ଗାଈ ।

# ସ୍ୱର୍ବେଦ




**ହରି କୋ ହେରତ ହେରତେ,**
**ଆପହିଁ ଗୟା ହେରାୟ ।**
**ୟହ ତୋ ଉତକଟ ପ୍ରେମ ହୈ, ୟହ**
**ଗତି ୱିରଲା ପାୟ ॥୧୬॥**

ଭାଷ୍ୟ - ବ୍ରହ୍ମବିଦ୍ୟା ଯୋଗ ସାଧନ ଅନୁଭବ ଦ୍ୱାରା ହରିଙ୍କୁ ଖୋଜି ଖୋଜି ଯେତେବେଳେ ପାଇଗଲେ, ସେତେବେଳେ ନିଜକୁ ହିଁ ଭୁଲିଗଲେ । ଯୋଗ ସମାଧିରେ ଯେତେବେଳେ ଧ୍ୟେୟର ସ୍ୱରୂପ ଧ୍ୟାତା ହୋଇଯାଏ, ସେତେବେଳେ ଧ୍ୟେୟରେ ତନ୍ମୟ ହୋଇଯିବା ଫଳରେ ନିଜ ସ୍ୱରୂପର ମଧ୍ୟ ଜ୍ଞାନ ରହେନାହିଁ । ଧ୍ୟାତା ଧ୍ୟେୟକୁ ପ୍ରାପ୍ତ କରି ଆନନ୍ଦରେ ନିଜର ସ୍ୱରୂପକୁ ଭୁଲିଯାଏ । ଏହାକୁ ଉତ୍ତମ କୋଟିର ଭକ୍ତି କୁହାଯାଏ । ଯେତେବେଳ ପର୍ଯ୍ୟନ୍ତ ଧ୍ୟେୟର ଜ୍ଞାନ ବିଦ୍ୟମାନ, ସେତେବେଳ ପର୍ଯ୍ୟନ୍ତ ଧ୍ୟାନର ଦଶା ଉପସ୍ଥିତ ଏବଂ ଯେତେବେଳେ ଧ୍ୟାତା ଧ୍ୟାନରତ ହୋଇ ଧ୍ୟେୟ ସ୍ୱରୂପକୁ ଆସିଯାଏ ସେତେବେଳେ ସମାଧି ଏବଂ ପୂର୍ଣ୍ଣାନନ୍ଦ ପ୍ରାପ୍ତି ହୋଇଥାଏ । ଏହା ଯୋଗ ସମାଧିର ସର୍ବୋତ୍କୃଷ୍ଟ ବିଜ୍ଞାନ ଅବସ୍ଥା ଯାହା କୌଣସି ବିରଳତମ ବ୍ୟକ୍ତିକୁ ହିଁ ପ୍ରାପ୍ତ ହୋଇଥାଏ, ଯିଏ ନିଜ ଜୀବନକୁ ପ୍ରଭୁଙ୍କ ନିକଟରେ ସମର୍ପଣ କରି ତଲ୍ଲୀନ ହୋଇ ଜଳ-ମୀନବତ୍ ଭକ୍ତି କରିଥାଏ ।

**ସେୱକ ଆପା ଖୋୟ କର, ସ୍ୱାମୀ**
**କେ ଆଧୀନ ।**
**ପ୍ରଭୁ ଗୁରୁ ସେୱା ମାହିଁ ହୈ, ନିର୍ଭୟ**
**ଦାସ ପ୍ରୱୀନ ॥୧୭॥**

ଭାଷ୍ୟ - ଯେତେବେଳେ ସେବକ ନିଜର ସମସ୍ତ ଅଭିମାନକୁ ଛାଡ଼ି ସଦ୍‌ଗୁରୁଙ୍କ ଆଜ୍ଞାନୁସାରେ ଜୀବନ ନିର୍ମାଣ କରେ, ସେତେବେଳେ ସେହି ପ୍ରଭୁ ସେହି ଗୁରୁସେବାରେ ହିଁ ପ୍ରାପ୍ତ ହୁଅନ୍ତି ଏବଂ ସେହି କୁଶଳ ସେବକ ଜନ୍ମ-ମରଣରୂପୀ ଭୟରୁ ମୁକ୍ତ ହୋଇଥାଏ । ସଦ୍‌ଗୁରୁଙ୍କର ଆଜ୍ଞା-ନିୟମ ପାଳନକାରୀ ଆତ୍ମସମର୍ପିତ ଭକ୍ତ ହିଁ ପ୍ରଭୁଙ୍କୁ ପ୍ରାପ୍ତ କରିଥାଏ, ଅବଜ୍ଞାକାରୀ ଅଭିମାନୀ ବ୍ୟକ୍ତି ନୁହେଁ । ଅଭିମାନୀ ମନୁଷ୍ୟ ନା ଯଥାର୍ଥ କର୍ତ୍ତବ୍ୟର ପାଳନ କରେ ନା ଉଚିତ ନିୟମରେ ରହି ନିଜ ଜୀବନର ବିକାଶ କରେ । ସେଥିପାଇଁ ସତ୍ୟ ସିଦ୍ଧାନ୍ତ ଅନୁଗାମୀ ନିଜ ପ୍ରାକୃତିକ ଅଭିମାନକୁ ଛାଡ଼ି ଅଗ୍ରସର ହୁଅନ୍ତି । ସୁତରାଂ ତାଙ୍କୁ ବାସ୍ତବିକ ସୁଖ ଶାନ୍ତି ପ୍ରାପ୍ତ ହୋଇଥାଏ ।

**ଗଗନ ମଣ୍ଡଳ ମେଁ କମଲ ହୈ,**
**ସୋୟ କମଲ କର ଛାପ ।**
**ଲାଲ ପହୁଁଚି ଅନୁଭୱ କରେ,**
**ସ୍ୱସଂୱେଦ ହୈ ଆପ ॥୧୮॥**

ଭାଷ୍ୟ - ନିଃଶବ୍ଦ ପରମ ପୁରୁଷଙ୍କ ପ୍ରକାଶରୁ ସମସ୍ତ ଚକ୍ର ଏବଂ ଅଷ୍ଟକମଳ ପ୍ରକାଶିତ ହେଉଛନ୍ତି । ଗଗନରେ ଯେଉଁ ପ୍ରକାଶମାନ କମଳ ଅବସ୍ଥିତ, ତାହାରି ପ୍ରକାଶରେ ସମସ୍ତ ଚକ୍ର ପ୍ରସ୍ଫୁଟିତ ହୋଇଥାନ୍ତି । ସମସ୍ତ ଜଗତର ଆଧାର, ସ୍ରଷ୍ଟା ନିଶବ୍ଦ ପରମ ପୁରୁଷ ଅଟନ୍ତି । ସଦ୍‌ଗୁରୁଙ୍କର ଆତ୍ମସମର୍ପିତ ଭକ୍ତ ସେଠାରେ ଯୋଗ ସାଧନା ଦ୍ୱାରା ପହଞ୍ଚି ସ୍ୱତଃ ପରମ ବିଜ୍ଞାନମୟ ପ୍ରକାଶ କେମିତି ପ୍ରକାଶିତ ହେଉଛି, ତାହା ଅନୁଭବ କରନ୍ତି ।

**ଗୁରୁ ୱିଧାନ ଗୁରୁ ଗମ୍ୟ ସେ,**
**ଅଷ୍ଟଚକ୍ର ରୁଧ ପ୍ରାଣ ।**
**ମନ ମାରେ ଗୁରୁ ଗମ୍ୟ ସେ, ଦେହ**
**କରୋ ନିଷ୍ପ୍ରାଣ ॥୧୯॥**

ଭାଷ୍ୟ - ସଦ୍‌ଗୁରୁଙ୍କର ନିୟମ ଉପଦେଶରୁ ସାଧନ ଭେଦ ଦ୍ୱାରା ଅଷ୍ଟଚକ୍ରମାନଙ୍କୁ ବିଶୋଧନ କରି ବାୟୁକୁ ମହାଶୂନ୍ୟରେ ଲୟ ପୂର୍ବକ ଶରୀରକୁ ନିଷ୍ପ୍ରାଣ କରି, ଗୁରୁ ବିଧାନ ଦ୍ୱାରା ମନକୁ ଲୟ କରିବା ଉଚିତ । ପ୍ରାଣର ଲୟ ପରେ ମନ ମଧ୍ୟ ନିଜ ମୂଳ କାରଣରେ ଆସି ଶାନ୍ତ ହୋଇଯାଏ । ପ୍ରାଣମଣ୍ଡଳରେ ବାୟୁ ପହଞ୍ଚି ଯିବା ଫଳରେ ପ୍ରାଣ ସ୍ଥିର ହୋଇଯାଏ ଏବଂ ଅଷ୍ଟଚକ୍ରଗୁଡ଼ିକୁ ବୋଧ-ଶୋଧ କରି ବାୟୁ ନିଜ ମଣ୍ଡଳରେ ପହଞ୍ଚି ବିଲୀନ ଏବଂ ଶାନ୍ତ ହୋଇଯାଏ । ଏହାକୁ ଦେହର ନିଷ୍ପ୍ରାଣ ବୋଲି ଅଭିହିତ କରାଯାଏ । ମୂଳ କେନ୍ଦ୍ରରେ ପହଞ୍ଚିବା ପରେ ପ୍ରକୃତିର ସମସ୍ତ ଶକ୍ତି ଶାନ୍ତ ଏବଂ ଲୟ ହୋଇଯାଆନ୍ତି । ବିହଙ୍ଗମ ଯୋଗରେ ପ୍ରାଣବାୟୁର ଗୁରୁଗମ୍ୟ ଯୋଗୁ ମନକୁ ମନ ନିଜ ସ୍ଥାନରେ ଶାନ୍ତ ହୋଇଯାଏ । କୁମ୍ଭକ ପ୍ରାଣାୟାମ କରି ବାୟୁର ଗତିକୁ ଧାରଣ କରାଯାଇ ପାରେନାହିଁ । ବିହଙ୍ଗମ ଯୋଗରେ ସ୍ୱତଃ ସଦ୍‌ଗୁରୁ କୃପାରୁ କୁଣ୍ଡଳିନୀ ମାର୍ଗ ଛାଡ଼ିଯାଏ ଏବଂ ସୁଷୁମ୍ନାର ପ୍ରବାହ ହେବାରେ ଲାଗେ । ସୁଷୁମ୍ନାତୀତ ଯୋଗୀର ମନ ଏବଂ ପ୍ରାଣରେ ଶୂନ୍ୟତା ଆସି ନିଜ ଶୁଦ୍ଧ ଚେତନ ପ୍ରକାଶରେ ବ୍ୟାପକ ପରମାନନ୍ଦର ଉପଭୋଗ କରେ । ସେଥିପାଇଁ ବିହଙ୍ଗମ ଯୋଗରେ ପ୍ରାଣ ଏବଂ ମନକୁ ସ୍ଥିର କରିବାର ବିଧାନ ପ୍ରାକୃତିକ ଯୋଗରୁ ଭିନ୍ନ ଏବଂ ବିଲକ୍ଷଣ ଅଟେ । ଅତଏବ ସଦ୍‌ଗୁରୁ ପ୍ରକାଶରେ ପ୍ରାଣ ଏବଂ ମନକୁ ସ୍ଥିର କରି ଯୋଗ ସାଧନାରେ ଅଗ୍ରସର ହେବା ଉଚିତ ।

**ମନ ଅରୁ ପୱନ ଅଭାୱ ମେଁ,**
**ଭଜନ ବନେ ନିର୍ଦ୍ୱନ୍ଦ୍ୱ ।**
**ମନ ପ୍ରତ୍ୟୂହ ଅନେକ ହୈଁ, ସଦ୍ୟ**
**ରହେ ଦୁଖ ଦ୍ୱନ୍ଦ୍ୱ ॥୨୦॥**

ଭାଷ୍ୟ - ମନ ଆଉ ପବନର ଅଭାବ ହେବା ଦ୍ୱାରା ଯୋଗୀ ସମସ୍ତ ଦ୍ୱନ୍ଦ୍ୱରୁ ମୁକ୍ତ ହୋଇଯାଏ । ମନର ଉପସ୍ଥିତିରେ ଜୀବକୁ ସୁଖ ଶାନ୍ତି ପ୍ରାପ୍ତି ହୁଏନାହିଁ । ମନର ଅନେକ ମଣ୍ଡଳ ଅଛି ଏବଂ ତାହାର ଗତି ମଧ୍ୟ ତଦ୍ରୂପ । ତାହାର ଗତିକୁ କୌଣସି ବିଶେଷଜ୍ଞ ହିଁ ଜାଣି ପାରନ୍ତି । ମନର ସମ୍ବନ୍ଧରେ ଜୀବକୁ ସର୍ବଦା ତ୍ରିଦ୍ୱନ୍ଦ୍ୱ ହଇରାଣ କରିଥାନ୍ତି, ସେଥିପାଇଁ ଆଧ୍ୟାତ୍ମ ବିକାଶରେ ସର୍ବାଗ୍ରେ ମନ ଏବଂ ପ୍ରାଣକୁ ପ୍ରଯତ୍ନ କରି ଏହାର ମୂଳ କାରଣରେ ଶାନ୍ତ ଏବଂ ଲୟ କରି ଅଗ୍ରସର ହେବା ବିଧେୟ । ମନ ହିଁ ମାୟାର ସ୍ୱରୂପ ଅଟେ ଏବଂ ମନ ଦ୍ୱାରା ହିଁ ସଂସାରର ବିବିଧ ସ୍ୱରୂପ ପ୍ରକଟ ହୋଇ ଜୀବକୁ ପ୍ରଲୋଭିତ କରିଥାନ୍ତି ଏବଂ ସୁଖ ଅଭିଳାଷୀ ଜୀବ ଅଜ୍ଞାନ ଏବଂ ମୋହରେ ପଡ଼ି ମନର ଗତିକୁ ଜାଣିପାରେ ନାହିଁ, ବରଂ ଏହାର ସୁଖରେ ନିଜ ଶୁଦ୍ଧ ସ୍ୱରୂପକୁ ବିସ୍ମରଣ କରି ତ୍ରିତାପ ଅଗ୍ନିରେ ଦଗ୍ଧ ହୋଇ କଷ୍ଟ ଏବଂ ଯାତନା ଭୋଗକରେ । ଅତଏବ ମନର ସ୍ୱରୂପକୁ ଜାଣି ଆତ୍ମା ଦ୍ୱାରା ପରଂବ୍ରହ୍ମ ପ୍ରାପ୍ତିର ସାଧନା ଏବଂ ଅଭ୍ୟାସ କରିବା ଉଚିତ ।

**ବାହ୍ୟାଭ୍ୟନ୍ତର ଶବ୍ଦ ହୈ, ଶବ୍ଦ**
**ଭେଦ ହୈ ଦୋୟ ।**
**ଭୀତର ଶବ୍ଦ ଅଚ୍ଛାଦିତ, ବାହର ଶବ୍ଦ**
**ନ ହୋୟ ॥୨୧॥**

ଭାଷ୍ୟ - ଆବରଣ ହୋଇଥିବା କାରଣରୁ ଶବ୍ଦ ଦୁଇ ପ୍ରକାର ହୋଇଯାଏ । ଯେଉଁ ପ୍ରକାର ଶବ୍ଦର ଧାର ନିମ୍ନକୁ ଆସିବାରେ ଲାଗେ, ସ୍ଥାନର ଭେଦରେ ତାହା ସ୍ଥୂଳ ରୂପ ଧାରଣ କରିଥାଏ । ସେହି ପ୍ରକାର ବାହାର ଏବଂ ଭିତର ଉଭୟ ସ୍ଥାନରେ ଶବ୍ଦାନ୍ତର ହୋଇଯାଏ । ସେହି ସୂକ୍ଷ୍ମ ଶବ୍ଦ ତଳକୁ ଆସି ସ୍ଥୂଳ ସ୍ୱରୂପରେ ପ୍ରକଟ ହୋଇଥାଏ, ସେଥିପାଇଁ ବାହାରେ ଏବଂ ଭିତରେ ଶବ୍ଦର ଦୁଇ ପ୍ରକାର ସ୍ଥିତି ହୋଇଯାଏ । ଭିତରର ଶବ୍ଦ ଆବରଣଯୁକ୍ତ ହୋଇଥିବାରୁ ବାହାରକୁ ପ୍ରକଟ ହୋଇପାରେ ନାହିଁ ।

**ସୁକ୍ଷମ ଶବ୍ଦ ଅଚ୍ଛାଦିତ, ସ୍ଥୂଳ ଶବ୍ଦ**
**ସେ ହୋୟ ।**
**କ୍ଷର ଅକ୍ଷର ଆୱରଣ ହୈ,**
**ନିଃଅକ୍ଷର କା ଦୋୟ ॥୨୨॥**

ଭାଷ୍ୟ - ସୂକ୍ଷ୍ମ ଶବ୍ଦ ସ୍ଥୂଳରେ ଢାଙ୍କି ହୋଇ ରହିଛି । ସ୍ଥୂଳର ଆବରଣ ଯୋଗୁ ସୂକ୍ଷ୍ମ ଶବ୍ଦ ସ୍ପଷ୍ଟ ପ୍ରକଟ ହୋଇପାରେ ନାହିଁ । ଯେତେବେଳେ ଚେତନା ସ୍ଥିର ହୋଇ ସୂକ୍ଷ୍ମ ହୋଇଯାଏ, ସେତେବେଳେ ସ୍ଥୂଳ ଭିତରେ ସୂକ୍ଷ୍ମ ଶବ୍ଦ ପ୍ରକଟ ହୋଇଥାଏ । ସେଥିପାଇଁ ନିଃଅକ୍ଷର ପରମ ଶବ୍ଦର କ୍ଷର ଏବଂ ଅକ୍ଷର ଦୁଇଟି ଆବରଣ ଅଛି । ଏହି ଦୁଇ ଆବରଣରୁ ସେହି ପରମ ପୁରୁଷ ଲୁକ୍କାୟିତ ରହିଛନ୍ତି । ଯେତେବେଳେ ସଦ୍‌ଗୁରୁ ପ୍ରକାଶରେ ଆତ୍ମାର ବାହ୍ୟ ଚେତନା ବନ୍ଦ ହୋଇ ଅନ୍ତରକୁ ସ୍ଥିର କରି ଗତିଶୀଳ ହୁଏ, ସେତେବେଳେ ଉଭୟ ଆବରଣର କ୍ଷୟ ହୋଇ ନିଃଶବ୍ଦ ପରମ ପୁରୁଷଙ୍କର ପ୍ରତ୍ୟକ୍ଷ ଅନୁଭବ ହୋଇଥାଏ ।

**ବ୍ୟାପକ ସୁକ୍ଷ୍ମ ସ୍ଥୂଳ ମେଁ, ୟହ**
**ସମ୍ବନ୍ଧ ସଂସାର ।**
**କ୍ଷର ଅକ୍ଷର ମେଁ ବ୍ୟାପ୍ତ ହୈ,**
**ନିଃଅକ୍ଷର ସବ ପାର ॥୨୩॥**

ଭାଷ୍ୟ - ସ୍ଥୂଳ ପଦାର୍ଥରେ ସୂକ୍ଷ୍ମ ତତ୍ତ୍ୱ ବ୍ୟାପକ ଅଟେ । ସମସ୍ତ ସଂସାରର ପଦାର୍ଥମାନଙ୍କରେ ସୂକ୍ଷ୍ମ ପରଂବ୍ରହ୍ମ ବ୍ୟାପକ ଅଟନ୍ତି । ବ୍ୟାପ୍ୟ ଏବଂ ବ୍ୟାପକ ଏହି ସଂସାରର ସମ୍ବନ୍ଧ ଅଟେ । ଏହି ପ୍ରକାର କ୍ଷର, ଅକ୍ଷର ଏହି ଦୁଇଟି ତତ୍ତ୍ୱରେ ସୂକ୍ଷ୍ମ ପରଂବ୍ରହ୍ମ ଓତପ୍ରୋତ ଭାବରେ ବ୍ୟାପକ ଅଟନ୍ତି । ବ୍ୟାପ୍ୟ ବିନା ବ୍ୟାପକ ହୋଇ ନ ଥାଏ । ସେଥିପାଇଁ ପରଂବ୍ରହ୍ମ ସୂକ୍ଷ୍ମ ହୋଇଥିବାରୁ ଜଡ଼-ଚେତନ ସମସ୍ତ ପଦାର୍ଥମାନଙ୍କରେ ବ୍ୟାପକ ଅଟନ୍ତି ।

**ଅନୁଭୱ ୱେତ୍ତା ଶବ୍ଦ କା, ତେହି**
**ଢିଗ ୱାର୍ତାଲାପ ।**
**ହଠ କୁତର୍କ ଜୋ କରତ ହୈ, ୟହ**
**ନିତାନ୍ତ ହୈ ପାପ ॥୨୪॥**

ଭାଷ୍ୟ - ଶବ୍ଦ ଭେଦଜ୍ଞ ଅନୁଭବ ତତ୍ତ୍ୱଦର୍ଶୀ ସନ୍ଥଙ୍କର ସତ୍‌ସଙ୍ଗ ଉପଦେଶକୁ ଅବିଶ୍ୱାସ କରି କୁତର୍କ କରିବା ନିତାନ୍ତ ଅନୁଚିତ ଅଟେ । ପ୍ରତ୍ୟକ୍ଷଦର୍ଶୀ ସନ୍ଥ ସମୀପରେ ଜୀଜ୍ଞାସୁ ଭାବରେ ଅଧିକାରୀ ହୋଇ ଶାନ୍ତ ଚିତ୍ତରେ ଜ୍ଞାନ ଉପଦେଶର ଶ୍ରବଣ କରି ନିଜ ଜୀବନକୁ ପବିତ୍ର କରିବା ଉଚିତ । ସନ୍ଥଙ୍କର ବଚନ ବିରୁଦ୍ଧରେ ତର୍କ ବିତର୍କ କରିବା ନିତାନ୍ତ ଅପରାଧ ଅଟେ । ଯୋଗ ସମାଧି ଦ୍ୱାରା ଯାହାର ଅନୁଭବ ଦୃଷ୍ଟି ଖୋଲି ଯାଇଛି, ସେହି ସନ୍ଥ ସମ୍ମୁଖରେ ଆଧ୍ୟାତ୍ମର ସମସ୍ତ ଗୁପ୍ତଜ୍ଞାନ ତତ୍ତ୍ୱର ପ୍ରତ୍ୟକ୍ଷ ସାକ୍ଷାତ୍‌କାର ହୋଇଥିବା ସନ୍ଥଙ୍କର ସମସ୍ତ ବଚନକୁ ପୂର୍ଣ୍ଣ ବିଶ୍ୱାସପୂର୍ବକ ନିର୍ଭ୍ରାନ୍ତ ତତ୍ତ୍ୱଜ୍ଞାନରେ ନିଜର ଉତ୍ତମ ଜୀବନକୁ ସାର୍ଥକ କରିବା ଉଚିତ ।

**ବ୍ରହ୍ମୱେତ୍ତା ଦରବାର ମେଁ,**
**ବୈଠୋ ସଜ୍ଜନ ହୋୟ ।**
**ଗୋ ମନ ଅଙ୍ଗ ସମ୍ଭାର କର,**
**ୱାଣୀ ଚପଲ ନ ହୋୟ ॥୨୫॥**

ଭାଷ୍ୟ - ବ୍ରହ୍ମନିଷ୍ଠ ସଦ୍‌ଗୁରୁଙ୍କର ଧାମରେ ସତ୍‌ସଙ୍ଗ ଉପଦେଶରେ ଇନ୍ଦ୍ରିୟ, ମନ, ବାଣୀ ଏବଂ ନିଜ ଶରୀରର ଅବୟବମାନଙ୍କୁ ସମ୍ଭାଳି ସଭ୍ୟ ଏବଂ ସୁରୁଚିସମ୍ପନ୍ନ ବ୍ୟବହାରଯୁକ୍ତ ହୋଇ ନମ୍ରତା ପୂର୍ବକ, ସଜ୍ଜନ ହୋଇ ଉପବିଷ୍ଟ ହେବା ଉଚିତ । ବୁଦ୍ଧି ଏବଂ ମନକୁ ଏକାଗ୍ର କରି ସଦ୍‌ଗୁରୁ ଉପଦେଶକୁ ଶାନ୍ତ ଚିତ୍ତରେ ଶ୍ରବଣ କରିବା ଉଚିତ । ମନ, ଇନ୍ଦ୍ରିୟ ଏବଂ ବାଣୀର ଆଳାପରେ ଏକାଗ୍ରତା ରହି ନ ଥାଏ ଏବଂ ଅଶାନ୍ତି ମଧ୍ୟରେ ଶାନ୍ତିର ଉପଦେଶ ପ୍ରାପ୍ତ ହୋଇ ନ ଥାଏ । ସେଥିପାଇଁ ସଦ୍‌ଗୁରୁ ଶରଣରେ ଯାଇ ସରଳ ଚିତ୍ତରେ ବିନୟପୂର୍ବକ ବ୍ରହ୍ମବିଦ୍ୟାର ତତ୍ତ୍ୱଜ୍ଞାନ ବୋଧ ପ୍ରାପ୍ତ କରିବା ଉଚିତ ।

# ମେଥିର ଉପକାରିତା

ମେଥି ହେଉଛି ଡ଼ାଲି, ମଟର ଓ ବିନସ ପରି ଏକ ଛୁଇଁ ଜାତୀୟ ଫସଲ, ଇଂରାଜୀରେ ମେଥିକୁ ଫେନଗ୍ରିକ୍ ବୋଲି କୁହାଯାଏ । ମେଥିରେ ଉତ୍ପତ୍ତିସ୍ଥଳ ଭାରତବର୍ଷ ନୁହେଁ ଏହା ମଧ ପ୍ରାଚ୍ୟ ଏବଂ ଆଫ୍ରିକା ମହାଦେଶରେ ଉତ୍ପନ୍ନ ହୋଇଥିଲା ଏବଂ ପର୍ଯ୍ୟାୟକ୍ରମେ ମୁନିଋଷିମାନଙ୍କ ଦ୍ୱାରା ୟୁରୋପ ମହାଦେଶକୁ ଅଣା ଯାଇଥିଲା । ଗ୍ରୀକ୍ ଓ ରୋମାନମାନେ ଏହାକୁ ଔଷଧ ଓ ମସଲା ବ୍ୟତୀତ ଗୋ ଖାଦ୍ୟ ରୂପେ ମଧ ବ୍ୟବହାର କରୁଥିଲେ । ମେଥି ଗଛର ଡେଙ୍ଗ ଉପରେ ତ୍ରିଭୁଜ ଆକାରରେ ତିନୋଟି ପତ୍ର ରହିଥିବା ଲାଟିନ୍ ଶବ୍ଦ କୋଷରେ ମେଥିକୁ ଟ୍ରାଇଗୋନାଲ୍ କୁହାଯାଏ । ମେଥି ଶାଗରେ ସାଧାରଣତଃ ପୁଷ୍ଟିସାର ୪.୪ ପ୍ରତିଶତ, ସ୍ନେହସାର ୦.୯ ପ୍ରତିଶତ ଓ ଜଳୀୟ ଅଂଶ ୮୬.୧ ପ୍ରତିଶତ ରହିଥାଏ । ମେଥିଶାଗ ଏବଂ ମେଥିରେ ଖାଦ୍ୟସାର ଏ, ଭିଟାମିନ୍ ସି, ଓ ଭିଟାମିନ୍ କେ' ମଧ ଯଥେଷ୍ଟ ପରିମାଣରେ ରହିଥାଏ । ଖଣିଜ ଲବଣ ଆକାରରେ ମେଥିରେ ମ୍ୟାଗ୍ନେସିୟମ, ପୋଟାସିୟମ ଗୁରୁତ୍ୱପୂର୍ଣ୍ଣ ଉପାଦାନ ଉପଲବ୍ଧ ହୁଏ । ସ୍ତନ୍ୟପାନ କରାଉଥିବା ମହିଳାମାନେ ଦୈନିକ ଅତି କମରେ ୧୫୦ ଗ୍ରାମ ମେଥିଶାଗ ଖାଇବା ଆବଶ୍ୟକ । ଏହା ଦ୍ୱାରା ମା' ମାନଙ୍କ ଠାରେ ଦେଖା ଦେଉଥିବା ରକ୍ତହୀନତା ରୋଗ ଦୂର ହୁଏ ଏବଂ ମେଥି ଶାଗରେ ଥିବା ଓମେଗା ୩ ଫ୍ୟାଟି ଏସିଡ୍ ଶିଶୁମାନଙ୍କ ମସ୍ତିଷ୍କର ବିକାଶରେ ଚମତ୍କାର ପ୍ରଭାବ ପକାଇଥାଏ, ତେଣୁ କରି ଗର୍ଭବତୀ ମହିଳା ମଧ ମେଥି ଶାଗ ବା ମେଥିଗୁଣ୍ଡ ଖାଇ ନିଜ ଗର୍ଭସ୍ଥ ଶିଶୁ ବା ସନ୍ତାନର ମସ୍ତିଷ୍କ ବିକାଶରେ ସାହାଯ୍ୟ କରିପାରିବେ । ମେଥିଶାଗ ଅନେକ ଗୁଡିଏ ଔଷଧୀୟ ଗୁଣରେ ଭରପୁର । ଏହା ଲୌହର ଏକ ଉତ୍ତମ ମାଧ୍ୟମ ହୋଇଥିବାରୁ ୬୦ ରୁ ୭୦ ଭାଗ ପର୍ଯ୍ୟନ୍ତ ପ୍ରାପ୍ତ ବୟସ୍କା ବାଳିକାମାନଙ୍କର ରକ୍ତହୀନତା ଓ ମାସିକ ଋତୁସ୍ରାବ ସମୟରେ ଶାରୀରିକ ଓ ମାନସିକ ଯନ୍ତ୍ରଣା ଦୂରକରେ । ମେଥିରେ କ୍ୟାଲସିୟମ ଭରପୁର ହୋଇଥିବାରୁ ସ୍ତ୍ରୀ ମାନଙ୍କୁ ହେଉଥିବା ଓଷ୍ଟିଓପରୋସିସ୍ ରୋଗକୁ ମଧ ପ୍ରତିରୋଧ କରେ । ମେଥି ଶାଗକୁ ଶୁଖାଇ ଗୁଣ୍ଡ କରି ଖାଇଲେ ଡାଲି ଜାତୀୟ ଖାଦ୍ୟର ଅଭାବ ପୂରଣ କରିବା ସହ ଆମିନୋ ଲାଇସିନର ଅଭାବ ପୂରଣ କରେ । ମେଥିଶାଗ ଛୋଟ ଛୋଟ ମାଟିଆ ରଙ୍ଗର ମଞ୍ଜି ମଧୁମେହ ରୋଗୀମାନଙ୍କର ଏକ ଅବ୍ୟର୍ଥ ଔଷଧ ରୂପେ ଗଣାଯାଏ । ମେଥି ମଞ୍ଜିର ଗୁଣ୍ଡ ୨ ଚାମଚ ଏକ ଗ୍ଲାସ ପାଣି ସହ ପ୍ରତିଦିନ ସକାଳେ ଖାଲି ପେଟରେ ଖାଇବା ଦ୍ୱାରା ରକ୍ତରେ ଶର୍କରା ଭାଗ କମିଯାଏ । ପରୀକ୍ଷାରୁ ଜଣାଯାଇଛି ମେଥି ମଞ୍ଜିରେ ଶତକଡ଼ା ୩୦ ଭାଗ ନ୍ୟୁସିଲେଜ ଥାଏ, ଯାହାକି ସ୍ପଞ୍ଜ ରୂପେ କାର୍ଯ୍ୟ କରି ରକ୍ତରେ ଥିବା ଶର୍କରାକୁ ଶୋଷିନିଏ ଫଳରେ ରକ୍ତରେ ଶର୍କରା ପରିମାଣ କମିଯାଇଥାଏ । ମେଥିଗୁଣ୍ଡ ରକ୍ତର କୋଲେଷ୍ଟୋରଲର ପରିମାଣକୁ କମାଇବାରେ ସକ୍ଷମ ହୋଇଥାଏ । ମେଥିକୁ ଡାଇରିଆ, ଡିସେଣ୍ଟ୍ରି ଏବଂ ପେପଟିକ୍ ଅଲସରର ପ୍ରତିଷେଧକ



ଭାବରେ ବ୍ୟବହାର କରାଯାଏ । ଇନଫ୍ଲୁଏଞ୍ଜା ଓ ବ୍ରୋନକାଇଟିସ୍ କଷ୍ଟରୁ ମଧ ମୁକ୍ତି ମିଳିଥାଏ । ବସନ୍ତ, ହାଡ଼ଫୁଟି ଓ ସାଧାରଣ ଅସୁସ୍ଥତା ପରେ ଶକ୍ତି ଫେରିଆସିବା ପାଇଁ ସର୍ବତ କରି ରୋଗୀକୁ ଦିଆଯାଏ । ମେଥିକୁ ଭାଜି ଗୁଣ୍ଡ କରି ଗୁଡ଼ ସହିତ ମିଶାଇ ଲଡୁ କରି ମଧ ଖାଇବାକୁ ଦିଆଯାଏ । ଅକାଳରେ ବାଳ ପାଚିଗଲେ ମେଥିବଟା ସହିତ କ୍ଷୀର ମିଶାଇ ଘଣ୍ଟାଏ ପରେ ମୁଣ୍ଡଧୋଇ ଦେଲେ ମୂଳ ଟାଣ ରହେ ପୁଣି କେଶ ଉପୁଡିବା କମିଯାଏ । ଖାଦ୍ୟ ସଂରକ୍ଷଣରେ ମଧ ମେଥିକୁ ବ୍ୟବହାର କରାଯାଇଥାଏ । ମେଥିପତ୍ରକୁ ଶୁଖାଇ ଗୁଣ୍ଡକରି ମୁଗ, ବିରି, ଗହମ ଓ ଚାଉଳ ଇତ୍ୟାଦିରେ ରଖିଲେ ଉକୁଣିଆପୋକ ଚାଉଳ ପୋକ ହୋଇ ନ ଥାନ୍ତି । ଜିୟୁମାନେ ମେଥିରୁ ଏକ ପାରମ୍ପରିକ ସସ୍ ତିଆରି କରିଥାନ୍ତି ଯାହା 'ହେଲବେ' ନାମରେ ପରିଚିତ, ଏହାକୁ ପ୍ରତିଦିନ ବ୍ୟବହାର କରିଥାନ୍ତି । ହେଲବେ ଏକ ଆରବ ଶବ୍ଦ ଓ ଏହାର ଅର୍ଥ ହେଲା ଫଳପ୍ରଦ ହୁଅ ଓ ବଂଶବୃଦ୍ଧି କରାଅ । ମେଥିକୁ ଶାଗହିସାବରେ ପୁଣି ମେଥିକୁ ଭାଜି ଗୁଣ୍ଡ କରି ପ୍ରତିଦିନ ଆହାରରେ ବ୍ୟବହାର କରିବା ଉଚିତ୍ ।

ମେଥି ରୋଷେଇ ଘରେ ବହୁ କାମରେ ଲାଗିଥାଏ । କେତେବେଳେ ଖାଦ୍ୟରେ ଉପଯୋଗ କରାଯାଏ ତ କେବେ ଆଚାର ନଚେତ ମେଥି ଶାଗ ରୂପେ ଖିଆଯାଏ । ତେବେ ଏଇ ମେଥି କିନ୍ତୁ ବହୁ ରୋଗ ଲାଗି ମହୌଷଧି ସଦୃଶ ।

ଶୀତ ଦିନେ ମେଥି ଶାଗ ଖାଇବା ଫଳରେ ଖୁବ୍ ସୁଆଦିଆ ଲାଗିଥାଏ ।

ସ୍ୱାସ୍ଥ୍ୟ ପାଇଁ ମେଥି ଖୁବ୍ ଉପଯୋଗୀ । ବିଶେଷକରି ମଧୁମେହକୁ କଣ୍ଟ୍ରୋଲ କରିବା ପାଇଁ ମେଥି ରାମବାଣ ପରି କାମ କରିଥାଏ । ଏଥିରେ ଥିବା ଗୋଲାକ୍ଟୋମେନନ ନାମକ ତତ୍ତ୍ୱ ମଧୁମେହରୁ ମୁକ୍ତି କରିବାରେ ସହାୟକ ହୋଇଥାଏ ।

ମେଥିରେ ଥିବା ପୋଟାସିୟମ ହୃଦ ରୋଗରୁ ରକ୍ଷା କରିଥାଏ । ଏହାକୁ ନିୟମିତ ଖାଇବା ଫଳରେ କୋଲେଷ୍ଟ୍ରଲ ମାତ୍ରା କମ୍ ହୋଇଥାଏ । ଯାହା ଫଳରେ ରୋଗ ଦୂର ହୋଇଥାଏ ।

କାଶ ଥଣ୍ଡାରୁ ମୁକ୍ତି କରେ ମେଥି, ଏଥିପାଇଁ ଏକ ଚାମଚ ଲେମ୍ବୁରସ ଓ ମହୁ ସହିତ ମେଥି ଖାଇଲେ କେବଳ ଜ୍ୱର କମ୍ ହୋଇଥାଏ ତାହା ନୁହେଁ ବରଂ ଥଣ୍ଡା ଓ କାଶ ଏବଂ ଗଳା ଯନ୍ତ୍ରଣାରୁ ମୁକ୍ତି ମିଳିଥାଏ ।

କେଶ ସମସ୍ୟା ଦୂର କରେ ମେଥି କେଶକୁ ଘନ ଓ କଳା କରିବାରେ ମେଥି ମୁଖ୍ୟ ଭୂମିକା ନେଇଥାଏ । ଯଦି କେଶ ଝଡି ପତଳା ହୋଇଯାଉଛି । ତେବେ ନଡିଆ ତେଲକୁ ଗରମ କରି ଏଥିରେ ମେଥି ଦାନା ପକାଇ ଏହି ନଡିଆତେଲକୁ ପ୍ରତିଦିନ କେଶରେ ଲଗାଇଲେ କେଶ ଝଡିବା ବନ୍ଦ ହେବା ସହ କେଶ କଳା ଓ ଘନ ହୋଇଥାଏ ।

ଇମ୍ୟୁନ ସିଷ୍ଟମକୁ ଷ୍ଟ୍ରଙ୍ଗ କରେ ମେଥି ଦାନା । ପ୍ରତିଦିନ ମେଥି ଦାନା ସହିତ ଏକ ଚାମଚ ମହୁ ଓ ଲେମ୍ବୁ ରସ ମିଶାଇ ଖାଇବା ଫଳରେ ଇମ୍ୟୁନ ସିଷ୍ଟମ ଷ୍ଟ୍ରଙ୍ଗ ହୋଇଥାଏ ।

ଆଚାର ତିଆରି କରିବା ପାଇଁ ଭଜା ମେଥିକୁ ବ୍ୟବହାର କରାଯାଇଥାଏ ।

ତରକାରି ଆଦି ଛୁଙ୍କ ସମୟରେ ଫୁଟଣରେ ମେଥିର ପ୍ରୟୋଗ କରାଯାଇଥାଏ ।

## ଆପଣ ଜାଣନ୍ତି କି ?

- ୧୯୯୨ ଡିସେମ୍ବର ୬ରେ ଅଯୋଧା ଠାରେ ଥିବା ବାବ୍ରୀ ମସଜିଦକୁ ଧ୍ୱଂସ କରାଯାଇଥିଲା ।
- ୧୯୪୧ ଡିସେମ୍ବର ୭ ରେ ୩୫୩ ଜଣ ଜାପାନୀ ଆକ୍ରମଣକାରୀ ଆମେରିକାର ପଲ ହରବରରେ ଥିବା ନୌସେନା ଘାଟୀ ଉପରେ ଆକ୍ରମଣ କରି ୧୯ ଟି ଜାହାଜ, ୧୮୮ ଟି ଏୟାରକ୍ରାପ୍ଟ ନଷ୍ଟ କରିବା ସହ ୨,୦୦୦ ଆମେରିକୀୟଙ୍କୁ ହତ୍ୟା କରିଥିଲେ ।
- ୧୯୪୧ ଡିସେମ୍ବର ୮ରେ ପଲ୍ ହରବର ଉପରେ ଆକ୍ରମଣ ପରେ ଆମେରିକା କଂଗ୍ରେସ ଦ୍ୱିତୀୟ ବିଶ୍ୱଯୁଦ୍ଧରେ ପ୍ରବେଶ କରିବା ସହ ଜାପାନ ବିରୋଧରେ ଯୁଦ୍ଧ ଘୋଷଣା କରିଥିଲା ।
- ୧୯୪୬ ଡିସେମ୍ବର ୯ରେ ଭାରତୀୟ କଂଗ୍ରେସ ମୁଖ୍ୟ ସୋନିଆ ଗାନ୍ଧୀ ଜନ୍ମ ହୋଇଥିଲେ ।
- ୧୮୭୮ ଡିସେମ୍ବର ୧୦ ରେ ଭାରତର ପୂର୍ବତନ ଗଭର୍ଣ୍ଣର ଜେନେରାଲ ରାଜଗୋପାଳଚାରୀଙ୍କ ଜନ୍ମ ହୋଇଥିଲା ।
- ୧୯୫୦ ଡିସେମ୍ବର ୧୨ ରେ ଦକ୍ଷିଣ ଭାରତୀୟ ସୁପରଷ୍ଟାର ରଜନୀକାନ୍ତ ଜନ୍ମ ହୋଇଥିଲେ ।
- ୧୯୮୬ ଡିସେମ୍ବର ୧୩ରେ ଭାରତୀୟ ସିନେ ଜଗତର ପ୍ରତିଭାବାନ୍ ଅଭିନେତ୍ରୀ ସ୍ମିତା ପାଟିଲଙ୍କର ନିଧନ ହୋଇଥିଲା ।
- ୧୯୨୪ ଡିସେମ୍ବର ୧୪ରେ ଭାରତୀୟ ସିନେ ଜଗତର 'ଶୋ' ମ୍ୟାନ୍ ରାଜକପୁର ଜନ୍ମ ହୋଇଥିଲେ ।
- ୧୯୫୦ ଡିସେମ୍ବର ୧୫ରେ 'ଆଇରନ ମ୍ୟାନ୍' ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କର ମୃତ୍ୟୁ ହୋଇଥିଲା ।

## କହିପାରିବେ କି ?

୧) 'ଜନ୍ତର ମନ୍ତର' ଭାରତର କେଉଁ ସହରରେ ରହିଛି ?
(୨) ଲୌହଗଡ଼ ଜିଲ୍ଲା କିଏ ନିର୍ମାଣ କରିଥିଲେ ?
(୩) ବର୍ତ୍ତମାନ ଭାରତରେ କେତୋଟି ଜାତୀୟ ଉଦ୍ୟାନ ରହିଛି ?
(୪) ଭାରତରେ ସର୍ବ ପ୍ରଥମେ ଜନତା କର୍ଫ୍ୟୁ କେବେ ଲଗାଯାଇଥିଲା ?
(୫) ବିଶ୍ୱ ଖାଦ୍ୟ ଦିବସ କେବେ ପାଳନ କରାଯାଏ ?
(୬) ନନ୍ଦବଂଶର ଶେଷ ସମ୍ରାଟ କିଏ ଥିଲେ ?
(୭) ରାଷ୍ଟ୍ରପତି ତାଙ୍କର ଇସ୍ତଫା ପତ୍ର କାହାକୁ ଦିଅନ୍ତି ?
(୮) ଇ-ଗଭର୍ଣ୍ଣାନ୍ସ ଉପରେ ୨୪ ତମ ରାଷ୍ଟ୍ରୀୟ ସମ୍ମିଳନୀର ଆୟୋଜନ କେଉଁଠାରେ ହୋଇଥିଲା ?
(୯) ପ୍ରତାପ ସିଂହ ରାଣେଙ୍କୁ କେଉଁ ରାଜ୍ୟ ସରକାରଙ୍କ ଦ୍ୱାରା ଆଜୀବନ କ୍ୟାବିନେଟ୍ ମନ୍ତ୍ରୀ ପାହ୍ୟା ଦିଆଗଲା ?
(୧୦) ସଂଜ୍ଞା ଓ ଛାୟା କାହାର ପତ୍ନୀ ଥିଲେ ?

### JUMBLE WORDS

| | | | |
|---|---|---|---|
| 1) MLEUP | = | 6) ILFYL | = |
| 2) FAXIF | = | 7) COILAS | = |
| 3) VILRED | = | 8) DOEUXS | = |
| 4) GLUTLE | = | 9) NPDEV | = |
| 5) ESYED | = | 10) CUONE | = |

ଏହି ସମସ୍ତ ପ୍ରଶ୍ନର ଉତ୍ତର ସଂପାଦକ, "ସ୍ୱୀକାର", ଲେବର କଲୋନୀ ମୁଦିପଡ଼ା, ସମ୍ବଲପୁରଙ୍କ ଠିକଣାରେ ପଠାଇବାକୁ ଅନୁରୋଧ । ସମସ୍ତଙ୍କ ଜାଣିବା ପାଇଁ ସମସ୍ତ ପ୍ରଶ୍ନର ଉତ୍ତର ଆସନ୍ତା ସଂଖ୍ୟାରେ ଦିଆଯିବ ।

**ଗତ ସଂଖ୍ୟାର କହିପାରିବେ କି ?** ର ଉତ୍ତର :-

୧.ଚଣ୍ଡିଗଡ଼ ବିଶ୍ୱବିଦ୍ୟାଳୟ, ୨.ହିମାଚଳ ପ୍ରଦେଶ, ୩. ୨୨ ମେ', ୪.ଜୟପୁର, ୫. ଜୟଚନ୍ଦ୍ର, ୬. ୧୯୨୬, ୭. ହକି, ୮. ଭିରଲ ସୁଧୀରଭାଇ ଦେଶାଇ, ୯. କୁଲଦୀପ ନାୟାର୍, ୧୦. ଚୀନ୍ ।

***Jumble Words*** ର ଉତ୍ତର :-

(1)HIGHER (2) CAVORT (3) DEPTH (4) INPUT (5) PIGEON (6) SEESAW (7) GRAND (8) SNARL (9) DIVERT (10) ABACUS

# ପ୍ରତିଦିନ ନୂଆ ଜନ୍ମ, ପ୍ରତି ରାତି ନୂଆ ମୃତ୍ୟୁ

ମୃତ୍ୟୁ ଜୀବନର ପରମ ସତ୍ୟ ଓ ସବୁଠାରୁ ବଡ଼ ଭୟ ମଧ, କିନ୍ତୁ ସାଧାରଣତଃ ମୃତ୍ୟୁ ବିଷୟରେ କେହି ଅଧିକ ଚିନ୍ତା କରନ୍ତି ନାହିଁ । ଯେତେବେଳେ ନିଜର କୌଣସି ପ୍ରିୟଜନ ମୃତ୍ୟୁ ପ୍ରାପ୍ତ ହୁଅନ୍ତି ବା ନିଜର କୌଣସି ରୂପେ ମୃତ୍ୟୁ ସହିତ ସାକ୍ଷାତ୍କାର ହୋଇଯାଏ ତ ଏହି ବିଷମ କ୍ଷଣରେ ଆମେ ମୃତ୍ୟୁ ଉପରେ ଗମ୍ଭୀର ବିଚାର ପାଇଁ ବିବଶ ହୋଇଯାଉ ।

କରୋନା କାଳରେ ଆମେ ସବୁ ଚାରିଆଡ଼େ ମୃତ୍ୟୁର ତାଣ୍ଡବର ସାକ୍ଷୀ ରହିଛୁ । ପ୍ରତିଦିନ ଅସଂଖ୍ୟ, ହଜାର ହଜାର ସଂଖ୍ୟକ ଲୋକ ମରିବାର ଖବର ଆସିଲା ଓ ଧୀରେ ଧୀରେ ଏହା ସମାଚାରର ସାଧାରଣ ଅଂଶ ପ୍ରତୀତ ହେବାରେ ଲାଗିଲା, କିନ୍ତୁ ଯେତେବେଳେ ନିଜର କୌଣସି ନିକଟ ସମ୍ପର୍କୀୟ, ପ୍ରିୟଜନଙ୍କର ବିଚ୍ଛେଦ ହୋଇଗଲା ତ ଜୀବନ ଗଭୀର ଦୁଃଖ, ଶୋକ ଓ ବେଦନାରେ ସନ୍ତପ୍ତ ହୋଇ ଉଠିଲା ଏବଂ ଆମେ ମୃତ୍ୟୁର ସତ୍ୟ ବିଷୟରେ ଚିନ୍ତା କରିବା ପାଇଁ ବାଧ ହେଲେ ।

ଏହି ସମୟରେ ଥରେ ତ ଈଶ୍ୱରଙ୍କ ବିଧାନ ଉପରେ ପ୍ରଶ୍ନ ଉଠିଲା ଯେ ସେ ଏତେ କ୍ରୁର କିପରି ହୋଇ ପାରନ୍ତି । ଏହି ମହାମାରୀ କାରଣରୁ ଅସଂଖ୍ୟ ଲୋକ କାଳର କବଳିତ ହୋଇଗଲେ, କିନ୍ତୁ ମୃତ୍ୟୁ ଉପରେ କାହାର ବା ବଶ ରହିଛି । ଶେଷରେ ମୃତ୍ୟୁର ଅଟଳ ବିଧାନକୁ ଏପରି ସ୍ୱୀକାର କରିବାକୁ ହିଁ ପଡ଼େ, ଯେପରି ଦିନ ପରେ ରାତିର ନିତ୍ୟକ୍ରମ । ମୃତ୍ୟୁ ଜୀବନର ଏକ ଅକାଟ୍ୟ, କିନ୍ତୁ କଟୁ ସତ୍ୟ ।

ଯିଏ ବି ଏହି ମୃତ୍ୟୁଲୋକକୁ ଆସିଛି, ଦିନେ ତାକୁ ଏହା ଛାଡ଼ି ଚାଲିଯିବାକୁ ବାଧ ହୋଇଛି । ସେ ଗରିବ ହେଉ କି ଧନୀ, ସାଧାରଣ ବ୍ୟକ୍ତି ହେଉ ବା ମହାପୁରୁଷ । ଭଗବାନ ରାମ, ଶ୍ରୀକୃଷ୍ଣ, ବୁଦ୍ଧଙ୍କ ଭଳି ଅବତାରୀ ସତ୍ତାମାନେ ମଧ ଏ ଧରାକୁ ଆସିଲେ ଓ ଚାଲିଗଲେ । ଏଠାରେ ସମସ୍ତଙ୍କର ଏକ ସୀମିତ, କିନ୍ତୁ ଏକ ନିଶ୍ଚିତ ଭୂମିକା ରହିଥାଏ । କିଛି ଲୋକ ଏହାକୁ ବୁଝି ପାରନ୍ତି, ଅଧିକାଂଶ ଏହାକୁ ବୁଝିବା ବିନା ହିଁ ଏଠାରୁ ବିଦା ହୋଇଯାନ୍ତି ।

ଏକ ସାର୍ଥକ ଓ ସୁଖୀ ଜୀବନ ସକାଶେ ମୃତ୍ୟୁର ଏହି ପ୍ରହେଳୀ ଉପରେ ବିଚାର ଅଭୀଷ୍ଟ ହୋଇଯାଏ । ବିଜ୍ଞଜନଙ୍କ ମତରେ ଜୀବନକୁ ସଠିକ ଢ଼ଙ୍ଗରେ ଯାପନ କରି ମୃତ୍ୟୁ ରୂପୀ ଭୟର ସାମନା ଉତ୍ତମ ରୂପେ କରାଯାଇ ପାରେ, ବରଂ ଏକ ଉତ୍ସବ ରୂପେ ଏହାକୁ ଆଲିଙ୍ଗନ କରି ଜୀବନର ମହାଯାତ୍ରାରେ ଆଗକୁ ବଢ଼ିବାର ସୁଯୋଗ ସୃଷ୍ଟି କରାଯାଇପାରେ ।

ପ୍ରତିଦିନ ମୃତ୍ୟୁଲୋକର ଏହି ଛକକୁ କେତେ ଲୋକ ଆସନ୍ତି ଓ ଯାଆନ୍ତି । ଏମାନଙ୍କୁ ଆମେ କେତେ କୌତୁକପୂର୍ଣ୍ଣ ଦୃଷ୍ଟିରେ ଦେଖୁଥାଉ । ଲୋକ ବା ବାହନଗୁଡ଼ିକର ଯାତାୟାତର ଏହି କ୍ରମକୁ କେଉଁଠି କେହି ଖରାପ ଭାବନ୍ତି ନାହିଁ, ଦୁଃଖୀ ହୁଅନ୍ତି ନାହିଁ, ବରଂ ଏହାକୁ ମଜାରେ ଦେଖନ୍ତି, ଏହାର ଆନନ୍ଦ ନିଅନ୍ତି ଏବଂ ନିଜେ ମଧ କିଛି କ୍ଷଣ ଏହାର ଅଂଶ ହୋଇ ନିଜର ଗନ୍ତବ୍ୟ ସ୍ଥଳ ଦିଗରେ ବଢ଼ିଯାନ୍ତି । ଏହି ଧରିତ୍ରୀର, ମୃତ୍ୟୁଲୋକର ଛକ ଦେଇ ଆତଯାତ କରୁଥିବା ପ୍ରତ୍ୟେକ ବ୍ୟକ୍ତିର ଆବାଗମନର କ୍ରମ କେବେଠାରୁ ଚାଲି ଆସୁଛି ଜଣା ନାହିଁ ।

ଗୋଟିଏ ସରାଇ ଭଳି ଏହି ମୃତ୍ୟୁଲୋକରେ ଆମେ ବାସ କରୁ ଏବଂ ସମୟ ହୋଇଗଲେ ଏହାକୁ ଛାଡ଼ି ନିଜର ପରବର୍ତ୍ତୀ ଗନ୍ତବ୍ୟ ଦିଗରେ ଚାଲିଯାଉ । ଜୀବନର ଏହି ଯାତ୍ରାକୁ ଏକ ରେଳଯାତ୍ରା ପରି ମାନି ପାରନ୍ତି । ଯେଉଁଥିରେ ସମସ୍ତେ ନିଜ ନିଜର ଷ୍ଟେସନ ଆସିଲେ ଓହ୍ଲାଇ ଥାଆନ୍ତି । ସରାଇ ବା ରେଳର ସହଯାତ୍ରୀମାନଙ୍କ ସହିତ ଆମେ ଅନାବଶ୍ୟକ ସମ୍ବନ୍ଧ ବା ମୋହ–ଆସକ୍ତି ବାନ୍ଧି ନ ଥାଉ, କିମ୍ବା ଏହାର ଡବା ବା ସିଟ୍ ଉପରେ ନିଜର ଅଧିକାର ଜାହିର କରି କୌଣସି ଲଢ଼େଇ ଝଗଡ଼ା ବା ମୋକଦ୍ଦମାରେ ଫସି ନ ଥାଉ ।

ଏହିପରି ଜୀବନ ରୂପୀ ସରାଇ ବା ରେଳଯାତ୍ରା ସହିତ ମଧ ଅନାସକ୍ତ ଭାବରେ ରହି ଜୀବନ ଯାପନ କରାଯାଇପାରେ । ଜୀବନର ଏହି ସତ୍ୟ ସହିତ ଆମେ ଯେତେ ଓତପ୍ରୋତ ହୋଇଯିବା, ସେତେ ଉତ୍ତମ ହେବ । ଧରିତ୍ରୀ ଉପରେ ଆମର ଅଳ୍ପ ସମୟର ଅବଧି କିଛି ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟ ପାଇଁ ମିଳିଛି । ଏହି ଉଦ୍ଦେଶ୍ୟକୁ ଚିହ୍ନିବା ଓ ଏହାକୁ ପ୍ରାପ୍ତ ହେବା ପାଇଁ ସଚେଷ୍ଟ ପ୍ରୟାସ କରିବା ଆମର ପ୍ରଥମ କର୍ତ୍ତବ୍ୟ ।

ଯେଉଁ ମାନବ ଜୀବନରେ ପରମେଶ୍ୱର ନିଜର ସମସ୍ତ ସମ୍ଭାବନା ଭରି ପଠାଇଛନ୍ତି, ସେହି ସମ୍ଭାବନାଗୁଡ଼ିକୁ ସାକାର କରିବାର ପ୍ରୟାସରେ ଲାଗି ପଡ଼ିବାକୁ ହେବ । ତନୁ-ମନ ଓ ଅନ୍ତରାତ୍ମା ଭଳି ଈଶ୍ୱର ପ୍ରଦତ୍ତ ସମ୍ବଳଗୁଡ଼ିକର ଶ୍ରେଷ୍ଠତମ ଉପଯୋଗ କରି ନିଜର ସମ୍ଭାବନାଗୁଡ଼ିକୁ ସାକାର କରିବାକୁ ହେବ ଏବଂ ଏହା ସହିତ ନିଜର ପାରିବାରିକ-ସାମାଜିକ ଦାୟିତ୍ୱ-କର୍ତ୍ତବ୍ୟଗୁଡ଼ିକୁ ପୂରଣ କରି ଶେଷରେ ଆତ୍ମଜ୍ଞାନରୁ ନେଇ ମୁକ୍ତି, ମୋକ୍ଷ, ନିର୍ମାଣ, ସମାଧି ଆଦିର ବ୍ରାହ୍ମୀସ୍ଥିତିକୁ ପ୍ରାପ୍ତ ହୋଇ ଜୀବନର ମହାଯାତ୍ରାରେ ଆଗକୁ ବଢ଼ିବାକୁ ହେବ ।

ଅଧିକାଂଶ ଏହି ଜୀବନ ରୂପୀ ସରାଇ, ଛକ ବା ରେଳଯାତ୍ରା ପ୍ରତି ଅନାବଶ୍ୟକ ମୋହ-ମମତା ପାଳି ନିଜର ମୂଳ ଉଦ୍ଦେଶ୍ୟରୁ ଭ୍ରମିତ ହୋଇଯାନ୍ତି । ନିଜ ଗନ୍ତବ୍ୟର ବୋଧ ସେମାନଙ୍କର ରହେ ନାହିଁ ଏବଂ ସଂକୀର୍ଣ୍ଣ ସ୍ୱାର୍ଥ, କ୍ଷୁଦ୍ର ଅହଂକାର ବା ବାସନା-ତୃଷ୍ଣାର ବନ୍ଧନରେ ବାନ୍ଧି ହୋଇ ପାପର ଗଣ୍ଠିଲି ବୋହିଥାନ୍ତି ତଥା ଯେତେବେଳେ ବିଦାୟୀର ସମୟ ଆସେ ତ ଭାରୀ ବୋଝ ଭଳି ସଂସାରରୁ ବିଦା ହୋଇଥାନ୍ତି ।

ଏଭଳି ସ୍ଥିତିରେ ସେମାନଙ୍କର ପୂରା ଜୀବନ ଯେମିତି ଏକ ସଂକଟ ପୁରି ପ୍ରତୀତ ହୋଇଥାଏ ଏବଂ ଶରୀର ଛାଡ଼ିବା ସମୟରେ ମୃତ୍ୟୁ ଉପସ୍ଥିତ ହେଲେ ଭାରୀ ପଶ୍ଚାତ୍ତାପ ସହିତ ଗଭୀର ବେଦନା ଓ ଦୁଃଖ-ସନ୍ତାପ ସହିତ ବ୍ୟକ୍ତିକୁ କାନ୍ଦିବାର ଦେଖାଯାଏ । ଏହି ସ୍ଥିତି ଅନାବଶ୍ୟକ ମୋହ ପାଳିଥିବା ବ୍ୟକ୍ତିର ସ୍ୱଜନଙ୍କ ବିୟୋଗ–ବିଚ୍ଛେଦରେ ହୋଇଥାଏ ।

ମୃତ୍ୟୁ ଯୋଗୁଁ ଏହି ଭୟ-ସନ୍ତାପର ମୁଖ୍ୟ କାରଣ ଅଜ୍ଞାନ ଅଟେ, ଏହା ଫଳରେ ଶରୀର ଓ ନଶ୍ୱର ଜୀବନ ସହିତ ମୋହ–ଆସକ୍ତି ଯୋଡ଼ି ହୋଇଯାଏ । ଏହି କାରଣରୁ ମୃତ୍ୟୁ ଆସିଲେ ସବୁ କିଛି ଚାଲିଯିବା ବା ବିଚ୍ଛିନ୍ନ ହୋଇଯିବାର କଳ୍ପନା ମାତ୍ରେ ଶିହରଣ ଉତ୍ପନ୍ନ ହୋଇଥାଏ । ସ୍ୱଜନଙ୍କ ବିୟୋଗର କଳ୍ପନା ଦୁଃଖର ପାହାଡ଼ ଖସାଇ ଦିଏ । କିଛି କ୍ଷଣ ପାଇଁ ଶୋକର ସ୍ଥିତି ଆସିବା ତ ସ୍ୱାଭାବିକ, ଯାହା ଉପରେ ବିବେକବାନ୍ ବ୍ୟକ୍ତି ନିଜର ପୂର୍ବ ପ୍ରସ୍ତୁତି ଏବଂ ବୁଝିବା ଶକ୍ତି ଆଧାରରେ ନିୟନ୍ତ୍ରଣ ପ୍ରାପ୍ତ କରି ନିଅନ୍ତୁ ଓ ଜୀବନକୁ ସାଧାରଣ ସନ୍ତୁଳିତ ଢଙ୍ଗରେ ଯାପନ କରନ୍ତି, କିନ୍ତୁ ମୋହଗ୍ରସ୍ତ ବ୍ୟକ୍ତି ଅନାବଶ୍ୟକ ଭୟ, ଚାପ ଓ ଭୀଷଣ ସନ୍ତାପକୁ ଅତିକ୍ରମ କରିବା ପାଇଁ ବିବଶ ହୋଇଥାନ୍ତି । ତେଣୁକରି ନିଜ କର୍ତ୍ତବ୍ୟ କର୍ମର ପାଳନ କରନ୍ତୁ ଏବଂ କାହାରି ପ୍ରତି ଅନାବଶ୍ୟକ ମୋହ ପାଳନ୍ତୁ ନାହିଁ ।

ଏହା ସହିତ ମରଣକୁ ସର୍ବଦା ସ୍ମରଣ ରଖନ୍ତୁ । ଏହା ଜୀବନର ମହାଯାତ୍ରାର ଏକ ପ୍ରମୁଖ ପର୍ଯ୍ୟାୟ, ଯାହାର ପ୍ରସ୍ତୁତି ସମୟ ଥାଉ ଥାଉ କରିନେବା ଉଚିତ । ନିଜ ଦେହର ତ୍ୟାଗ ଏବଂ ସ୍ୱଜନଙ୍କ ବିଚ୍ଛେଦ, ଉଭୟ ଏହି ନଶ୍ୱର ଜୀବନର ଅକାଟ୍ୟ ବିଧାନ । ଜୀବନର ଆଦି ଆଧାର ଓ ଅନ୍ତିମ ଗନ୍ତବ୍ୟ ପରମପିତା ପରମାତ୍ମାଙ୍କୁ ସ୍ମରଣ କରି ଆତ୍ମଭାବରେ ବଞ୍ଚିବାର ଅଭ୍ୟାସ କରିବା ହିଁ ଏହାର ଏକମାତ୍ର ସ୍ଥାୟୀ ସମାଧାନ । ମୃତ୍ୟୁ ତ ଏହି ଜୀର୍ଣ୍ଣଶୀର୍ଣ୍ଣ ଶରୀର ରୂପୀ ପୋଷକ ପାଇଁ ଏକ ବରଦାନ ଭଳି, ଜୀବନର ଦୀର୍ଘ ଓ କ୍ଲାନ୍ତ ପାଳି ପରେ ଏକ ବିଶ୍ରାନ୍ତ କାଳ ଭଳି, ଯାହା ପରେ ଜୀବାତ୍ମା ସତେଜ ହୋଇ ଜୀବନର ନୂଆ ପାଳି ପ୍ରାରମ୍ଭ କରିଥାଏ ।

ମୃତ୍ୟୁ ଆମକୁ ସର୍ବଦା ଏହି ନଶ୍ୱର ଜୀବନର ଶାଶ୍ୱତ ଆଧାରକୁ ବୁଝିବା, ବଞ୍ଚିବା ଓ ସ୍ୱୀକାର କରିବାର ପ୍ରେରଣା ଦେଇଥାଏ, ମହାକାଳ-ମହାକାଳୀଙ୍କୁ ନିଜର ଇଷ୍ଟ-ଆରାଧ ରୂପେ ବରଣ କରିବାର ବଳିଷ୍ଠ ଆଧାର ଦେଇଥାଏ, ଯଦ୍ୱାରା ଆମକୁ ନିଜର ପରମ ଗନ୍ତବ୍ୟ ସତତ ସ୍ମରଣ ରହିବ । ପ୍ରତିଦିନ ନୂଆ ଜନ୍ମ, ପ୍ରତି ରାତି ନୂଆ ମୃତ୍ୟୁର ଅଭ୍ୟାସ ଖଟ ଉପରେ ପଡ଼ି ରହି ନିତ୍ୟ ପ୍ରାତଃ କାଳ ଓ ରାତ୍ରିରେ କରାଯାଇପାରେ ।

ପ୍ରାତଃ ଆତ୍ମବୋଧ ସହିତ ଦିନ ଯାକର ସକ୍ରିୟ ଦିନଚର୍ଯ୍ୟାର ନିର୍ଦ୍ଧାରଣ ଏବଂ ରାତ୍ରି ସମୟରେ ଏହାର ଲେଖାଯୋଖା କରି ଶୋଇବା ପୂର୍ବରୁ ତତ୍ତ୍ୱବୋଧର ଅଭ୍ୟାସ । ସବୁ କାମରୁ ନିବୃତ୍ତ ହୋଇ ଯେବେ ନିଦ୍ରା ଦେବୀଙ୍କ କୋଳକୁ ଯିବାର ସମୟ ଆସିବ, ତ କଳ୍ପନା କରିବା ଉଚିତ ଯେ ଏକ ସୁନ୍ଦର ନାଟକର ପଟାକ୍ଷେପ ହେଲା । ଆମର ସର୍ବଦା ଧ୍ୟାନ ରହିବା ଉଚିତ ଯେ ଏ ସଂସାର ଏକ ନାଟ୍ୟଶାଳା ମାତ୍ର । ଆଜିର ଦିନଟି ନିଜକୁ ଅଭିନୟ କରିବା ପାଇଁ ମିଳିଥିଲା, ତେଣୁ ତାହାକୁ ଉତ୍ତମ ରୂପେ ନିର୍ବାହ କରିବା ହେତୁ ସଚ୍ଚୋଟତା ପୂର୍ବକ ପ୍ରଯତ୍ନ୍ କଲି । ଯାହା ଭୁଲ ରହିଗଲା, ତାହାକୁ ମନେ ରଖିବି ଏବଂ ପରବର୍ତ୍ତୀ ଦିନ ତାହାର ପୁନରାବୃତ୍ତି ନ ହେବା ପାଇଁ ଅଧିକ ସାବଧାନତା ଅବଲମ୍ବନ କରିବି ।

ଅନେକ ବସ୍ତୁ ଏହି ଅଭିନୟରେ ପ୍ରୟୋଗ କରିବାକୁ ମିଳିଲା, ଅନେକ ସାଥୀଙ୍କ ସାହଚର୍ଯ୍ୟ ମିଳିଲା । ସେମାନଙ୍କ ସାନ୍ନିଧ ଓ ଉପଯୋଗ ଯେତିକି ଆବଶ୍ୟକ ଥିଲା କରାଗଲା, ଏବେ ଯଥା ସମୟରେ ସେ ସବୁକୁ ଛାଡ଼ି ପୂର୍ଣ୍ଣ ଶାନ୍ତିର ସହିତ ମୋର ଆଶ୍ରୟଦାତ୍ରୀ ମାତା ନିଦ୍ରା-ମୃତ୍ୟୁର କୋଳରେ ନିଶ୍ଚିନ୍ତ ହୋଇ ଶୟନ କରୁଛି । ଏହି ଭାବନା ବୈରାଗ୍ୟର ଅଭ୍ୟାସ ଅଟେ । ଅନାସକ୍ତିର ପ୍ରୟୋଗ ଅଟେ ଉପଲବ୍ଧ ବସ୍ତୁଗୁଡ଼ିକ ମଧ୍ୟରୁ ଗୋଟିଏ ବି ନିଜର ନୁହେଁ, ସାଥୀ ବ୍ୟକ୍ତିମାନଙ୍କ ମଧ୍ୟରୁ ଜଣେ ବି ନିଜର ନୁହେଁ । ସେସବୁ ନିଜର ପରମେଶ୍ୱରଙ୍କର ଓ ନିଜର କର୍ତ୍ତୃତ୍ୱର ଉତ୍ପାଦନ । ଆମର କାହା ଉପରେ ଅଧିକାର କି ସ୍ୱାମିତ୍ୱ ନାହିଁ ।

ପ୍ରତ୍ୟେକ ପଦାର୍ଥ ଓ ପ୍ରତ୍ୟେକ ପ୍ରାଣୀ ସହିତ କର୍ତ୍ତବ୍ୟ ବୁଦ୍ଧିରେ ଠିକ୍ ପ୍ରକାର ବ୍ୟବହାର କରାଯାଉ, ଏହା ନିଜ ପାଇଁ ଉଚିତ । ସେମାନଙ୍କ ସହିତ ମୋହ-ମମତାର ବନ୍ଧନ ବାନ୍ଧିବା, ସ୍ୱାମିତ୍ୱ ଓ ଅଧିକାରର ଅହଂକାର ଯୋଡ଼ିବା ନିରର୍ଥକ । ଏଇ ଶରୀର ବି ନିଜର ନୁହେଁ, କାଲି-ପରଦିନ ଏହା ଧୂଳି ହୋଇ ଉଡ଼ିଯିବ । ତାହେଲେ ଯେଉଁ ସମ୍ପଦ, ପ୍ରୟୋଗ ସାମଗ୍ରୀ, ପଦ, ପରିସ୍ଥିତି ଉପଲବ୍ଧ, ସେ ଉପରେ ନିଜର ସ୍ୱାମିତ୍ୱ ଜାହିର କରିବା କି ଦରକାର ।

ଏଗୁଡ଼ିକ ସହିତ ଅନାବଶ୍ୟକ ମମତା ଯୋଡ଼ି ଏପରି କିଛି କରା ନ ଯାଉ, ଯଦ୍ୱାରା ଅନୁଚିତ ପାପକର୍ମରେ ସଂଲଗ୍ନ ହେବାକୁ ପଡ଼ିବ । ଏହି ବିବେକ ଆମେ ରାତିରେ ଶୋଇବା ସମୟରେ ଜାଗ୍ରତ କରିବା ଉଚିତ ଏବଂ ଅନୁଭବ କରିବା ଦରକାର ଯେ ଅହଂକାର ଓ ମମତାର ବନ୍ଧନ ଭାଙ୍ଗି ଏକାତ୍ମଭାବରେ ଭଗବାନଙ୍କ ମଙ୍ଗଳ କୋଳ ନିଦ୍ରାମୃତ୍ୟୁରେ ପରମ ଶାନ୍ତି ଓ ସନ୍ତୋଷପୂର୍ବକ ନିମଗ୍ନ ହେଉଛି । ଏ ପ୍ରକାର ମନୋଭୂମିର ବିକାଶ ହେବା ଦ୍ୱାରା ଜୀବନର ଅନେକ କ୍ଷେତ୍ରରେ ପ୍ରଗତିର ସମ୍ଭାବନା ରହିଥାଏ । ଏ ପ୍ରକାର ଭାବନା ଲାଗି ରହିଲେ ମନୁଷ୍ୟ ମାୟା-ମୋହର ହାନିକାରକ ବନ୍ଧନଗୁଡ଼ିକ ମଧରୁ ଅଧିକାଂଶରୁ ବିମୁକ୍ତ ରହିଥାଏ ଏବଂ ଆୟୋଦ୍ଧାରର ବାସ୍ତବିକ ଲକ୍ଷ୍ୟ ତା' ଦୃଷ୍ଟିରୁ ଅଦୃଶ୍ୟ ହୋଇପାରେ ନାହିଁ ।

ଏହିପରି ଯେଉଁ ସାଧକ ଜୀବନର ବାସ୍ତବିକ ଲକ୍ଷ୍ୟକୁ ହସ୍ତଗତ କରିନିଏ, ତାକୁ ପୁଣି ବ୍ୟର୍ଥ ଜଞ୍ଜାଳରେ ଫସିବାକୁ ପଡ଼େ ନାହିଁ ଏବଂ ଯଦି କୌଣସି ଦିନ ସତରେ ମୃତ୍ୟୁ ଆସିଯାଏ ତ ଏହି ପରିପକ୍ୱ ବୈରାଗ୍ୟ ଭାବନାର ଆଧାରରେ ବିନା ଭୟ ଓ ଉଦ୍‌ବେଗରେ ଶାନ୍ତିପୂର୍ବକ ବିଦା ହୋଇ ମରଣୋତ୍ତର ଜୀବନରେ ଶାନ୍ତିର ଅଧିକାରୀ ହୋଇ ପାରେ ।

## ଉପକାରୀ ଘି- କୁଆଁରୀ

ଆଜିକାଲି ବାୟୁମଣ୍ଡଳ ପ୍ରଦୂଷଣକୁ ରୋକିବା ନିମନ୍ତେ ବଜାରରେ ଏୟାର ପ୍ୟୁରିଫାୟାର ବିକ୍ରି ଜୋରସୋରରେ ବଢ଼ିବାରେ ଲାଗିଛି । ବିଦେଶୀ ରାଷ୍ଟ୍ର ବେଜିଂ, କାନାଡା, ଲଣ୍ଡନରେ ଏହି ପ୍ୟୁରିଫାୟାର୍ ବହୁଳ ସଂଖ୍ୟାରେ ବିକ୍ରି ହେଉଛି । ଆଜିକାଲି ମହାନଗରୀ ଦିଲ୍ଲୀ, ମୁମ୍ବଇରେ ମଧ ଏହି ଯନ୍ତ୍ରଟି ଧନି ଲୋକେ ବ୍ୟବହାର କଲେଣି । ବିଶେଷଜ୍ଞ ଦଳଙ୍କ ମତରେ ଲୋକେ ଯଦି ପ୍ରାକୃତିକ ଜୀବନଶୈଳୀ ପ୍ରତି ସାମାନ୍ୟ ଗୁରୁତ୍ୱ ହେବେ, ଏଇ ଅତ୍ୟାଧୁନିକ ଉପକରଣ ଆବଶ୍ୟକତା ଦରକାର ପଡ଼ିବ ନାହିଁ । ନ୍ୟୁୟର୍କର ଗବେଷକ ଇନେମ୍ ଷ୍ଟେଲ କହିଛନ୍ତି ନିଜ ବଗିଚାରେ ବାଲକୋନିରେ ଯଦି ଔଷଧୀୟ ଚାରାରୋପଣ କରିବେ, ଦିନ କେଇଟାରେ ଆପଣଙ୍କ ଘରୁ ବିଷାକ୍ତ ଗ୍ୟାସ୍ ବାହାରିଯିବ । ଏହିଭଳି ଏକ ମହୌଷଧି ଗଛ ହେଉଛି ଘି କୁଆଁରୀ । ଏୟାର ପ୍ୟୁରିଫାୟର ଠାରୁ ଅଧିକ ଉପଯୋଗୀ ବୋଲି ଗବେଷଣାରୁ ଜଣାପଡ଼ିଛି । ଏସୀୟ ରାଷ୍ଟ୍ରର ଜଳବାୟୁରେ ଭଲଭାବେ ବଢ଼ିପାରୁଥିବା ଘି- କୁଆଁରୀ ଗଛ ବାଲକୋନିରେ ରଖିବା ଖୁବ୍ ଲାଭପ୍ରଦ ।

# ଶିରିଡ଼ି ସାଇ ମାଙ୍ଗଲ୍ୟ କ୍ଷେତ୍ର ସୋନପୁରର ଉଲ୍ଲେଖନୀୟ ସେବାକାର୍ଯ୍ୟ

ସମ୍ବଲପୁର: ଆଜକୁ ୬ ବର୍ଷ ହେଲା ସୋନପୁର ଠାରେ ଜନ୍ମ ନେଇଥିବା ଶ୍ରୀ ଶିରିଡ଼ି ସାଇ ମାଙ୍ଗଲ୍ୟ କ୍ଷେତ୍ର ତାର କଲ୍ୟାଣକାରୀ କାର୍ଯ୍ୟକ୍ରମ ଏବଂ ଓଡ଼ିଶାର ସନ୍ତାନ ବିଶ୍ୱର ଆଲୋକ ଗୁରୁଜୀ ଚନ୍ଦ୍ରଭାନୁ ଶତପଥୀଙ୍କ ଲିଖିତ ଗ୍ରନ୍ଥ 'ଗୁରୁ ଭାଗବତ'କୁ ସମଗ୍ର ପଶ୍ଚିମ ଓଡ଼ିଶାରେ ପରିପ୍ରସାର କରିବା ପାଇଁ ବ୍ୟାପକ ପଦକ୍ଷେପ ନେବା ସହ ସାଇତତ୍ତ୍ୱ ଉପରେ ଜନଚେତନା ଜାଗ୍ରତ କରି ଜନମାନସରେ ପ୍ରଶଂସିତ ହେବାରେ ଲାଗିଛି । ଏହି ଗୁରୁ ଭାଗବତର ପ୍ରତିଟି ଖଣ୍ଡର ମହିମା ଏତେ ପ୍ରଖର ଯେ ସୁଧୀ ଭକ୍ତିଜନ ଏହା ଶ୍ରବଣ ମାତ୍ରକେ ଭକ୍ତି ବର୍ଷାରେ ଭିଜି ଯାଉଛନ୍ତି । ପଶ୍ଚିମ ଓଡ଼ିଶାରେ ଥିବା ସାଇ ମନ୍ଦିର ମାନଙ୍କରେ ଅଖଣ୍ଡ ପାରାୟଣ ମଧ ହେଉଛି ।

ସଂପୂର୍ଣ୍ଣ ଗୁରୁତତ୍ତ୍ୱ ଉପରେ ଆଧାରିତ ଏହି 'ଗୁରୁଭାଗବତ' ଏତେ ବିଶାଳ ଆକାରରେ ଓଡ଼ିଆ ଭାଷା କାହିଁକି ଭାରତର କୌଣସି ପ୍ରାନ୍ତୀୟ ଭାଷାରେ ଏ ପର୍ଯ୍ୟନ୍ତ ଲେଖା ଯାଇଥିବାର ନଜିର ନାହିଁ । ଶ୍ରୀ ଗୁରୁଙ୍କ ମହିମା, ବୈଶିଷ୍ଟ୍ୟ, ଗୁରୁଙ୍କର ପ୍ରକାର ଭେଦ, ଗୁରୁ ଶିଷ୍ୟ ସଂପର୍କ, ଗୁରୁସେବାର ମହତ୍ତ୍ୱ ଆଦି ମାନବ ଜୀବନର ଉପାଦେୟ ଅମୂଲ୍ୟ ଏହି ଗୁରୁ ଭାଗବତ । ଏହା ପୁଣି ଜଗନ୍ନାଥ ଦାସ କୃତ ଭାଗବତ ଭଳି ନବାକ୍ଷରୀ ଛନ୍ଦରେ ରଚିତ । ଏହାର ପ୍ରତିଟି ଖଣ୍ଡରେ ବ୍ରହ୍ମ, ବ୍ରହ୍ମାଣ୍ଡ, ଶକ୍ତି ସିଦ୍ଧି ବିଭୂତି, ଯୋଗ ସାଧନା, ଈଶ୍ୱର ପ୍ରାପ୍ତି, ଗୁରୁ ପୂଜା ଧର୍ମ, ମୃତ୍ୟୁ ବିଦ୍ୟା ଆଦି ମହତ୍ତ୍ୱପୂର୍ଣ୍ଣ ବିଷୟ ମାନ ଏଥିରେ ସନ୍ନିହିତ । ଏହା ହିନ୍ଦୀ, ଓଡ଼ିଆ, ଇଂରାଜୀ ଭାଷାରେ ମୁଦ୍ରିତ ହେବା ସହ ଦେଶ ବିଦେଶରେ ପରିପ୍ରସାର ଘଟିଚାଲିଛି ।

ଏହି ଅବସରରେ ସୋନପୁର ଠାରେ ଥିବା ସାମାଜିକ ଅନୁଷ୍ଠାନ ଶ୍ରୀ ଶିରିଡ଼ି ସାଇ ମାଙ୍ଗଲ୍ୟ କ୍ଷେତ୍ର ଗୁରୁଜୀ ତଥା ବିଶିଷ୍ଟ ସାଇଭକ୍ତ ଗୁରୁଜୀ ଚନ୍ଦ୍ରଭାନୁ ଶତପଥୀଙ୍କ ପରାମର୍ଶ କ୍ରମେ ଅନେକ ଯୋଜନା ହାତକୁ ନେଇଛି । ଏହି ଅନୁଷ୍ଠାନର ଟ୍ରଷ୍ଟି ତଥା ବିଶିଷ୍ଟ ସାଇଭକ୍ତ ଚାରୁଦତ୍ତ ମିଶ୍ର ଏହି ଯୋଜନା ସବୁର ନେତୃତ୍ୱ ନେଉଛନ୍ତି । ଗ୍ରାମେ ଗ୍ରାମେ ଗୁରୁ ମହିମା, ସାଇତତ୍ତ୍ୱ ବିକଶିତ ହେଉଛି ।

ଏହି ସାମାଜିକ ଅନୁଷ୍ଠାନ ସୋନପୁର ଖଲିଆପାଲି ଠାରେ ଥିବା ସନ୍ଥ କବି ଭୀମ ଭୋଇ ସମାଧୀ ପୀଠରେ ଗୁରୁଭାଗବତ ପାରାୟଣ ଆଶ୍ରମରେ ଜାରୀ ରଖିଛନ୍ତି ।

ଅତାବିରା ଅନ୍ତର୍ଗତ କାତିକେଲା, ବରପାଲି, ଭବାନୀପାଟଣା ଭଳି ପଶ୍ଚିମ ସଡ଼ିଶାର ଆଉ ଅନେକ ଜାଗାରେ ଏହି ଟ୍ରଷ୍ଟ ପକ୍ଷରୁ ଭାଗବତ ଟୁଙ୍ଗୀ ନିର୍ମାଣ ସହ ପାରାୟଣର ସୁବ୍ୟବସ୍ଥା କରି ଚାଲିଛି । କାତିକେଲା ଠାରେ ଅର୍ଦ୍ଧ ନିର୍ମିତ ଏକ ସାଇ ମୂର୍ତ୍ତି ନିର୍ମାଣର ପୂର୍ଣ୍ଣାଙ୍ଗ ଦାୟିତ୍ୱ ନେଇଛି । ବିଭିନ୍ନ ଜାଗାରେ ଟ୍ରଷ୍ଟ ପକ୍ଷରୁ ଅଧିକରୁ ଅଧିକ ଗୁରୁଭାଗବତ ଟୁଙ୍ଗୀ ନିର୍ମାଣ ପରିକଳ୍ପନା କରି ସେ ଦିଗରେ ଆଗେଇ ଚାଲିଛି । ଝାରସୁଗୁଡ଼ା ସ୍ଥିତ ବୃନ୍ଦାମାଳ ସାଇ ଆଶ୍ରମର ପରିଚାଳନା ଦାୟିତ୍ୱ ନେବା ସହ ଏହି ଜାଗାକୁ ଏକ ଜନପ୍ରିୟ ତୀର୍ଥ କ୍ଷେତ୍ରରେ ରୂପାନ୍ତରିତ କରିବାର ଯୋଜନାରେ ଅଛି । ଗତ ୨୦୧୮ ମସିହାରେ ଏକ ବିରାଟ କାୟ ଶିରିଡ଼ି ସାରଙ୍କ ମୂର୍ତ୍ତିକୁ ରେଙ୍ଗାଲି ରଂପେଲା ନଦୀରୁ ଉଦ୍ଧାର କରି ଟ୍ରଷ୍ଟ ଛତିଶଗଡ଼, ରାୟପୁର ସ୍ଥିତି ସାଇ ଟିକିରା ଗାଁରେ ସ୍ଥାପିତ କରିବା ସହ ଏହି ଜାଗାକୁ ଏକ ତୀର୍ଥ କ୍ଷେତ୍ରରେ ରୂପାୟନ ଦେବାରେ ବିଶେଷ ଭୂମିକା ନେଇଛି । ଏହି ଟ୍ରଷ୍ଟ ଗରୀବ, ଅସହାୟ ଆଦିଙ୍କୁ ଯଥା ସମ୍ଭବ ସାହାଯ୍ୟ ସହଯୋଗ ଯୋଗାଇ ଦେବା ସହ ପ୍ରଶଂସିତ ହେବାରେ ଲାଗିଛି ।

## ନାଟ୍ୟ ନିର୍ଦ୍ଦେଶକ ହରିହର ମିଶ୍ରଙ୍କ ପରଲୋକ



ବରଗଡ଼: ଜଣାଶୁଣା ଅଭିନେତା ତଥା ନିର୍ଦ୍ଦେଶକ ହରିହର ମିଶ୍ରଙ୍କ ପରଲୋକ ହୋଇ ଯାଇଛି । ମୃତ୍ୟୁ ବେଳକୁ ତାଙ୍କୁ ୭୬ ବର୍ଷ ବୟସ ହେଉଥିଲା ।

## ୱାର୍ଲ୍ଡ ବୁକ ଅଫ ରେକର୍ଡରେ ଅଟଳ ଟନେଲ

ନୂଆଦିଲ୍ଲୀ: ୱାର୍ଲ୍ଡ ବୁକ୍ ଅଫ୍ ରେକର୍ଡରେ ଅଟଳ ଟନେଲ ସ୍ଥାନ ପାଇଛି । ସମୁଦ୍ର ପତ୍ତନଠୁ ୧୦ ହଜାର ଫୁଟ ଉଚ୍ଚରେ ଏହା ବିଶ୍ୱର ସର୍ବୋଚ୍ଚ ତଥା ସୁଦୀର୍ଘ ସୁଡଙ୍ଗ ରାଜପଥ ଭାବେ ରେକର୍ଡ କରିଛି । ନୂଆଦିଲ୍ଲୀରେ ଅନୁଷ୍ଠିତ ଉତ୍ସବରେ ବର୍ଡର ରୋଡ ଅନୁଷ୍ଠାନ ମହାନିର୍ଦ୍ଦେଶକ ଲେଫ୍ଟନାଣ୍ଟ ଜେନେରାଲ ରାଜୀବ ଚୌଧୁରୀ ଏହି ରେକର୍ଡ ପ୍ରମାଣପତ୍ର ଗ୍ରହଣ କରିଛନ୍ତି । ହିମାଚଳ ପ୍ରଦେଶର ଲେହ ମନାଲିରେ ଅବସ୍ଥିତ ଏହି ଟନେଲ । ୯.୦୨ କିଲୋମିଟର ଦୀର୍ଘ ସୁଡଙ୍ଗ ପଥ ୨୦୨୦ ଅକ୍ଟୋବର ୩ ରେ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଲୋକାର୍ପିତ ହୋଇଥିଲା । ବର୍ଷକୁ ୬ ମାସ ଏହି ରାଜପଥ ବନ୍ଦ ହୋଇଥାଏ । କିନ୍ତୁ ଏହି ଟନେଲ ନିର୍ମାଣ ଦ୍ୱାରା ମନାଲି ଓ ସାର୍ଚୁ ମଧରେ ୪୬ କିଲୋମିଟର ହ୍ରାସ ପାଇଛି । ଏହି ଟନେଲ ମାଧମରେ ବର୍ଷ ସାରା ଗମନାଗମନ ସୁବିଧା ହୋଇ ପାରିଛି ।

## ବାରକୋଟରେ ପିଏନବିର ନୂତନ ଶାଖା ଉଦ୍‌ଘାଟିତ

ଦେବଗଡ଼ : ଦେବଗଡ଼ ଜିଲ୍ଲାର ବାରକୋଟ ଠାରେ ପଞ୍ଜାବ ନ୍ୟାସନାଲ ବ୍ୟାଙ୍କର ଏକ ନୂତନ ଶାଖା ଉଦ୍‌ଘାଟିତ ହୋଇଛି । ଭୁବନେଶ୍ୱର ଆଞ୍ଚଳିକ ପ୍ରବନ୍ଧକ ସଞ୍ଜୀବ ଭରଦ୍ୱାଜ, ସମ୍ବଲପୁର ମଣ୍ଡଳ ମୁଖ୍ୟ ଅରବିନ୍ଦ ପଣ୍ଡାଙ୍କ ଉପସ୍ଥିତିରେ ଏହି ଶାଖା ଉଦ୍‌ଘାଟନ କରିଥିଲେ । ଶାଖା ଅବସ୍ଥାପିତ ସ୍ଥାନ ଗୁଡିକର ଅଭିବୃଦ୍ଧି ଓ ବିକାଶରେ ରାଷ୍ଟ୍ରାୟ ବ୍ୟାଙ୍କ ଗୁଡିକର ଭୂମିକା ଉପରେ ଆଲୋଚନା କରିଥିଲେ ।

## ଦେବେନ୍ଦ୍ର ମିଶ୍ରଙ୍କ ପରଲୋକ

ଭୁବନେଶ୍ୱର : ଓଡ଼ିଶାର ପ୍ରଥମ ରାଜ୍ୟ ନିର୍ବାଚନ କମିଶନର ଦେବେନ୍ଦ୍ର କୁମାର ମିଶ୍ରଙ୍କ ଭୁବନେଶ୍ୱରରେ ପରଲୋକ ହୋଇଯାଇଛି । ମୃତ୍ୟୁ ବେଳକୁ ତାଙ୍କୁ ୮୫ ବର୍ଷ ବୟସ ହୋଇଥିଲା । ସୋନପୁରର ମୂଳ ବାସିନ୍ଦା ସ୍ୱର୍ଗତ ମିଶ୍ର ରାଜ୍ୟ ସରକାରଙ୍କର ବିଭିନ୍ନ ପଦପଦବୀରେ ଅବସ୍ଥାପିତ ହୋଇ ସଫଳତାର ସହ କାର୍ଯ୍ୟ କରି ଅବସର ଗ୍ରହଣ କରିବା ପରେ ସେ ଭୁବନେଶ୍ୱରରେ ରହୁଥିଲେ । ସୋନପୁରର ମୂଳ ବାସିନ୍ଦା ସ୍ୱର୍ଗତ ମିଶ୍ର ରାଜ୍ୟ ପ୍ରଶାସନରେ ପଶ୍ଚିମ ଓଡ଼ିଶା ସ୍ୱାର୍ଥ ରକ୍ଷା ପାଇଁ ବ୍ୟକ୍ତିଗତ ତଥା ସାମୂହିକ ଭାବରେ ଅନେକ କାର୍ଯ୍ୟ କରିଥିଲେ ।

## ବିଶ୍ୱାତ୍ମା ବିଦ୍ୟାମନ୍ଦିରରେ ଇ ସ୍ମାର୍ଟକ୍ଲାସ ଉଦ୍‌ଘାଟିତ



ବଲାଙ୍ଗିର : ସ୍ଥାନୀୟ ବିଶ୍ୱାତ୍ମ ବିଦ୍ୟା ମନ୍ଦିରରେ ବିଶ୍ୱାତ୍ମ ଚେତନା ପରିଷଦ ଏବଂ ଟ୍ରଷ୍ଟର ପ୍ରତିଷ୍ଠାତା ପରମହଂସ ସ୍ୱାମୀ ଶ୍ରୀ ସତ୍ୟପ୍ରଜ୍ଞାନନ୍ଦ ସରସ୍ୱତୀ ବିଶ୍ୱାତ୍ମ ବିଦ୍ୟା ମନ୍ଦିର ପରିସରରେ ଏକ ନୂତନ ସ୍ମାର୍ଟ କ୍ଲାସ ଉଦଘାଟନ କରିଥିଲେ । ଏହି ଅବସରରେ ସ୍ୱାମୀଜୀଙ୍କ ଦ୍ୱାରା ରଚିତ ପୁସ୍ତକ 'ଆତ୍ମ ବିସ୍ମୃତି ସେ ଆତ୍ମ ପ୍ରକାଶ କି ଔର' (ଦ୍ୱିତୀୟ ଭାଗ) ଉନ୍ମୋଚିତ ହୋଇଥିଲା ।

## ସୁଚେତାରାଣୀ ମହାପାତ୍ରଙ୍କ ସ୍ମୃତିରେ ବିଷ୍ଣୁ ସହସ୍ରନାମାର୍ଚ୍ଚନମ୍





ସମ୍ବଲପୁର : ମାଁ ପ୍ରଜ୍ଞା ମୂର୍ତ୍ତି ରୂପେ ପରିଚିତ ଡାକ୍ତର ସୁଚେତାରାଣୀ ମହାପାତ୍ରଙ୍କ ସ୍ମୃତିରେ ସ୍ଥାନିୟ ଝାଡୁଆପଡ଼ା ସ୍ଥିତ ସମନ୍ୱୟ କୋଠରୀରେ ବିଶ୍ୱାତ୍ମ ଚେତନା ପରିଷଦ ପରିଷଦ ପକ୍ଷରୁ ବିଷ୍ଣୁ ସହସ୍ରନାମାର୍ଚ୍ଚନମ୍ କରାଯାଇଥିଲା । ସ୍ୱାମୀ ସତ୍ୟବେଦାନନ୍ଦ ସରସ୍ୱତୀଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପରମେଶ୍ୱର ଦାଶ, ଇଂ. ସନ୍ତୋଷ ମିଶ୍ର, ଡକ୍ଟର ଶ୍ରୀଲତା ମିଶ୍ର, ମୋହନ ସେଠ୍, ଉମାଚରଣ ପୂଜାରୀ, ସରୋଜ କୁମାର ମହାପାତ୍ର, ନନ୍ଦ କିଶୋର ମିଶ୍ରଙ୍କ ସମେତ ଶ୍ରୀମତୀ ନଳିନୀ ବାବୁଙ୍କ ସମେତ ବିଶ୍ୱାତ୍ମ ବିଦ୍ୟାମନ୍ଦିରର ଶିକ୍ଷୟିତ୍ରୀମାନେ ଅଂଶ ଗ୍ରହଣ କରିଥିଲେ ।

### ଗ୍ରାହକମାନଙ୍କ ପାଇଁ ବିଶେଷ ସୂଚନା

ସାପ୍ତାହିକ 'ସ୍ୱୀକାର' ନେବା ପାଇଁ ଆଗ୍ରହୀ ଗ୍ରାହକମାନେ ତାଙ୍କର ଦେୟ କାନାରା ବ୍ୟାଙ୍କ ସମ୍ବଲପୁର ଶାଖାର ଏକାଉଣ୍ଟ ନମ୍ବର ୦୧୮୫୨୦୧୦୨୧୫୩୮, ଆଇଏଫସି କୋଡ- ସିଏନ୍‌ଆର୍‌ବି ୦୦୦୦୧୮୫ ରେ ଏନଇଏଫଟି, ଆରଟିଜିଏସ୍ ମାଧମରେ ଜମା କରି ପାରିବେ ।

### Subscription Rate of The Sweekar

| | | |
|---|---|---|
| Life Member | - | Rs.5000.00 |
| Annual | - | Rs. 500.00 |
| Half-yearly | - | Rs. 250.00 |
| Quarterly | - | Rs. 120.00 |

### Advertisement Tariff of The Sweekar

| | | |
|---|---|---|
| Full Page | - | Rs. 2,00,000.00 |
| Half Page | - | Rs. 1,00,000.00 |
| Quarter Page | - | Rs. 50,000.00 |
| Colour Advertisement | - | 100% Extra |

# ନୃସିଂହ ଗୁରୁ ସ୍ମୃତି ସମିତିର 'ଆଜାଦୀ କା ଅମୃତ ମହୋତ୍ସବ'









## ଏନ୍.ଏସ୍.ସି.ବି ମହାବିଦ୍ୟାଳୟରେ ଗାନ୍ଧୀବାଦ ଶୀର୍ଷକ ଆଲୋଚନାଚକ୍ର

ସମ୍ବଲପୁର: 'ଆଜାଦୀ କା ଅମୃତ ମହୋତ୍ସବ' ଉପଲକ୍ଷେ ନୃସିଂହ ଗୁରୁ ସ୍ମୃତି ସମିତି ପକ୍ଷରୁ ପାଳନ କରାଯାଉଥିବା ସପ୍ତାହ ବ୍ୟାପୀ କାର୍ଯ୍ୟକ୍ରମ ଅବସରରେ ନେତାଜୀ ସୁବାଷ ଚନ୍ଦ୍ର ବୋଷ ମହାବିଦ୍ୟାଳୟ ଠାରେ 'ଗାନ୍ଧୀବାଦ' ଶୀର୍ଷକ ଏକ ଆଲୋଚନାଚକ୍ର ଆୟୋଜିତ ହୋଇଥିଲା । ମହାବିଦ୍ୟାଳୟର ଅଧକ୍ଷ ଡକ୍ଟର ଶ୍ୟାମ ଭୋଇଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ଆଲୋଚନାଚକ୍ରରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ଆଦିତ୍ୟ ପ୍ରସାଦ ପାଢ଼ୀ ଯୋଗ ଦେଇ କହିଥିଲେ ଯେ, ଜାତିର ଜନକ ମହାତ୍ମା ଗାନ୍ଧୀ ସତ୍ୟର ପୂଜାରୀ ଥିଲେ । ତାଙ୍କର ଉଚ୍ଚାରଣ ଓ ଆଚରଣରେ କୌଣସି ପାର୍ଥକ୍ୟ ନ ଥିଲା । ସରଳ ଜୀବନ ଓ ଉଚ୍ଚ ଚିନ୍ତାଧାରା ହିଁ ତାଙ୍କର ଜୀବନାଦର୍ଶ ଥିଲା । ଗାନ୍ଧିଜୀଙ୍କ ପଟ୍ଟଶିଷ୍ୟ ଭାବେ ନୃସିଂହ ଗୁରୁ ମଧ ତାଙ୍କ ଜୀବନର ଶେଷ ଦଶା ପର୍ଯ୍ୟନ୍ତ ଏହି ଆଦର୍ଶରୁ ବିଚ୍ୟୁତ ହୋଇ ନ ଥିଲେ । ସେହିପରି ବର୍ତ୍ତମାନର ଛାତ୍ରଛାତ୍ରୀ ମାନେ ଗାନ୍ଧିଜୀଙ୍କ ବାଣୀ ଓ ବିଚାରକୁ ଅନୁକରଣ କରି ସତ୍ୟ,ଅହିଂସା ଓ ବ୍ରହ୍ମଚର୍ଯ୍ୟ ପାଳନ ପୂର୍ବକ ରାଷ୍ଟ୍ରସେବାରେ ଆତ୍ମନିୟୋଗ କରନ୍ତୁ ବୋଲି ପରାମର୍ଶ ଦେଇଥିଲେ । ଅନ୍ୟତମ ଆଲୋଚକ ବିଶିଷ୍ଟ ଶିକ୍ଷାବିତ ଅରବିନ୍ଦ ମହାପାତ୍ର କହିଥିଲେ ଯେ, ଅଜ୍ଞତା, ନିରକ୍ଷରତା ଓ ଦାରିଦ୍ର୍ୟ ହେଉଛି ଏହି ଦେଶର କଳଙ୍କ । ଏହାର ମୂଳୋତ୍ପାଟନ ପାଇଁ ସମାଜର ସବୁ ସ୍ତରରୁ ଉଦ୍ୟମ ହେବାର ଆବଶ୍ୟକତା ରହିଛି । ଏହାଛଡା ସେ ମହାତ୍ମା ଗାନ୍ଧୀଙ୍କ ନୀତି ଓ ଆଦର୍ଶ ସମ୍ପର୍କରେ ଚର୍ଚ୍ଚା କରିବା ସହ ନୃସିଂହ ଗୁରୁଙ୍କ ତ୍ୟାଗପୂତ ଜୀବନ ଉପରେ ଆଲୋକପାତ କରିଥିଲେ ।

ସ୍ମୃତି ସମିତିର ସମ୍ପାଦକ ହେମନ୍ତ କୁମାର ମହାପାତ୍ର କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଜ୍ଞାପନ



କରି କହିଥିଲେ ଯେ, ସ୍ଥାନୀୟ ତଥା ଜାତୀୟ ସ୍ୱାଧୀନତା ସଂଗ୍ରାମୀ ଓ ବରପୁତ୍ର ମାନଙ୍କ ବିଷୟରେ ଛାତ୍ରଛାତ୍ରୀଙ୍କୁ ଅବଗତ କରିବା ନିମନ୍ତେ ସମିତି ପକ୍ଷରୁ ଏହି ସପ୍ତାହବ୍ୟାପୀ କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି ।

ମହାବିଦ୍ୟାଳୟର ପ୍ରଫେସର ଦୁର୍ଲଭ କୁମାର ସା ଓ ଡକ୍ଟର ରଘୁମଣୀ ନାଏକ ପ୍ରମୁଖ ଏହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ଡକ୍ଟର ବିଶ୍ୱ ମୋହନ ଜେନା ଛାତ୍ରଛାତ୍ରୀ ମାନଙ୍କୁ ଜାତୀୟ ସଂହତିର ଶପଥ ପାଠ କରାଇଥିଲେ । ଶେଷରେ ଡକ୍ଟର ହରିହର ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ ।

# ବିଶିଷ୍ଟ ସାହିତ୍ୟିକ ପଞ୍ଚାନନ ମିଶ୍ର ଆଉ ନାହାନ୍ତି

ସମ୍ବଲପୁର : ଇଂରାଜୀ ବିଭାଗର ଅବସରପ୍ରାପ୍ତ ପ୍ରାଧାପକ ତଥା ବିଶିଷ୍ଟ ସାହିତ୍ୟିକ ପଞ୍ଚାନନ ମିଶ୍ରଙ୍କର ୭୨ ବର୍ଷ ବୟସରେ ପରଲୋକ ହୋଇ ଯାଇଛି । କିଛିଦିନ ଧରି ସେ ହୃଦ୍ ରୋଗରେ ପୀଡ଼ିତ ଥିଲେ । ଜଣେ ଛାତ୍ରବତ୍ସଳ ଅଧାପକ ଭାବରେ ପରିଚିତ ଶ୍ରୀ ମିଶ୍ର ଇଂରାଜୀ ବିଭାଗର ଅଧାପକ ଥିଲେ ମଧ ଓଡ଼ିଆ ଭାଷାରେ ତାଙ୍କର ବିଶେଷ ଦଖଲ ରହିଥିଲା । ହେ ମୋର ଅନୁଚ୍ଚାରିତ ଶବ୍ଦମାନେ, ସୀତାଙ୍କ ଶେଷରାତି, ସବ୍ୟସାଚୀର ଶୋକ, ଅନ୍ଧାରେ ଆଲୋକ ରାସ, ଲବଙ୍ଗ ଦ୍ୱୀପର ଲାବଣ୍ୟବତୀ, ଅର୍ଦ୍ଧନାରୀଶ୍ୱରଙ୍କ ଅର୍ଦ୍ଧଚନ୍ଦ୍ର, ପୁରୁରବାର ପୂର୍ବ ରାଗ, କବିତା କଦମ୍ବ, ଉଲଗ୍ନ ଆକାଶ, ଆଦିନାରୀ, ଜୀବନାୟନ, ପରକାୟା ପରକୀୟା (କବିତା ସଙ୍କଳନ), ସାହିତ୍ୟ ସମାଲୋଚନା ତାତ୍ତ୍ୱିକ ଓ ପ୍ରାୟୋଗିଗ ପ୍ରସଙ୍ଗ ପ୍ରଥମ ଭାଗ ଓ ଦ୍ୱିତୀୟ ଭାଗ, କବି ବିନୋଦ ଚନ୍ଦ୍ର ନାୟକଙ୍କ କାବ୍ୟ କଳା ଓ ଜୀବନ ଦୃଷ୍ଟି , ଫକୀର ମୋହନଙ୍କ ଛ ମାଣ ଆଠ ଗୁଣ୍ଠ ଭିନ୍ନ ଦୃଷ୍ଟି ଭିନ୍ନ ବାଖ୍ୟା, ପାଶ୍ଚାତ୍ୟ ସମାଲୋଚନା ତତ୍ତ୍ୱ (ପ୍ରବନ୍ଧ), ରିଲକେଙ୍କ ଟୁଇନୋ ଏଲିଜି ଗୁଚ୍ଛ, ଜଗନ୍ନାଥ ପ୍ରସାଦଙ୍କ ଜୀବନୀ ଓ କୃତି, ଶ୍ରୀମଦ ଭାଗବତ ଗୀତା



କର୍ମଯୋଗ ଗୀତା (ଅନୁବାଦ), ବସନ୍ତ କୁମାର ଶତପଥୀଙ୍କ ନିର୍ବାଚିତ ପ୍ରବନ୍ଧ ମାଳା (ସମ୍ପାଦନା) ଦ ଉଇଣ୍ଡ ଏମଙ୍ଗ ଦ ପାଇନ୍ସ , ଲଭ ସଙ୍ଗ ଅଫ ୧୯ କାଓଭର୍ଡ ଗାଲସ, (ଇଂରାଜୀ), ମିଥ ଏଜ । ଏଟିକ ଡିସକୋର୍ସ, ଏ ଷ୍ଟଡି ଅଫ ଡବ୍ଲୁ ବି ୟିଟସ ଆଣ୍ଡ ଟି ଏସ ଏଲିଇଟ (ସମାଲୋଚନା) ପ୍ରଭୃତି ପୁସ୍ତକର ସେ ସ୍ରଷ୍ଟା ଥିଲେ । ନିଜର ଅନବଦ୍ୟ ସାହିତ୍ୟ ସୃଷ୍ଟି ପାଇଁ ସେ ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର ସହ ଆହୁରି ଅନେକ ସାହିତ୍ୟିକ ଅନୁଷ୍ଠାନ ପକ୍ଷରୁ ସମ୍ମାନିତ ଓ ସମ୍ବର୍ଦ୍ଧିତ ହୋଇଥିଲେ ।

# ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟରେ 'ଇ- ଅଫିସ୍' ଉଦଘାଟିତ



ସମ୍ବଲପୁର : ପ୍ରଶାସନରେ ସ୍ୱଚ୍ଛତା ଏବଂ ନଥିପତ୍ର ବ୍ୟବହାରରେ କାର୍ଯ୍ୟାଳୟକୁ କାଗଜମୁକ୍ତ କରାଯିବା ପାଇଁ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟରେ ଇ-ଅଫିସ୍ ପ୍ରକଳ୍ପ ଆରମ୍ଭ ହୋଇଛି । କୁଳପତି ପ୍ରଫେସର ଏନ୍. ନାଗରାଜୁ ଏହା ଉଦ୍‌ଘାଟନ କରିଥିଲେ । ଏନଆଇସି ସହଯୋଗରେ ସିଏମଜିଆଇ ପକ୍ଷରୁ ଏହି ଆପ୍ଲିକେଶନ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ଆବଶ୍ୟକତା ଅନୁଯାୟୀ ଇ-ଅଫିସ୍ ସକାଶେ ପ୍ରସ୍ତୁତ କରାଯାଇଛି । ଏହି ଇ-ଅଫିସ୍ ରାଜ୍ୟ ସରକାରଙ୍କ ୫-ଟି ଇ-ଗଭର୍ଣ୍ଣାନ୍ସର ଏକ ଅଂଶ ବିଶେଷ । ଏହାଦ୍ୱାରା ସ୍ୱଚ୍ଛତା, ପ୍ରଯୁକ୍ତିବିଦ୍ୟା, ଦଳଗତ କାର୍ଯ୍ୟ, ସମୟ ଏବଂ ପରିବର୍ତ୍ତନ ହାସଲ ହୋଇପାରିବ । ଇ ଅଫିସ୍ ଲାଗୁ ହେଲେ ଗୁଣବତ୍ତା ଏବଂ ତଦାରଖ ସହଜ ହେବା ସହିତ ଉତ୍ତରଦାୟିତ୍ୱ ମଧ ବୃଦ୍ଧି ପାଇବ । ପ୍ରଶାସନିକ କାର୍ଯ୍ୟ ଶୀଘ୍ର ଓ ପ୍ରଭାବଶାଳୀ ହେବ । ଉଦଘାଟନୀ କାର୍ଯ୍ୟକ୍ରମରେ ସ୍ନାତକୋତ୍ତର ସମୂହ ଅଧକ୍ଷ ପ୍ରଫେସର ମୋହସିନ ମହମ୍ମଦ, ସିଏମଜିଆଇ ରାଜ୍ୟ ସଂଯୋଜକ ପିନାକୀ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମକୁ ଉପକୁଳସଚିବ ଡକ୍ଟର ଉମାଚରଣ ପତି ସଂଯୋଜନା କରିଥିବା ବେଳେ କୁଳସଚିବ ଶ୍ରୀମତୀ ଯୁଗଳେଶ୍ୱରୀ ଦାଶ ସ୍ୱାଗତ ଭାଷଣ ଦେଇଥିଲେ ।

# ପାଲା ଗାୟିକା କୁମୁଦିନୀ ପଟେଲଙ୍କ ପୁସ୍ତକ 'ଲକ୍ଷ୍ମୀଙ୍କ ଜନ୍ମ ଓ ଲକ୍ଷ୍ମୀ ସ୍ୱୟମ୍ବର' ଉନ୍ମୋଚିତ





ସମ୍ବଲପୁର : ସିଦ୍ଧେଶ୍ୱରୀ ଧର୍ମ ସଂସଦ ତଥା ଦିବ୍ୟ ଦର୍ଶନ ସଂଘ ପକ୍ଷରୁ ଦିବ୍ୟ ମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ରଘୁନାଥ ମିଶ୍ର ମୁଖ୍ୟ ଅତିଥି, ବରିଷ୍ଠ ସାମ୍ବାଦିକ ହେମନ୍ତ କୁମାର ମହାପାତ୍ର ଓ ଶିକ୍ଷାବିତ୍ ଅରବିନ୍ଦ ମହାପାତ୍ର ସମ୍ମାନିତ ଅତିଥି ଏବଂ ସମଲେଶ୍ୱରୀ ପାଲା ପରିଷଦର ସଭାପତି ରାଧେଶ୍ୟାମ ପଣ୍ଡା ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ । ଏହି ଅବସରରେ ବରିଷ୍ଠ ପାଲା ଗାୟିକା କୁମୁଦିନୀ ପଟେଲଙ୍କ ରଚିତ 'ଲକ୍ଷ୍ମୀ ଜନ୍ମ ଓ ଲକ୍ଷ୍ମୀ ସ୍ୱୟମ୍ବର' ପୁସ୍ତକ ଅତିଥି ମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା । ସେହିପରି କୁଚିଣ୍ଡା ସବ୍ ଡିଭିଜନ ଅନ୍ତର୍ଗତ ଜୁନାନୀ ଗ୍ରାମର ପାଲା ଗାୟିକା ବର୍ଷାରାଣୀ ଅଇନଙ୍କୁ ସମ୍ମାନିତ କରାଯାଇଥିଲା । ସଂଘର ସଭାପତି ଗୋପୀନାଥ ଷଡଙ୍ଗୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ସଭାରେ ସମ୍ପାଦକ ସୁଶାନ୍ତ କୁମାର ପଣ୍ଡା ପ୍ରାରମ୍ଭିକ ସୂଚନା ଓ କାର୍ତ୍ତିକ ପ୍ରସାଦ ବହିଦାର ମାନପତ୍ର ପାଠ କରିଥିଲେ । ଶେଷରେ ଅଞ୍ଜନା ସୃଷ୍ଟି ଧନ୍ୟବାଦ ଅର୍ପଣ କରିଥିଲେ । ଏଥିରେ ଜନ୍ମେଜୟ ବାବୁ, ଶଙ୍କର୍ଷଣ ଆଚାର୍ଯ୍ୟ, ସୁଧାଂଶୁ ଶେଖର ନାଥ, ଅଶୋକ ପଟେଲ ଓ ସବିତା ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ ।

Printed, Published and Owned by Hemanta Kumar Mahapatra, Printed at Impressions Press, Sambalpur, Office Phone: 0663-2400945
e-mail: hemantamahapatra@yahoo.com Editor : Hemanta Kumar Mahapatra